

'ବାରଣାସୀ'କୁ ନେଇ ଚର୍ଚ୍ଚା
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-115 ◆WEDNESDAY ◆22 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୫ ◆ବୁଧବାର ◆୨୨ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଦୀପାବଳି ବେପାର ୬ ଲକ୍ଷ କୋଟି

- ଗତ ବର୍ଷ ତୁଳନାରେ ବ୍ୟବସାୟ ୨୫% ବୃଦ୍ଧି
- ସେବା କ୍ଷେତ୍ରରେ କାରବାର ୬୫ ହଜାର କୋଟି

■ନୂଆଦିଲ୍ଲୀ,୨୧।୧୦(ଏଜେନ୍ସି: ଚଳିତ ବର୍ଷର ଦୀପାବଳି ଉତ୍ସବ କେବଳ ଆଲୋକ ଏବଂ ମିଠାର ପର୍ବ ନ ଥିଲା, ଏହା ଭାରତୀୟ ଅର୍ଥନୀତି ପାଇଁ ଉତ୍ସାହଜନକ ପରିବେଶ ଥିଲା । ଏହି ସମୟରେ ଜାତୀୟ ବଜାର ପୂର୍ବବର୍ଷ କାରବାରର ସମସ୍ତ ରେକର୍ଡ ଭାଙ୍ଗିଦେଇଛି । ଏଥର ସାରା ଦେଶରେ ୬ ଲକ୍ଷ କୋଟିରୁ ଅଧିକ ଟଙ୍କାର କାରବାର ହୋଇଛି । ଗତବର୍ଷ ଏହି ସମୟରେ ୪.୨୫ ଲକ୍ଷ କୋଟି ଟଙ୍କାର କାରବାର ହୋଇଥିବା ବେଳେ ଏଥର ଏଥିରେ ୨୫ ପ୍ରତିଶତ ବୃଦ୍ଧି ପାଇ ୬ ଲକ୍ଷ କୋଟିରୁ ଅଧିକରେ ପହଞ୍ଚିଛି । ଏହାକୁ ଦେଶର ବ୍ୟବସାୟ ଇତିହାସରେ ସବୁଠାରୁ ବଡ଼ ଉତ୍ସବ ବିକ୍ରି (ଫେଷ୍ଟିଭ୍ ସେଲ୍) ବୋଲି କୁହାଯାଉଛି । ଏହି ସମୟରେ ୫.୪୦ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିବା ବେଳେ ସେବା କ୍ଷେତ୍ରରେ ୬୫ ହଜାର କୋଟି ଟଙ୍କାର ରେକର୍ଡ କାରବାର ହୋଇଛି ।



କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍)ର ସର୍ଭେ ରିପୋର୍ଟ ଅନୁଯାୟୀ, ଏହି ବମ୍ପର ବିକ୍ରି କୌଣସି ଗୋଟିଏ କ୍ଷେତ୍ର ।ରେ ସୀମିତ ନ ଥିଲା । ରାସନ ସାମଗ୍ରୀ ଠାରୁ ଆରମ୍ଭ କରି, ମୋଟର ଯାନ, ଇଲେକଟ୍ରୋନିକ୍ସ ସାମଗ୍ରୀ, ସୁନା ଏବଂ ରୁପା ଅଳଙ୍କାର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ବିକ୍ରି ବଟାରେ ଇତିହାସ ସୃଷ୍ଟି ହୋଇଛି । କ୍ୟାଟ୍ର ଜାତୀୟ ସଭାପତି ବି.ସି. ଭରତିଆ କହିଛନ୍ତି ଯେ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ କିଣାକିଣି ଜୋରଦାର ହୋଇଛି । ନବରାତ୍ରି (୨୯ ସେପଟେମ୍ବର)ରୁ ଦୀପାବଳି (୨୦ ଅକଟୋବର) ମଧ୍ୟରେ ହୋଇଥିବା କାରବାରକୁ ଫେଷ୍ଟିଭ୍ ସିଜିନ ରୂପେ ବିଚାର କରାଯାଉଛି । ଏହି ସମୟ ମଧ୍ୟରେ ସର୍ବାଧିକ କାରବାର ଗ୍ରସରି ଏବଂ ଏଫ୍ଏମ୍ସିଜି (ରାସନ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ)ର ଭାଗ ସର୍ବାଧିକ ୧୨%ଥିଲା । ଉତ୍ସବ ଋତୁରେ ସମୃଦ୍ଧିର ପ୍ରତୀକ ଭାବରେ ବିବେଚିତ ସୁନା ଏବଂ ରୁପା ଅଳଙ୍କାର କାରବାର ୧୦% ସହ ଦ୍ୱିତୀୟ ସ୍ଥାନରେ ରହିଛି । ▶ପୃଷ୍ଠା-୭

# ପଛକୁ ପଛ ଆସୁଛି ୩ ଲଘୁଚାପ

## ଧାନ କ୍ଷେତକୁ ବାତ୍ୟା ଓ ବର୍ଷା ଭୟ

■ଭୁବନେଶ୍ୱର,୨୧।୧୦(ସମିସ): କ୍ଷେତରେ ଲହଡ଼ି ଭାଙ୍ଗୁଛି ଧାନ ଫସଲ । କିଛି ଅଞ୍ଚଳରେ ଧାନ ପାଚିବା ପାଚିବା ଅବସ୍ଥାରେ ପହଞ୍ଚି ଥିବା ବେଳେ ଅନେକ ସ୍ଥାନରେ ପାଚିଲା ଧାନ କ୍ଷେତରେ ଲହଡ଼ି ମାରୁଛି । ଅନୁକୂଳ ମୌସୁମୀ ଯୋଗୁଁ ଚଳିତ ବର୍ଷ ଆଶାନୁରୂପ ଅମଳ ହେବ ବୋଲି ଚାଷୀ ଅନୁମାନ କରୁଛନ୍ତି । ଏହି ସମୟରେ ବଙ୍ଗୋପସାଗରରେ ପଛକୁ ପଛ ୩ଟି ଲଘୁଚାପ ରାଜ୍ୟର ଚାଷୀଙ୍କ ନିଦ ହଜାଇ ଦେବା ସହ ଚିନ୍ତାର କାରଣ ପାଲଟିଛି । ବର୍ଷା କି ପବନ ହେଲେ ଧାନ କ୍ଷେତ ଗଭୀର ଭାବରେ ପ୍ରଭାବିତ ହେବ ଓ ଅମଳ କମିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି ।

ସମ୍ପ୍ରତି ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି । ବର୍ତ୍ତମାନ ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ରହିଥିବା ବେଳେ ପଶ୍ଚିମ-ଉତ୍ତର ପଶ୍ଚିମକୁ ଦିଗକୁ କରୁଛି । ବୁଧବାର ଅପରାହ୍ଣ ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ଘନୀଭୂତ ହୋଇ ଉତ୍ତର ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡକୁ ଗତି କରିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ନେଇ ମଧ୍ୟ ଅନୁମାନ କରାଯାଇଛି ।

ମାତ୍ର ଏହି ଲଘୁଚାପ ପଛେପଛେ ଚଳିତ ସପ୍ତାହ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ପର୍କରେ ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି । ବିଭିନ୍ନ ମଡ଼େଲରେ ଏ ସମ୍ପର୍କରେ ପୂର୍ବାନୁମାନ କରାଯାଇଥିବା ବେଳେ କିଛି ପାଣିପାଗ ବିଜ୍ଞାନୀ ରାଜ୍ୟରେ ବର୍ଷା ହେବା ଆଶଙ୍କା କରିଛନ୍ତି । ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଚଳିତ ସପ୍ତାହ ବଙ୍ଗୋପସାଗରରେ ଦୁଇଟି ଲଘୁଚାପର ସମ୍ଭାବନା ରହିଛି । ବର୍ତ୍ତମାନ ଗୋଟିଏ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଆଉ



ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ଆଶଙ୍କା

ଗୋଟିଏ ଲଘୁଚାପ ଆଗକୁ ସୃଷ୍ଟି ହେବ । ବଙ୍ଗୋପସାଗରରେ ଚଳିତ ସପ୍ତାହ ସମୁଦ୍ର ଓ ଉପରିସ୍ଥ ବାୟୁମଣ୍ଡଳର ପ୍ରତିକୂଳ ପରିସ୍ଥିତି ଯୋଗୁଁ ବର୍ତ୍ତମାନ ରହିଥିବା ଲଘୁଚାପ ୨୪ ତାରିଖ ସୁଦ୍ଧା ଘନୀଭୂତ ନ ହୋଇ ୨୪-୨୫ ମଧ୍ୟରେ ସମ୍ଭାବ୍ୟ ଦ୍ୱିତୀୟ ଲଘୁଚାପ ସହିତ ମିଶି ଅନ୍ୟ ଗୋଟିଏ ପାଣିପାଗ ନିୟାମକ (ସିଷ୍ଟମ) ହେବ । ତେବେ ଏହା କେବେ ଓ କେତେ ଘନୀଭୂତ ହେବ ଏବଂ ଗତିପଥ କ'ଣ ରହିବ ତାହା ବର୍ତ୍ତମାନ ଅନିଶ୍ଚିତତା ମଧ୍ୟରେ । ଏହା ୨୪ ତାରିଖ ବେଳକୁ ସ୍ପଷ୍ଟ ହେବ । ବର୍ତ୍ତମାନ ସାମୁଦ୍ରିକ ବାୟୁର ପ୍ରବାହ ଯୋଗୁଁ ଉତ୍ତରା ଥଣ୍ଡା ପବନ ରାଜ୍ୟକୁ ଆସିପାରୁ ନାହିଁ । ସପ୍ତାହେ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ । ଏହାସହିତ ମଝିରେ ମଝିରେ ବର୍ଷା ଓ ମେଘୁଆ ପାଗର ମଧ୍ୟ ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି ଯେ ବର୍ତ୍ତମାନର ଲଘୁଚାପ ଦକ୍ଷିଣ-ପଶ୍ଚିମ ଆଡ଼କୁ ଗତି କରିବା ନେଇ ଜଣାପଡୁଛି । ଏହା ଆରବ ସାଗର ଆଡ଼କୁ ବି ଯାଇପାରେ । ଏହା ପ୍ରଭାବରେ ଓଡ଼ିଶାରେ ୨୪ରୁ ୨୬ ଭିତରେ ବର୍ଷା ହୋଇପାରେ । ଆଭ୍ୟନ୍ତରୀଣ ଓଡ଼ିଶାରେ ମାତ୍ରାଧିକ ବର୍ଷା ହେବାର ସମ୍ଭାବନା ରହିଛି । ଏହାପରେ ବଙ୍ଗୋପସାଗରରେ ଆଉ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଗୋଟିଏ ୨୬ ବା ୨୭ ତାରିଖରେ ଓ ଅନ୍ୟଟି ୨୮ ବା ୨୯ ତାରିଖରେ ସୃଷ୍ଟି ହୋଇପାରେ । ତୃତୀୟ ଲଘୁଚାପ କ୍ଷେତ୍ର ତାମିଲନାଡୁ ଆଡ଼କୁ ଗତି କରିପାରେ । ତେବେ ଦ୍ୱିତୀୟ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ସମ୍ଭାବନା ରହିଛି । ଯଦିଓ ବର୍ତ୍ତମାନ ବାତ୍ୟା ପାଇଁ ପାଗ ଅନୁକୂଳ ଅଛି; କିନ୍ତୁ ଏକାଧିକ ଲଘୁଚାପ ସୃଷ୍ଟି ହେବା କାରଣରୁ ଏଗୁଡ଼ିକ ଘନୀଭୂତ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ▶ପୃଷ୍ଠା-୭

# ଦୀପାବଳି ପ୍ରଦୂଷଣ: ଦିଲ୍ଲୀକୁ ଟପିଲା ଭୁବନେଶ୍ୱର



## କେବଳ କାଗଜ କଲମରେ କଟକଣା, ୬୫୭ରେ ପହଞ୍ଚିଲା ବାୟୁର ଗୁଣବତ୍ତା

■ ଭୁବନେଶ୍ୱର, ୨୧।୧୦(ସମିସ): ଦୀପାବଳି ବାଣ ପ୍ରଦୂଷଣରେ ଜାତୀୟ ରାଜଧାନୀ ଦିଲ୍ଲୀକୁ ଟପିଛି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର । ପ୍ରଦୂଷଣ କ୍ଷେତ୍ରରେ ସାରା ଦେଶରେ ଦିଲ୍ଲୀ ସବୁଠାରୁ ଅପଖ୍ୟାତି ଅର୍ଜନ କରିଥିବା ସମୟରେ ଭୁବନେଶ୍ୱର ତାହାକୁ ବି ଅତିକ୍ରମ କରିଛି । ଗତକାଲି ଏକ ସମୟରେ ବାୟୁର ଗୁଣବତ୍ତାମାନ ରାଜଧାନୀ ଭୁବନେଶ୍ୱରରେ ୬୦୦ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ଅତିକ୍ରମ କରିଛି । ଯାହା ଅତ୍ୟନ୍ତ ଦୂଷିତ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଭାବରେ ଗଣାଯାଇଛି । ଦ୍ୱୈତନଗରୀ କଟକ-ଭୁବନେଶ୍ୱର ପାଇଁ ଜାରି କମିଶନରେଟ ପୁଲିସର କଟକଣା କେବଳ କାଗଜକଲମରେ ସୀମିତ ରହିଛି ।

ଦୀପାବଳି ଦିନ ଭୋର ସମୟରେ ରାଜଧାନୀର ବାୟୁସ୍ତର ବେଶ୍ ସ୍ୱଚ୍ଛ ଥିଲା ଓ ଏକ୍ୟୁଆଇ ୮୪ ରହିଥିଲା । ଦିନ ୧୨ ଟା ସୁଦ୍ଧା ପଟିଆ ଅଞ୍ଚଳରେ ଏକ୍ୟୁଆଇ୧୦୫ ରହିଥିବା ବେଳେ ଲିଙ୍ଗରାଜ ମନ୍ଦିର ଏରିଆରେ ଏକ୍ୟୁଆଇ ୧୩୮ ରହିଥିଲା । ହେଲେ ସନ୍ଧ୍ୟାରେ ବାଣ ଫୁଟା ଆରମ୍ଭ ସହ ସହରର ପ୍ରଦୂଷଣ ବଢ଼ିବାକୁ ଲାଗିଥିଲା । ଏମିତି କି କିଛି କିଛି ସ୍ଥାନରେ ସନ୍ଧ୍ୟା ୭ଟା ସୁଦ୍ଧା ଏକ୍ୟୁଆଇ ୬୦୦ରେ ପହଁଚିଯାଇଥିଲା । ଏହି ପ୍ରଦୂଷଣର ମାତ୍ରା ରାତି ସାଢ଼େ ୧୧ଟା ବେଳକୁ ୬୫୭ରେ ପହଁଚିଥିଲା । ଯାହାଦ୍ୱାରା ▶ପୃଷ୍ଠା-୭

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ଫେଲ୍ ହୋଇଥିଲା ପ୍ଲାନ୍ 'ଏ'

■ ବ୍ରହ୍ମପୁର,୨୧।୧୦(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି । ଥରେ କି ଦୁଇଥର ନୁହେଁ, ପୀତବାସଙ୍କୁ ହତ୍ୟା ପାଇଁ ଅପରାଧୀମାନେ ବାରମ୍ବାର ଯୋଜନା କରିଥିଲେ ହେଁ ତାହା ସଫଳ ହୋଇ ନ ଥିଲା । ତେବେ ଶେଷଥର ପ୍ରସ୍ତୁତ ହୋଇଥିବା ଦୁଇଟି ଯୋଜନା ମଧ୍ୟରୁ ଗୋଟିଏ ସଫଳ ହୋଇଥିଲା । ଏଥିପାଇଁ ଦୁଇସ୍ତରୀୟ ଯୋଜନା ହୋଇଥିଲା; 'ପ୍ଲାନ ଏ' ଓ 'ପ୍ଲାନ୍ ବି' । ବିହାରୀ ସାର୍ପ ସୁଟରମାନଙ୍କୁ 'ପ୍ଲାନ୍ ଏ' ଯୋଜନାରେ ସ୍ଥାନ ଦିଆଯାଇଥିଲା ଓ 'ପ୍ଲାନ ବି'ରେ ସ୍ଥାନୀୟ କିଛି ଅପରାଧୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା । ତେବେ କୌଣସି କାରଣରୁ 'ପ୍ଲାନ ଏ' ଫେଲ୍ ହୋଇ ଯାଇଥିଲା ଓ ପ୍ଲାନ୍ ବି ଅନୁସାରେ ସ୍ଥାନୀୟ ଯୁବକ ପୀତବାସଙ୍କୁ ହତ୍ୟା କରିବାକୁ ସକ୍ଷମ ହୋଇଥିଲେ ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ବିଭିନ୍ନ କାରଣରୁ ପୀତବାସଙ୍କ ଶତ୍ରୁସଂଖ୍ୟା ଥିଲା ଅସଂଖ୍ୟ । କୌତୂହଳର ବିଷୟ ହେଉଛି ଏକଦା ପୀତବାସଙ୍କ ଅତ୍ୟନ୍ତ ଘନିଷ୍ଠ ଥିବା ଜଣେ ବ୍ୟକ୍ତି ତାଙ୍କର ଚରମ ଶତ୍ରୁରେ ପରିଣତ ହୋଇଥିଲେ । ତାଙ୍କ ହତ୍ୟା ଘଟଣା ପଛରେ ତାଙ୍କର ପ୍ରଚ୍ଛନ୍ନ ହାତ ଥିବା ପୁଲିସ ସନ୍ଦେହ କରୁଛି । ପୂର୍ବ ଶତ୍ରୁତା

- ପୂର୍ବତନ ମେୟରଙ୍କ ସହ ୧୪ ଅଟକ, ୨ ବନ୍ଧୁକ ଜବତ
- ବିହାରୀ ନୁହେଁ ସ୍ଥାନୀୟ ଅପରାଧୀ ଭିଆଇଛନ୍ତି କାଣ୍ଡ
- ଖୁବ୍ଶୀଘ୍ର ପର୍ଦ୍ଦାଫାସ: ଆଇଜି

କାରଣରୁ ସେହି ବ୍ୟକ୍ତି ପୀତବାସଙ୍କୁ ରାସ୍ତାରୁ ହଟାଇବାକୁ ଷଡ଼ଯନ୍ତ୍ର କରିଥିଲେ ଓ ଏଥିପାଇଁ କିଛି ବିହାରୀ ଅପରାଧୀଙ୍କୁ ସୁପାରି ଦେଇଥିଲେ । ସମ୍ପୃକ୍ତ ସାର୍ପସୁଟରମାନେ ବ୍ରହ୍ମପୁରରେ ଡ଼େରା ପକାଇଥିଲେ ଓ ପୀତବାସଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ପୀତବାସ ▶ପୃଷ୍ଠା-୭

# ବିଦ୍ୟୁତ୍ ଆଘାତରେ ୩ ମୃତ

- ଭଜନ ଶୁଣିବାକୁ ଯାଇ ଗଲା ୨ ଜୀବନ
- ବରଗଡ଼ ଜେଲ୍ରେ କଏଦୀଙ୍କ ମୃତ୍ୟୁ

■ ସାକ୍ଷୀଗୋପାଳ/ବରଗଡ଼, ୨୧।୧୦(ସମିସ): ଗତ ୨୪ ଘଣ୍ଟାରେ ବିଦ୍ୟୁତ୍ ଆଘାତରେ ରାଜ୍ୟରେ ୩ଜଣଙ୍କ ମୃତ୍ୟୁ ହୋଇଛି । ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା' ଦକ୍ଷିଣ କାଳୀ ମନ୍ଦିର ନିକଟରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବରଗଡ଼ ଜେଲ୍ର ଜଣେ ବିଚାରାଧୀନ କଏଦୀ ପ୍ରାଣ ହରାଇଛନ୍ତି ।

ଦୀପାବଳି ରାତିରେ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା' ଦକ୍ଷିଣ କାଳୀଙ୍କ ମନ୍ଦିର ନିକଟରେ ଏକ ଭଜନ ସଂଧ୍ୟା ଚାଲିଥିଲା । ରାତି ପ୍ରାୟ ୧୨ଟାରେ ମଞ୍ଚ ପାର୍ଶ୍ୱରେ ଜଣେ ପୁରୁଷ ଓ ଜଣେ ମହିଳା ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ଗୁରୁତର ଆହତ ହୋଇଥିଲେ । ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର ଆଗ୍ନିକମାନେ ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ବୀରଗୋବିନ୍ଦପୁର ଗ୍ରାମରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ଦୀପସ୍ମିତା ରାୟ ପ୍ରାଥମିକ ଚିକିତ୍ସା ପରେ ଆହତଦ୍ୱୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । କିନ୍ତୁ ସେଠାରେ ଦୁହିଁଙ୍କର ମୃତ୍ୟୁ ▶ପୃଷ୍ଠା-୭

# ବିଜେଡି ମହିଳା କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

■ ଜଗତସିଂହପୁର, ୨୧।୧୦ (ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପଟସରା ଗ୍ରାମର ବିଜେଡି କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଗ୍ରାମର ଅନିରୁଦ୍ଧ ରାଉତ ତାଙ୍କୁ ଘରୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି । ଗାଁର କିଛି ପୁରୁଷ ଓ ମହିଳା ମଧ୍ୟ ସାମିଲ ହୋଇ ରଶ୍ମିଙ୍କୁ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତାଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।



ଅନିରୁଦ୍ଧ ରାଉତ ଗତକାଲି ନିଶା ସେବନ କରି ରଶ୍ମିଙ୍କ ଘର ନିକଟରେ ପହଞ୍ଚିଥିଲେ । ସେଠାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଘରୁ ବାହାରି ଆସିବାକୁ କହିଥିଲେ । ରଶ୍ମି ନ ଆସିବାରୁ ଅନିରୁଦ୍ଧ ତାଙ୍କ ଘର ଭିତରେ ପଶି ରଶ୍ମିଙ୍କୁ ବାହାରକୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ମାଡ଼ ମାରିଥିଲେ । ଏହା ଦେଖି ରଶ୍ମିଙ୍କ ସ୍ୱାମୀ ଦୁଃଖୀଶ୍ୟାମ ରାଉତ ଓ ▶ପୃଷ୍ଠା-୭

### ଘଟଣାକୁ ନବୀନଙ୍କ ଦୃଢ଼ ନିନ୍ଦା

## ଗ୍ରହଣୀୟ ନୁହେଁ ଅଶାନ୍ତି, ଆତଙ୍କରାଜ



■ ଭୁବନେଶ୍ୱର,୨୧।୧୦(ସମିସ): ଜଗତସିଂହପୁରରେ ବିଜୁ ଜନତା ଦଳର କର୍ମୀ ରଶ୍ମି ପରିଜାଙ୍କ ଉପରେ ହୋଇଥିବା ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ନବୀନ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ମହିଳାଙ୍କ ଉପରେ ବଢୁଥିବା ଏପରି ଘଟଣା କଦାପି ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି । ଶାନ୍ତିପ୍ରିୟ ଓଡ଼ିଶାରେ ଅଶାନ୍ତିର ଏ ବାତାବରଣ ଜନମାନସରେ ଆତଙ୍କ ସୃଷ୍ଟି କରିଛି । ରାଜ୍ୟରେ ଅସାମାଜିକ ବ୍ୟକ୍ତି ଅପରାଧ ଘଟାଇବାକୁ ଭୟ କରୁନାହାନ୍ତି; ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ସରକାର ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ବଜାୟ ରଖନ୍ତୁ ବୋଲି ନବୀନ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

# ଚୌଦ୍ୱାର ଜେଲ୍ରେ ଗ୍ୟାଙ୍ଗ୍‌ୱାର୍ !

■କଟକ/ଚୌଦ୍ୱାର,୨୧।୧୧(ସମିସ): ଦଶହରା ରାତିରେ ୨ ଦୁର୍ଦ୍ଦାନ୍ତ ବିହାରୀ ଅପରାଧୀ ଜେଲ୍ କାନ୍ଥ ଡେଇଁ ଫେରାର୍ ହେବା ଘଟଣାକୁ ଦିନ କେଇଟା ବିତି ନଥିବା ବେଳେ ଗତକାଲି ଭୋର୍ରେ ଜଣେ କଏଦୀଙ୍କୁ ମରଣାନ୍ତକ ଆକ୍ରମଣ, ପୁଣିଥରେ




ଚୌଦ୍ୱାର ମଣ୍ଡଳ କାରଗାର ପାଇଁ ବଦନାମ ଆଣିଛି । ଆକ୍ରମଣର ଶିକାର କଏଦୀଜଣଙ୍କ ହେଲେ, କବି ସେଠ । ସେ ୱାର୍ଡ ନମ୍ବର ୬୨ର ଅନ୍ତେବାସୀ । ଗତକାଲି ଭୋର୍ରେ ସେ ଶୋଇଥିବା ବେଳେ ଅନ୍ୟ ଜଣେ କଏଦୀ ତାଙ୍କ ସେଲ୍ରେ ପଶି ମାଙ୍କଡ଼ା ପଥର ତାଙ୍କ ମୁଣ୍ଡକୁ ଛେଚି ଦେଇଛନ୍ତି । ଗୁରୁତର କବିଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ତାଙ୍କ ମୁଣ୍ଡରେ ୩୫ଟି ଷ୍ଟିଚ୍ ପଡ଼ିଛି । ଜେଲ୍ ଭିତରେ ୨ ଗୋଷ୍ଠୀ ମଧ୍ୟରେ ବିବାଦରୁ କବିଙ୍କୁ ଏପରି ପ୍ରାଣାନ୍ତକ ଆକ୍ରମଣ ହୋଇଥିବା ଜଣାଯାଇଛି । ଏହି ବିବାଦର ସମାଧାନ ନ ହେଲେ ଆଗାମୀ ଦିନରେ ଗ୍ୟାଙ୍ଗ୍‌ୱାର୍ର ରୂପ ନେବାକୁ

## କଏଦୀଙ୍କୁ ମରଣାନ୍ତକ ଆକ୍ରମଣ

ଯାଉଥିବା କୁହାଯାଉଛି । ଅପରପକ୍ଷେ, ଜେଲ୍ ଭିତରେ ଗୋଟିଏ ପରେ ଗୋଟିଏ ବିଶୃଙ୍ଖଳା ଘଟିବା କର୍ତ୍ତୃପକ୍ଷଙ୍କ ପାରିବାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସୂଚନାନୁସାରେ, ଜେଲ୍ ଭିତରେ ୨ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନ ହେବ ଛକାପଞ୍ଝା ଲାଗି ରହିଥିଲା । ଗୁରୁତର କବି ଗୋଟିଏ ଗୋଷ୍ଠୀର ସମର୍ଥନରେ ରହିଥିବା ବେଳେ ଆକ୍ରମଣ କରିଥିବା କଏଦୀ ସନ୍ତୋଷ ସିହ୍ନା ଅନ୍ୟ ଏକ ଗୋଷ୍ଠୀର ବୋଲି ଜଣାପଡ଼ିଛି । ଗତ ରବିବାର ଜେଲ୍ ପକ୍ଷରୁ ସକାଳ ଜଳଖିଆ ଖାଇବାକୁ ଦିଆଯାଇଥିଲା । ଏହି ସମୟରେ ସନ୍ତୋଷ ଓ କବି ମଧ୍ୟରେ ବଚସା ହୋଇଥିଲା । ଏଥିରେ ରାଗିଯାଇ କବିର ଖାଇବା ଥାଳିକୁ ଫିଙ୍ଗି ଦେଇଥିଲା ସନ୍ତୋଷ । ନିଜର ସକାଳ ଜଳଖିଆ ତଳେ ପଡ଼ିଯିବା ପରେ କବି ଉତ୍କ୍ଷିପ୍ତ ହୋଇପଡ଼ିଥିଲା । ୨ଜଣ ମଧ୍ୟରେ ପେଲାଠେଲା ହୋଇଥିଲା । ପାଖରେ ଥିବା ଜମାଦାର ଓ ୱାର୍ଡର ପହଞ୍ଚି ୨ଜଣଙ୍କୁ ବୁଝାସୁଝା କରିବା ପରେ ଗଣ୍ଡଗୋଳ ଶାନ୍ତ ପଡ଼ିଥିଲା । ପରେ କବି ନିଜ ୱାର୍ଡକୁ ଯାଇଥିବା ବେଳେ ସନ୍ତୋଷ ୩ ନମ୍ବର ସେଲ୍କୁ ଯାଇଥିଲା । ତେବେ ରାଗ ଶୁଝାଇବାକୁ ସୁଯୋଗ ଖୋଜୁଥିବା ସନ୍ତୋଷ ସୋମବାର ଭୋର୍ରେ କବିର ▶ପୃଷ୍ଠା-୭

# ରାଜ୍ୟରେ ବନ୍ଦ ହେବ ୫୬୩୦ ସ୍କୁଲ୍ !

## ପଶ୍ଚିମ ଓଡ଼ିଶାରୁ ୧୮୨୬; ନୂଆପଡ଼ାରେ ୧୫୬

■ ଭୁବନେଶ୍ୱର, ୨୧।୧୦(ସମିସ): ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ କରିବେ ରାଜ୍ୟ ସରକାର । ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ସର୍ଭେ ମଧ୍ୟ ସରିଛି । ରାଜ୍ୟସାରା ପ୍ରାୟ ୫୬୩୦ ବିଦ୍ୟାଳୟକୁ ବନ୍ଦ ପାଇଁ ସର୍ଭେ କରାଯାଇଥିବା ବେଳେ କେବଳ ପଶ୍ଚିମ ଓଡ଼ିଶାର ୧୮୨୬ ବିଦ୍ୟାଳୟ ବନ୍ଦ କରିବା ଲାଗି ଚିହ୍ନଟ ହୋଇଛି । ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଜିଲ୍ଲା କମିଟି ସୁପାରିସ କରିଥିବା ବେଳେ ନୂଆପଡ଼ା ଜିଲ୍ଲାର ୧୫୬ଟି ବିଦ୍ୟାଳୟ ଏହି ତାଲିକାରେ ରହିଛି । ସାଧାରଣ ନିର୍ବାଚନ ପୂର୍ବରୁ ବନ୍ଦ ସ୍କୁଲ୍‌ଗୁଡ଼ିକୁ ଖୋଲିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରକୁ ଆସିବା ପରେ ବିଦ୍ୟାଳୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।


୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଗତ ମାର୍ଚ୍ଚ ମାସରେ ବିଜ୍ଞପ୍ତି ଜାରି ହୋଇଥିଲା । ସେହି ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ କମ୍ ପିଲା ଥିବା ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିବା ସହ ନିକଟସ୍ଥ ବିଦ୍ୟାଳୟ ସହ ଦୂରତା ସମ୍ପର୍କରେ ସର୍ଭେ କରାଯାଇଥିଲା । ତଦନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟ ଚିହ୍ନଟ ହୋଇଥିବା ବେଳେ ବରଗଡ଼ ଜିଲ୍ଲାରେ ୨୭୩, ବଲାଙ୍ଗୀରରେ ୨୮୬, ବୌଦ୍ଧରେ ୧୪୫, ଝାରସୁଗୁଡ଼ାରେ ୧୦୭, ନୂଆପଡ଼ାରେ ୧୫୬, ସମ୍ବଲପୁରରେ ୨୩୩, ସୋନପୁରରେ ୧୪୪ ଓ ଦେବଗଡ଼ରେ ୮୫ଟି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଚିହ୍ନଟ କରାଯାଇଛି । କିଛି ସ୍ଥାନରେ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ଆସନ୍ତା ୩୧ ତାରିଖ ମଧ୍ୟରେ ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ଓ ଗ୍ରାମବାସୀମାନେ ଏନେଇ ଜିଲ୍ଲାପାଳ ବା ଡିଇଓଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି କୁହାଯାଇଛି । ବନ୍ଦ ହୋଇଥିବା ବିଦ୍ୟାଳୟ ଖୋଲିବା ପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରକୁ ଆସିବା ପରେ ଦୋହରା ଆଭିମୁଖ୍ୟ ଆପଣାଇଛି । ଶିକ୍ଷାବିତ୍ ଓ ଅଭିଭାବକମାନେ ଏହାର ପ୍ରତିବାଦ କରିବା ସହ ସରକାରଙ୍କ ଏପରି ନିଷ୍ପତ୍ତି ଭାରି ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି ।

## ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ



ଟୋକିଓ, ୨୧।୧୦ (ଏଜେନ୍ସି): ଲିବରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି) ନେତ୍ରୀ ସାନେ ତାକାଇଚି ମଙ୍ଗଳବାର ଜାପାନର ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ପ୍ରଥମ ମହିଳା ଭାବେ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ସଂସଦର ନିମ୍ନ ସଦନରେ ହୋଇଥିବା ନିର୍ବାଚନରେ ସେ ୨୩୭ ଭୋଟ ପାଇ ବିଜୟୀ ହୋଇଛନ୍ତି। ନିମ୍ନ ସଦନ ପରେ ସେ ଉଚ୍ଚ ସଦନରୁ ମଧ୍ୟ ନିର୍ବାଚିତ ହୋଇଥିଲେ। ଏଠାରେ ପ୍ରଥମ ପର୍ଯ୍ୟାୟରେ ସଂଖ୍ୟାଗରିଷ୍ଠତା ପାଇଁ ଗୋଟିଏ ଭୋଟ ପଛରେ ପଡ଼ି ଯାଇଥିଲେ। ତେଣୁ ଦ୍ୱିତୀୟ ପର୍ଯ୍ୟାୟରେ ସେ ୧୨୫-୪୬ ଭୋଟରେ ଜିତିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରି ବିଶ୍ୱ ନେତାମାନେ ତାକାଇଚିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନା ଅନୁଯାୟୀ ଏକ ଦୁର୍ବଳ ମେଣ୍ଟ ସହିତ ତାକାଇଚି ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ସମର୍ଥକ ଏବଂ ଏକ ଦୃଢ଼ ସାମରିକ, କଠୋର ପ୍ରବାସୀ ନୀତି ଏବଂ ଜାପାନର ଶାନ୍ତିବାଦୀ ସମ୍ବିଧାନରେ ସଂଶୋଧନକୁ ସମର୍ଥନ କରନ୍ତି। ଚଳିତ ମାସ ପ୍ରାରମ୍ଭରେ ତାକାଇଚି ଏଲଡିବି ନେତ୍ରୀ ନିର୍ବାଚିତ ହୋଇଥିଲେ। ତାକାଇଚି ୨୦୨୧ ଏବଂ ୨୦୨୪ରେ ମଧ୍ୟ ପ୍ରଧାନମନ୍ତ୍ରୀ ହେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପର୍ଯ୍ୟାପ୍ତ ସମର୍ଥନ ପାଇପାରି ନଥିଲେ।

## ଅସରାନୀଙ୍କ ପରଲୋକ



ମୁମ୍ବଇ, ୨୧।୧୦ (ଏଜେନ୍ସି): ବଲିଉଡର ପ୍ରଖ୍ୟାତ ଅଭିନେତା ଗୋବର୍ଦ୍ଧନ ଅସରାନୀଙ୍କ ପରଲୋକ ହୋଇଛି। ବ୍ଲକବଷ୍ଟର ଫିଲ୍ମ ସୋଲେର ଇଂରେଜ ଜେଲର ଭୂମିକାରେ ଅଭିନୟ କରିଥିବା ଅସରାନୀ ସୋମବାର ଦ୍ୱିପହର ୮୪ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏହାର ଚାରି ଦିନ ପୂର୍ବରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଫୁସଫୁସରେ ପାଣି ଜମି ଯାଇଥିଲା ବୋଲି ଡାକ୍ତର କହିଥିଲେ। ଅସରାନୀଙ୍କ ମ୍ୟାନେଜର ବାବୁଭାଇ କହିଛନ୍ତି ଯେ ଅଭିନେତା ତାଙ୍କ ମୃତ୍ୟୁକୁ ଗୋପନ ରଖିବାକୁ ଚାହୁଁଥିଲେ। ଅନ୍ତିମ ସଂସ୍କାର ପରେ ସମସ୍ତଙ୍କୁ ଜଣାଇବାକୁ ପତ୍ନୀଙ୍କୁ କହିଥିଲେ। ତେଣୁ ଶାନ୍ତାକ୍ରୁଜର ଶାନ୍ତିନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏଥିରେ କେବଳ ୧୫-୨୦ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସେ ନିଜ କ୍ୟାରିୟରରେ ଅଭିମାନ, ଚୁପକେ-ଚୁପକେ, ଛୋଟି ସି ବାତ, ଭୁଲ ଭୁଲୈୟା ସମେତ ୩୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଅସରାନୀଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅଭିନେତା ଅକ୍ଷୟ କୁମାର, ଅନୁପମ ଖେରଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତିବିଶେଷ ଗଭୀର ଶୋକ ପ୍ରକାଶ କରିଛନ୍ତି।

**ସୀମା ଟପିଲା ପ୍ରଦୂଷଣ ମାତ୍ରା**

# ଦିନରେ ବି ଦିଲ୍ଲୀ ଅନ୍ଧାର



### ୫ ବର୍ଷରେ ସର୍ବାଧିକ; ବାୟୁ ବିଷାକ୍ତ
### ପଞ୍ଜାବ ଉପରେ ଦୋଷ ଲଦିଲେ ଦିଲ୍ଲୀମନ୍ତ୍ରୀ
### ପାଳ ଜଳାଇବାରୁ ବଢ଼ିଲା ପ୍ରଦୂଷଣ
### ବିଜେପିକୁ ନିଶାଣ କଲା ଆପ୍

ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ଦୀପାବଳି ପରେ ଦିଲ୍ଲୀ ବାୟୁ ବିଗିଡ଼ି ଯାଇଛି। ଦିନରେ ବି ଅନ୍ଧାର ଛାଇ ହୋଇ ରହିଛି। ଆକାଶ ଧୂଆଁମୟ ହୋଇ ଯାଇଥିବାରୁ ଦୃଶ୍ୟମାନ କ୍ଷମତା ହ୍ରାସ ପାଇଯାଇଛି। ବାୟୁ ଗୁଣବତ୍ତା ଦ୍ରୁତଗତିରେ ହ୍ରାସ ପାଇ ବିଷାକ୍ତ ହୋଇଯାଇଛି। ନିଃଶ୍ୱାସପ୍ରଶ୍ୱାସ ନେବା ମଧ୍ୟ କଠିନ ହୋଇଯାଇଛି। ପ୍ରଦୂଷଣ ସ୍ତର ତଥା ପିଏମ ୨.୫ ଗତ ୫ ବର୍ଷରେ ସର୍ବାଧିକ ରହିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ, ଦୀପାବଳି ପରେ ଗତ ୨୪ ଘଣ୍ଟାରେ ବାୟୁରେ ପିଏମ ୨.୫ ସ୍ତର ୪୮୮ ଗ୍ରାମ ପ୍ରତି କ୍ୟୁବିକ ମିଟର ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ପର୍ବ ପୂର୍ବରୁ ଏହା ୧୫୬.୬ ମାଇକ୍ରୋଗ୍ରାମ ଥିଲା। ସେହିପରି ୨୦୨୧ରେ ଦୀପାବଳି ପରେ ଦିଲ୍ଲୀରେ ପିଏମ ୨.୫ ସ୍ତର ୪୫୪.୫ ଥିଲା। ଏହା ୨୦୨୨ରେ ୧୬୮, ୨୦୨୩ରେ ୩୧୯.୭ ଏବଂ ୨୦୨୪ରେ ୨୨୦ ରେକର୍ଡ କରାଯାଇଥିଲା।

ଅନ୍ୟପକ୍ଷରେ ଦୀପାବଳି ଦିନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଙ୍ଘନ କରାଯାଇଥିଲା। ଦିଲ୍ଲୀ-ଏନସିଆରରେ ସାରା ରାତି ବାଣ ଫୁଟାଯାଇଥିଲା। ଏହି କାରଣରୁ ମଙ୍ଗଳବାର ସକାଳେ ଦିଲ୍ଲୀ-ଏନସିଆରର ବାୟୁ ବିଷାକ୍ତ ହୋଇଗଲା। ସିପିସିବି ଅନୁଯାୟୀ ଦ୍ୱାରକାରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୧୭ରେ ପହଞ୍ଚି ଯାଇଛି। ଏହା ମଧ୍ୟରେ ପ୍ରଦୂଷଣକୁ ନେଇ ଟଣାଓଟରା ଆରମ୍ଭ ହୋଇଯାଇଛି। ଏଥିପାଇଁ ଦିଲ୍ଲୀର ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ପଞ୍ଜାବ ସରକାରଙ୍କୁ ଦାୟୀ କରିଛନ୍ତି। ସେ ସାମ୍ବାଦିକ ସମ୍ମିଳନୀରେ ସେ ପଞ୍ଜାବରେ ନଡ଼ା ଜାଳିବାର ଭିଡିଓ ଦେଖାଇ ଥିଲେ। କହିଥିଲେ ଯେ ପଞ୍ଜାବର ଆମ ଆଦମୀ ପାର୍ଟି (ଆପ) ସରକାର ଚାଷୀମାନଙ୍କୁ ସେମାନଙ୍କ କ୍ଷେତରେ ପାଳ ଜାଳିବାକୁ ବାଧ କରିଥିଲା। ଦୀପାବଳି ରାତିରେ ସର୍ବାଧିକ ପାଳ ଜଳା ଯାଇଥିଲା। ଏଥିପାଇଁ ଦିଲ୍ଲୀର ବାୟୁମଣ୍ଡଳ ପ୍ରଦୂଷିତ ହୋଇଥିଲା। ଆପ୍ ପକ୍ଷରୁ କୁହାଯାଇଛି ଯେ ବିଜେପି ସରକାର ପ୍ରଦୂଷଣ ନିୟନ୍ତ୍ରଣ କରିବାରେ ବିଫଳ ହୋଇ ଅନ୍ୟ ଉପରେ ଦୋଷ ଲଦୁଛନ୍ତି। ବେଆଇନ ବାଣ କାରବାର ରୋକିବାରେ ବିଫଳ ହୋଇଛନ୍ତି। ପ୍ରଦୂଷଣର ତଥ୍ୟ ମଧ୍ୟ ଲୁଚାଉଛନ୍ତି।

# ବିହାରରେ ନାହାନ୍ତି ମୁଖ୍ୟମନ୍ତ୍ରୀ ଚେହେରା



ପାଟନା, ୨୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନାମାଙ୍କନ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୧,୩୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ତେବେ କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ମହାମେଣ୍ଟ ଇଣ୍ଡିଆ ଏବଂ ଅନ୍ୟ ଦଳଗୁଡିକ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଚେହେରା ବିଷୟରେ କୌଣସି ଘୋଷଣା କରିନାହାନ୍ତି। ବିହାର ରାଜନୀତିରେ ପ୍ରଥମ ଥର ପାଇଁ ଏଭଳି ହୋଇଛି।

ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୩୦୦ ରୁ ଅଧିକ ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାଖ୍ୟାନ କରାଯାଇଛି। ୬୧ ଜଣ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ୨୪୩ ସଦସ୍ୟ ବିଶିଷ୍ଟ ବିଧାନସଭା ମଧ୍ୟରୁ ୧୨୧ ଆସନ ପାଇଁ ନଭେମ୍ବର ୬ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟର ୧୨୨ ଆସନ ପାଇଁ ନଭେମ୍ବର ୧୧ ତାରିଖରେ ଭୋଟ୍ ହେବ। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରାର୍ଥୀଙ୍କ ସ୍ଥିତି ଅକ୍ଟୋବର ୨୩ ସୁଦ୍ଧା ସ୍ପଷ୍ଟ ହେବ। ତେବେ ଏ ପର୍ଯ୍ୟନ୍ତ ମହାମେଣ୍ଟର କଳି ଛିଡ଼ି ପାରିନାହିଁ। ଶେଷ ଦିନ ସୁଦ୍ଧା ଇଣ୍ଡିଆ ମେଣ୍ଟ ଭିତରେ ବିଭାଜନ, ଟିକେଟ ବଣ୍ଟନକୁ ନେଇ ଅସନ୍ତୋଷ ଏବଂ ଆଭ୍ୟନ୍ତରୀଣ ବିଦ୍ରୋହ ଜାରି ରହିଛି। ଆରଜେଡି ପ୍ରଥମ ଥର ପାଇଁ ନାମାଙ୍କନ ଶେଷ ତାରିଖର ସାତ ଘଣ୍ଟା ପୂର୍ବରୁ ୧୪୩ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ଏହା ପୂର୍ବରୁ ଦଳର ପ୍ରାର୍ଥିମାନେ ନାମାଙ୍କନ ଦାଖଲ କରିବା ଜାରି ରଖିଛନ୍ତି।

୨୪୩ ଆସନ ପାଇଁ ମହାମେଣ୍ଟର ୨୫୪ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି, । ବିକାଶଶୀଳ ଇନସାନ ପାର୍ଟି (ଭିଆଇପି) ଯୋଗୁଁ ଏପରି ହୋଇଛି। ଆରଜେଡି ୧୪୩ ଜଣ, କଂଗ୍ରେସ ୬୧ ଜଣ, ସିପିଆଇ(ଏମ୍) ୨୦ ଜଣ, ସିପିଆଇ ୯ ଜଣ, ସିପିଏମ୍ ୬ ଜଣ ଏବଂ ମୁକେଶ ସାହାନିଙ୍କ ଦଳ ୧୫ ଜଣ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରିଛି। ପରସ୍ପର ବିରୁଦ୍ଧରେ ୧୨ ଜଣ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରାଯାଇଛି। ବିହାର ନିର୍ବାଚନରେ ପ୍ରଥମ ଥର ପାଇଁ ଏନଡିଏ ଏବଂ ଇଣ୍ଡିଆ ଟିକେଟ ବଣ୍ଟନ ସମ୍ପର୍କରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରି ନ ଥିଲେ। ସମସ୍ତ ଦଳ ନାମାଙ୍କନର ଶେଷ ସମୟ ପର୍ଯ୍ୟନ୍ତ ତାଲିକା ପ୍ରକାଶ କରି ଚାଲିଥିଲେ। ମୁଖ୍ୟମନ୍ତ୍ରୀ ମୁହଁକୁ ନେଇ ଏନଡିଏ ଏବଂ ଇଣ୍ଡିଆ ମଧ୍ୟରେ ଟଣାଓଟରା ଚାଲିଛି। ପ୍ରଥମ ଥର ପାଇଁ ଉଭୟ ପକ୍ଷରୁ କୌଣସି ନାମ ପ୍ରକାଶ କରାଯାଇ ନାହିଁ।

## ବିଜେପି ବିରୋଧରେ ପ୍ରଶାନ୍ତଙ୍କ ଅଭିଯୋଗ
### ଧମକ ପାଇ ମୋ ଲୋକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରୁଛନ୍ତି

ପାଟନା, ୨୧।୧୦ (ଏଜେନ୍ସି): ଜନ ସୁରାଜ ଦଳ ମୁଖ୍ୟ ପ୍ରଶାନ୍ତ କିଶୋର ବିଜେପି ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ସେ କହିଛନ୍ତେ ଯେ ବିହାରରେ ସୁରଟ ଭଳି ଘଟଣାର ପୁନରାବୃତ୍ତି ହୋଇଛି। ଲୋକସଭା ନିର୍ବାଚନରେ ଯେଉଁ ଭଳି ଭାବେ ବିଜେପି ସୁରଟରେ ସବୁ ବିରୋଧୀ ପ୍ରାର୍ଥୀଙ୍କୁ ବସାଇ ଦେଇଥିଲା ସେହିଭଳି ଏଠାରେ ମଧ୍ୟ କରିଛି। ଏହି ଦଳ ଧମକ ଦେଇ ଜନ ସୁରାଜର ତିନି ପ୍ରାର୍ଥୀଙ୍କୁ ବସାଇ ଦେଇଛି। ନିର୍ବାଚନ ନ ଲଢ଼ିବା ପାଇଁ ସେମାନଙ୍କୁ ବାଧ କରାଯାଇଛି। ବିଜେପିର ପ୍ରମୁଖନେତାମାନେ ଚାପ ପକାଇ ଦାନାପୁର, ଗୋପାଳଗଞ୍ଜ ଏବଂ ବ୍ରହ୍ମପୁର ସିଟ୍‌ର ଜନ ସୁରାଜ ପ୍ରାର୍ଥୀଙ୍କୁ ପ୍ରାର୍ଥିପତ୍ର ଦାଖଲ କରିବାକୁ ଦେଇନାହାନ୍ତି କିମ୍ବା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାକୁ ବାଧ କରିଛନ୍ତି। ଜନ ସୁରାଜର ପ୍ରାର୍ଥୀମାନଙ୍କୁ ବିଜେପି ନେତା ଭେଟୁଥିବାର ଫଟୋ ମଧ୍ୟ ସେ ଜାରି କରିଛନ୍ତି। ସେ ସେଖପୁରା ହାଉସ୍‌ରେ ସାମ୍ବାଦିକ ସମ୍ମିଳନୀ କରି ଭୟରେ ଏହି ପ୍ରାର୍ଥିମାନେ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା କିମ୍ବା ପ୍ରତ୍ୟାହାର କରିଥିବା କହିଛନ୍ତି।

ପ୍ରଶାନ୍ତ କିଶୋର କହିଛନ୍ତି ଜିଏ ଜିତିଲେ ବି ସରକାର ଗଠନ କରିବାର ଅପକୀର୍ତ୍ତି ବିଜେପି ପାଖରେ ରହିଛି। ଏଥିପାଇଁ ବିଜେପି ପ୍ରସିଦ୍ଧି ଲାଭ କରିଛି। ଦୀର୍ଘ ସମୟ ଧରି ଜନ ସୁରାଜକୁ ଭୋଟ୍ କଟା ଦଳ ଭାବରେ ନାମିତ କରିଥିବା ବିଜେପି ଏବେ ଜନ ସୁରାଜକୁ ହିଁ ସବୁଠାରୁ ଅଧିକ ଭୟଭୀତ କରୁଛି। ପ୍ରଥମ ମାମଲା ଦାନାପୁରରୁ ଆସିଥିଲା। ଏଠାରେ ଇଣ୍ଡିଆର ସଦସ୍ୟ ଥିବା ଅପରାଧୀକ ନେତାମାନେ ଜେଲ୍‌ରୁ ନିର୍ବାଚନ ଲଢ଼ନ୍ତି। ଏହି ଶକ୍ତିଶାଳୀ ନେତାମାନଙ୍କୁ ଭୟ କରି ଜନସାଧାରଣ ସ୍ଥାନୀୟ ବ୍ୟବସାୟୀ ଅଖିଳେଶ ଓରଫ ମୁକୁଲ ଶାହାଙ୍କୁ ଜନ ସୁରାଜ ଟିକେଟ୍ ଦେବାକୁ ନିଷ୍ପତ୍ତି ନେଇଥିଲେ। ସେ ମନୋଜ ଭାରତୀଙ୍କ ଠାରୁ ଜନ ସୁରାଜ ଚିହ୍ନ ଗ୍ରହଣ କରିଥିଲେ, କିନ୍ତୁ ତାଙ୍କ ନାମାଙ୍କନ ଦାଖଲ କରିପାରି ନଥିଲେ।

# ଲୋକପାଳଙ୍କୁ ଦରକାର ୫ କୋଟିର ବିଏମ୍‌ଡବ୍ଲ୍ୟୁ କାର୍



ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ଭାରତର ଦୁର୍ନୀତି ନିରୋଧୀ ଶାଖା ଲୋକପାଳଙ୍କୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ଏହି ବିବାଦ ଲୋକପାଳଙ୍କ ବିଳାସପୂର୍ଣ୍ଣ ଗାଡ଼ି ସୌକ ପାଇଁ ହୋଇଛି। ବିଏମ୍‌ଡବ୍ଲ୍ୟୁ କାର୍ କିଣିବା ପାଇଁ ଲୋକପାଳ ଟେଣ୍ଡର ଜାରି କରିଛନ୍ତି। ଏହାକୁ ନେଇ ଦୁର୍ନୀତି ରୋକିବାକୁ ଗଠନ କରାଯାଇଥିବା ଏହି ସଂସ୍ଥାରେ ଭ୍ରଷ୍ଟାଚାର ଚାଲିଥିବା ଚର୍ଚ୍ଚା ହେଉଛି। ଗତ ୧୬ ତାରିଖରେ ୭ଟି ହାଇ-ଏଣ୍ଡ ବିଏମଡବ୍ଲ୍ୟୁ ଲଙ୍ଗ ହ୍ୱିଲ୍ ବେସ୍ (ଏଲ୍‌ଡବ୍ଲ୍ୟୁବି) କ୍ରୟ କରିବା ପାଇଁ ସାର୍ବଜନୀନ ଟେଣ୍ଡର ଜାରି କରାଯାଇଥିଲା। ନିଜର ପ୍ରଶାସନିକ ଏବଂ ଲଜିଷ୍ଟିକ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଥିଲା। ତେବେ ଟେଣ୍ଡରରେ ଗୋଟିଏ କାର୍‌ର ମୂଲ୍ୟ ୭୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା। ଏଭଳି ୭ଟି କାର୍ କ୍ରୟ କରାଯିବ। ଏହାର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ।

ସମସ୍ତଙ୍କ ପାଇଁ ଟେଣ୍ଡର ପ୍ରକ୍ରିୟା ଖୋଲାଯାଇଛି। ଇଚ୍ଛୁକ ପକ୍ଷମାନଙ୍କୁ ନଭେମ୍ବର ୭ ତାରିଖ ସୁଦ୍ଧା ଟେଣ୍ଡର ଜମା କରିବାକୁ କୁହାଯାଇଛି। ଏହି ଦିନଠାରୁ ହିଁ ଟେଣ୍ଡର ଡକରା ଆରମ୍ଭ ହେବ। କାର୍ ଡେଲିଭରି ଦେବା ପରେ ଲୋକପାଳଙ୍କ ଡ୍ରାଇଭର ଏବଂ କର୍ମଚାରୀଙ୍କୁ ବିଏମ୍‌ଡବ୍ଲ୍ୟୁ ୭ ଦିନ ପାଇଁ ପ୍ରଶିକ୍ଷଣ ଦେବ। ଏଥିରେ ଗାଡ଼ିର ବ୍ୟବସ୍ଥା ଏବଂ ଉତ୍ତମ ପରିଚାଳନା ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦିଆଯିବ। ତେବେ ଏଭଳି ଟେଣ୍ଡର ଜନସାଧାରଣ ଏବଂ ବିରୋଧୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଲୋକେ ଏହାକୁ ବିରୋଧ କରୁଛନ୍ତି। ଲୋକପାଳ ନିରୋଧୀ ସଂସ୍ଥା ଏଭଳି ଗାଡ଼ି ଟିକସଦାତାଙ୍କ ଅର୍ଥ ବର୍ବାଦ କରୁଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ କଂଗ୍ରେସ ପ୍ରବକ୍ତା ଡ. ସାମା ମହମ୍ମଦ ବିଜେପି ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଶାଣ କରିଛନ୍ତି। କଂଗ୍ରେସ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଗଠିତ ଏହି ସଂସ୍ଥା ଏବେ କେବଳ କାଗଜପତ୍ରରେ ଚାଲିଛି ଏବଂ ଟିକସଦାତା ଅର୍ଥକୁ ବର୍ବାଦ କରୁଥିବା ଅଭିଯୋଗ କରିଛନ୍ତି। ସାମା କହିଛନ୍ତି ଯେ ଏହା ସେହି ସଂସ୍ଥା ଯାହାକୁ 'ଦୁର୍ନୀତି ବିରୋଧରେ ଭାରତ' ଆନ୍ଦୋଳନ ପରେ ଦୁର୍ନୀତି ବିରୋଧୀ ଲଢେଇ ପାଇଁ ଗଠନ କରାଯାଇଥିଲା। ଏହି ଆନ୍ଦୋଳନକୁ ଆରଏସଏସ ସମର୍ଥନ ଦେଇଥିଲା। କଂଗ୍ରେସ ସରକାରଙ୍କୁ ଭୁଶୁଡ଼ାଇବା ଏହାର ଉଦ୍ଦେଶ୍ୟ ଥିଲା। ଏହି ଆନ୍ଦୋଳନ ପାଇଁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇଥିଲେ। ସେ ଏଭଳି ଏକ ଲୋକପାଳ ଗଠନ କରିଥିଲେ ଯାହା କେବଳ କାଗଜପତ୍ରରେ ରହିଛି। ବର୍ତ୍ତମାନ ଟିକସଦାତାଙ୍କ ଟଙ୍କା ଉପଭୋଗ କରୁଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଲୋକପାଳରେ ଅଛନ୍ତି। ସେହିପରି ସାମାଜିକ କର୍ମୀ ତଥା ନେତା ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ ଦୀର୍ଘ ବର୍ଷ ହେଲା ଖାଲି ପଦବୀ ପୂରଣ ନ କରି ମୋଦୀ ସରକାର ଲୋକପାଳକୁ ନଷ୍ଟ କରିଦେଇଛନ୍ତି। ଦୁର୍ନୀତିକୁ ନେଇ ଚିନ୍ତିତ ନ ଥିବା ଏବଂ ବିଳାସପୂର୍ଣ୍ଣ ଜୀବନଯାପନରେ ଖୁସି ଥିବା ସଦସ୍ୟମାନଙ୍କୁଙ୍କୁ ଏଥିରେ ନିଯୁକ୍ତି ଦେଇଛନ୍ତି। ସେମାନେ ଏବେ ନିଜ ପାଇଁ ୭ଟି ବିଏମଡବ୍ଲ୍ୟୁ କାର୍ କିଣୁଛନ୍ତି!

ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନେ ଏହି ବିଳାସପୂର୍ଣ୍ଣ କାର୍ କ୍ରୟକୁ ନେଇ ଦୁର୍ନୀତି ବିରୋଧୀ ସଂସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେମାନେ କହିଛନ୍ତି ଯେ ଦୁର୍ନୀତି ବିରୋଧୀ ଆନ୍ଦୋଳନରୁ ଲୋକପାଳ ଜନ୍ମ ହୋଇଥିଲା। ଏବେ ଏହାର ସଦସ୍ୟ ୫ କୋଟି ଟଙ୍କାର ଗାଡ଼ିରେ ବୁଲିବେ। ଏହା ବିଡ଼ମ୍ବନାର ବିଷୟ। ଦୁର୍ନୀତିର ଚୌକିଦାରରୁ ପୋଷା କୁକୁର ପାଲଟି ଯାଇଛନ୍ତି। ସଚ୍ଚୋଟତା କେବଳ ମରିନାହିଁ; ଏହା ଲୋପ ପାଇଯାଇଛି। ଅନ୍ୟ ଜଣେ ଲେଖିଛନ୍ତି ଯେ ଦୁର୍ନୀତି ଏବଂ ପରିବାରବାଦ ଆମ ବ୍ୟବସ୍ଥାରେ ଏତେ ଗଭୀର ଭାବରେ ଜଡ଼ିତ ଯେ କ୍ଷମତା ପାଇବା ପରେ ସମସ୍ତେ ସମାନ ଆଚରଣ କରନ୍ତି।



## ଭାଇରାଲ ଭିଡିଓକୁ ନେଇ ନୀତୀଶଙ୍କୁ ତେଜସ୍ୱୀଙ୍କ କଟାକ୍ଷ


ପାଟନା, ୨୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ମଧ୍ୟରେ ପୁଣିଥରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଚର୍ଚ୍ଚାର କେନ୍ଦ୍ରରେ ଅଛନ୍ତି। ତାଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏନ୍‌ଡିଏର ଏକ ବୈଠକରେ ୭୪ ବର୍ଷୀୟ ନୀତୀଶ ଜଣେ ମହିଳାଙ୍କୁ ସମ୍ମାନିତ କରୁଛନ୍ତି। ସେ ନମସ୍କାର କରି ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେଉଛନ୍ତି। କିନ୍ତୁ ନୀତୀଶ ସେହି ମହିଳାଙ୍କୁ ଫୁଲମାଳ ପିନ୍ଧାଇବାକୁ ପ୍ରୟାସ କରୁଛନ୍ତି। ଜେଡିୟୁ ରାଜ୍ୟସଭା ସାଂସଦ ସଞ୍ଜୟ ଝା ଅଟକାଇବା ସତ୍ତ୍ୱେ ମୁ¬¬ଖ୍ୟମନ୍ତ୍ରୀ ମାନି ନ ଥିଲେ। ଫୁଲମାଳକୁ ମହିଳାଙ୍କ ହାତକୁ ପ୍ରଦାନ କରିବା ପାଇଁ କହିଥିଲେ। ଏହା କହିବାରୁ ନୀତୀଶ ତାଙ୍କୁ ଆଡ଼ ଆଖିରେ ଅନାଇ ଥିଲେ। ପରେ ନିଜେ ମାଳ ପିନ୍ଧାଇ ଶାନ୍ତ ହୋଇଥିଲେ। ଏହା ଦେଖି ଲୋକେ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ନୀତୀଶ ମାଇକ୍ରୋ ଫୋନ ଧରି 'ସେ ଜଣ ଭଲ ଲୋକ' ବୋଲି କହିଥିଲେ। ଏହାକୁ ନେଇ ଆରଜେଡି ତଥା ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ନୀତୀଶଙ୍କୁ କଟାକ୍ଷ କରିଛନ୍ତି। ନୀତୀଶ ସୁସ୍ଥ ନାହାନ୍ତି ବୋଲି ଏହା ଦର୍ଶାଉଛି। ଯଦି ସେ ସୁସ୍ଥ ଅଛନ୍ତି ତେବେ ଏଭଳି କାହିଁକି ବ୍ୟବହାର କରୁଛନ୍ତି।

## କୋଠାରେ ନିଆଁ; ୪ ମୃତ

ମୁମ୍ବଇ, ୨୧।୧୦ (ଏଜେନ୍ସି): ନଭି ମୁମ୍ବଇର ଏକ କୋଠାରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଛି। ଏଥିରେ ଗୋଟିଏ ପରିବାରର ୪ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୬ ବର୍ଷୀୟ ଶିଶୁ ସାମିଲ ରହିଛି। ସେହିପରି ୧୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଉଦ୍ଧରକାରୀ ଦଳ ୧୫ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି।

ସୂଚନା ଅନୁଯାୟୀ ବାସି ସେକ୍ଟର-୧୪ ସ୍ଥିତ ରହେଜା ରେସିଡେନ୍ସି ବିଲ୍ଡିଂର ୧୦ ମହଲାରେ ଥିବା ଏକ ଫ୍ଲାଟରେ ନିଆଁ ଲାଗି ଯାଇଥିଲା। ଏହା ଦ୍ରୁତଗତିରେ ବ୍ୟାପି ୧୧ ଏବଂ ୧୨ ମହଲା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଏହାର ସୂଚନା ପାଇବା ପରେ ନଭି ମୁମ୍ବଇ ପୌରପାଳିକାର ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଅନେକ ଘଣ୍ଟା ପରେ ନିଆଁକୁ ଆୟତ କରିଥିଲା। କୋଠା ଭିତରୁ ୪ ମୃତଦେହ ଉଦ୍ଧାର କରାଯାଇଥିଲା। ଦୀପାବଳି ଦିନ ସହରର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ହୋଇଥିବାର ମଧ୍ୟ ସୂଚନା ମିଳିଛି।

# ପଞ୍ଜାବର ପୂର୍ବତନ ଡିଜିଙ୍କ ବିରୋଧରେ ପୁଅ ହତ୍ୟା ଅଭିଯୋଗ



ପଞ୍ଚକୁଲା, ୨୧।୧୦ (ଏଜେନ୍ସି): ପଞ୍ଜାବର ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ (ଡିଜିପି) ମହମ୍ମଦ ମୁସ୍ତାଫା ଏବଂ ତାଙ୍କ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ରେଜିଆ ସୁଲତାନାଙ୍କ ପୁଅ ଅକିଲ ଅଖତାର (୩୫)ଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା ନୂଆ ମୋଡ ନେଇଛି। ଏହି ମାମଲାର ତଦନ୍ତରେ ଭୟଙ୍କର ତଥ୍ୟ ସାମ୍‌ନାକୁ ଆସିଛି। ମନସା ଦେବୀ ପୁଲିସ ଏହି ଆଧାରରେ ଏବଂ ଭାଇ ସମସୁଦ୍ଦିନଙ୍କ ଅଭିଯୋଗରେ ବାପା ମହମ୍ମଦ ମୁସ୍ତାଫା, ମାଆ ରେଜିଆ, ସେମାନଙ୍କ ଝିଏ ଏବଂ ବୋହୂ ସମେତ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ଗତ ୧୬ ତାରିଖ ରାତିରେ ପଞ୍ଚକୁଲାରେ ଅକିଲଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ଔଷଧର ଓଭରଡୋଜ ଯୋଗୁଁ ପୁଅ ପ୍ରାଣ ହରାଇ ଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଥିଲା। କିନ୍ତୁ ଅକିଲଙ୍କ ମୃତ୍ୟୁ ପୂର୍ବର ଏକ ଭିଡିଓ ସାମ୍‌ନାକୁ ଆସିଛି। ଏହା ମାମଲାକୁ ଅଧିକ ଜଟିଳ କରିଦେଇଛି। ଏକ ଅନୈତିକ ସମ୍ପର୍କ ପାଇଁ ପୁଅକୁ ହତ୍ୟା କରାଯାଉଥିଲା ବୋଲି କୁହାଯାଉଛି। ଭିଡିଓରେ ସେ କହିଥିଲେ ପରିବାର ସଦସ୍ୟ ତାଙ୍କୁ ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ତାଙ୍କ ବାପା ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଥିବା ଅନୈତିକ ସମ୍ପର୍କ ବିଷୟରେ ଜାଣିସାରିଥିଲି। ସେ ମୋ ସ୍ତ୍ରୀ ଥିଲେ, କିନ୍ତୁ ବିବାହ ଡାଡ୍‌ଙ୍କ ସହ ହୋଇଥିବା ପରି ଲାଗୁଥିଲା। ୨୦୧୮ ରେ ଡାଡ୍‌ଙ୍କୁ ସେ ଧରିଥିଲେ। କେମିତି ତାଙ୍କ ସ୍ତ୍ରୀ ଏବଂ ଡାଡ୍ ଏତେ ନିକଟତର ହେଲେ ଜାଣିନାହାନ୍ତି। କିନ୍ତୁ ବିବାହ ପରେ ସ୍ତ୍ରୀ ତାଙ୍କୁ ହାତ ମାରିବାକୁ ଦେଇ ନ ଥିଲା। ସେବେଠାରୁ ପରିବାର ସଦସ୍ୟମାନେ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏହାକୁ ଆଧାର କରି ଅକିଲଙ୍କ ଭାଇ ପଞ୍ଚକୁଲା ପୁଲିସ କମିଶନରଙ୍କ ନିକଟକୁ ଅଭିଯୋଗ ପଠାଇ ଥିଲେ। ଏହି ଘଟଣାର ତଦନ୍ତ ଦାବି କରିଥିଲେ।

ଅକିଲଙ୍କ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛି। ସେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ପ୍ରାକ୍ଟିସ କରୁଥିଲେ। ପଞ୍ଚକୁଲା ଡିସିପି ସୃଷ୍ଟି ଗୁପ୍ତା କହିଛନ୍ତି ଯେ ଜଣେ ଏସିପି-ର୍‍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ଏକ ଏସଆଇଟି ଗଠନ କରାଯାଇଛି। ଏହି ଟିମ୍ ମାମଲାର ତଦନ୍ତ କରିବ। କାରଣ ପରିବାର ବିରୋଧରେ ଗମ୍ଭୀର ଅଭିଯୋଗ କରାଯାଇଛି। ପୂର୍ବତନ ମନ୍ତ୍ରୀ ରେଜିଆ ସୁଲତାନା ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ ବୋଲି ଅଭିଯୋଗ ଆସିଛି। ପରିବାର ଏବଂ ଅକିଲାଙ୍କ ମଧ୍ୟରେ ବିବାଦ ଚାଲିଥିଲା ବୋଲି ସମସୁଦିନ ଅଭିଯୋଗ କରିଥିଲେ। ଅନୈତିକ ସମ୍ପର୍କର ପର୍ଦ୍ଦାଫାସ ହେବା ପରେ ତାଙ୍କ ମା ଏବଂ ଭଉଣୀ ସମେତ ତାଙ୍କ ସମଗ୍ର ପରିବାର ଅକିଲଙ୍କୁ ହତ୍ୟା କରିବାକୁ କିମ୍ବା ମିଥ୍ୟା ମାମଲାରେ ଫସାଇବାକୁ ଷଡ଼ଯନ୍ତ୍ର କରୁଥିଲେ। ଜୀବନ ପ୍ରତି ଭୟ ଥିବା ସେ ଅଭିଯୋଗ କରିଥିଲେ। ଏହା ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା।

# ବିମାନବନ୍ଦରରୁ ଧରାପଡ଼ିଲା ୨୭ ଲକ୍ଷ ଟଙ୍କାର ବିଦେଶୀ ସିଗାରେଟ

ଭୁବନେଶ୍ୱର,୨୧।୧୦(ସମିସ): ଭୁବନେଶ୍ୱର ବିମାନବନ୍ଦରରୁ ୨୭ ଲକ୍ଷ ଟଙ୍କାର ବିଦେଶୀ ସିଗାରେଟ୍ ଜବତ କରିଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ)। ଏହି ଘଟଣାରେ ୩ ଜଣ ଯୁବକଙ୍କୁ ଅଟକ ରଖାଯାଇଛି ।

ଆବୁଧାବିରୁ ଭୁବନେଶ୍ୱର ଆସୁଥିବା ବିମାନରେ ବେଆଇନ ବିଦେଶୀ ସିଗାରେଟ୍ ଚାଲାଣ ହେଉଥିବା ନେଇ ଭୁବନେଶ୍ୱର ଡିଆରଆଇ ଖବର ପାଇଥିଲା। ଡିଆରଆଇ ଭୁବନେଶ୍ୱର ୟୁନିଟର ଏକ ସ୍ୱତନ୍ତ୍ର ଟିମ୍ ସନ୍ଦେହରେ ୩ ଜଣଙ୍କୁ ଅଟକ ରଖିବା ସହ ବ୍ୟାଗ ଯାଞ୍ଚ କରିଥିଲା। ତଲାସୀ ସମୟରେ ୩୮୪୦୦ଟି ବିଦେଶୀ ସିଗାରେଟ, ୪ ହଜାର ସିଗାର, ୧୨୨୮ଟି ଇ-ସିଗାର କ୍ୟାଟ୍ରିଜ ଜବତ କରିଥିଲା। ବ୍ୟାଗ୍ ଭିତରୁ ୧୦ଟି ପୁନଃ ନବୀକରଣ ଲାପଟପ୍ ଓ ୬ଟି ଓ୍ୟାରଲେସ୍ ମାଇକ୍ରୋଫୋନ ମଧ୍ୟ ମିଳିଥିଲା। ଜବତ ସାମଗ୍ରୀର ମୂଲ୍ୟ ୨୭ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଡିଆରଆଇ ପକ୍ଷରୁ କୁହାଯାଇଛି। ଏହି ସଂକ୍ରାନ୍ତରେ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ସେମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ଆବୁଧାବିରୁ ମୁମ୍ବାଇକୁ ବେଆଇନ ସିଗାରେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚାଲାଣ କରୁଥିବା ପ୍ରାଥମିକ



ଅନୁସନ୍ଧାନରୁ ଜଣାପଡ଼ିଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ୩ ଅଭିଯୁକ୍ତ ଓ ଜବତ ସାମଗ୍ରୀକୁ କଷ୍ଟମ୍ସ ବିଭାଗକୁ ହସ୍ତାନ୍ତର କରାଯାଇଛି। କଷ୍ଟମସ ଆକ୍ଟ ୧୯୬୨ ଅନୁସାରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

● ଭାଇକୁ ମାରିବାକୁ ଗୋଡ଼ାଉଥିଲେ

# ବୋମା ଫୁଟି ପୁଅର ଜୀବନ ଗଲା

କଣିହାଁ, ୨୧।୧୦ (ସମିସ): ଭାଇକୁ ବୋମା ପକାଇ ମାରିବାକୁ ଗୋଡ଼ାଉଥିଲେ। କିନ୍ତୁ ବୋମା ଫାଟି ପୁଅର ଜୀବନ ଚାଲିଗଲା। ଅନୁଗୋଳ ଜିଲ୍ଲା ସମଲ ଥାନା କର୍ଣ୍ଣପାଳ ପଞ୍ଚାୟତର ଶିପୁର ଗାଁରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ, ସେହି ଗ୍ରାମର ସରୋଜ ପ୍ରଧାନ (୨୬)। ଏହି ଅଘଟଣରେ ତାଙ୍କ ବାପା ପ୍ରବୋଧ ପ୍ରଧାନ(୫୫) ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଡାହାଣ ହାତଟି ନଷ୍ଟ ହୋଇଯାଇଛି। ସୂଚନା ମୁତାବକ, ସୋମବାର ରାତି ପ୍ରାୟ ସାଢ଼େ ୯ ଟାରେ ପ୍ରବୋଧ ଓ ତାଙ୍କ ଭାଇ ତ୍ରିନାଥ ପ୍ରଧାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରବୋଧ ତ୍ରିନାଥଙ୍କୁ ଆକ୍ରମଣ କରିଥିଲେ। ଘରେ ରଖିଥିବା ବୋମା ଧରି ତାଙ୍କୁ ଗୋଡ଼ାଇଥିଲେ। ଏହି ସମୟରେ ତାଙ୍କ ପୁଅ ସରୋଜ ଅଟକାଇଥିଲେ। ଏତିକିବେଳେ ବୋମାଟି ବିସ୍ଫୋରଣ ହୋଇଥିଲା ଏବଂ ଘଟଣାସ୍ଥଳରେ ସରୋଜଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ପ୍ରବୋଧଙ୍କୁ ଉଦ୍ଧାର କରି ପରିବାରଲୋକେ ପ୍ରଥମେ ଖମାର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସମଲ ଥାନା ନିଜ ଆଡ଼ୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏସ୍ଆଇ ଅଜିତ ନାଏକଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ନମ୍ବର ୩୦୬/୨୫ରେ ଏକ ମାମଲା ରୁଜୁ ହୋଇଛି।

**ଗୁରୁତର ବାପା ଏସ୍ସିବିରେ ଭର୍ତ୍ତି**

## ସରକାରଙ୍କ ନିୟନ୍ତ୍ରଣ ବାହାରେ ଏକାଧିକ ନିଗମ

# ସରକାରଙ୍କୁ ଦେଇନାହାନ୍ତି ୩୫୯୪ କୋଟି ଲାଭାଂଶ

ଭୁବନେଶ୍ୱର,୨୧।୧୦(ସମିସ): ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ ତଥା ମଜଭୁତ କରିବା ପାଇଁ ଓଡ଼ିଶା ସରକାର ବାର୍ଷିକ ବଜେଟରେ ପୁଞ୍ଜିନିବେଶ ଖର୍ଚ୍ଚ ବୃଦ୍ଧି କରିଆସୁଛନ୍ତି। ସେଥିପାଇଁ ଦୀର୍ଘକାଳୀନ ଋଣ ବରାଦ କରି ପ୍ରତିବର୍ଷ ହଜାର ହଜାର କୋଟିଟଙ୍କା ସୁଧ ପରିଶୋଧ କରୁଛନ୍ତି; କିନ୍ତୁ ସରକାରୀ ନିଗମଗୁଡିକ ପ୍ରଚୁର ଲାଭ କରୁଥିଲେ ବି ସରକାରଙ୍କୁ ଡିଭିଡେଣ୍ଡ ବା ଲାଭାଂଶ ପ୍ରଦାନ କରୁନାହାନ୍ତି। ଓଡିଶାର ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) ପ୍ରସ୍ତୁତ କରିଥିବା ଚିଠା ଅଡିଟ ରିପୋର୍ଟରୁ ଏପରି ଚମକାଇଦେବା ଭଳି ତଥ୍ୟ ମିଳିଛି। ଏଜି ରିପୋର୍ଟ ଅନୁସାରେ ୨୦୧୭-୧୮ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟର ୨୩ଟି ନିଗମ ସରକାରଙ୍କୁ ୩୫୯୩.୫୨ କୋଟିଟଙ୍କା ଲାଭାଂଶ ପଇଠ କରିନାହାନ୍ତି। ସର୍ବାଧିକ ଭାବେ ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ (ଓପିଟିସିଏଲ) ୧୬୧୭ କୋଟିଟଙ୍କା ଲାଭାଂଶ ପଇଠ କରି ନ ଥିବା ବେଳେ ଓଡିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ୫୧୭ କୋଟିଟଙ୍କା ପଇଠ ନ କରି ଲିଷ୍ଟର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେହିପରି ଓଏଚପିସି ୩୧୫ କୋଟିଟଙ୍କା, ଓଏମସି ୩୨୦ କୋଟିଟଙ୍କା, ଓସିପିଏଲ ୨୪୨ କୋଟିଟଙ୍କା, ଓଏସଏଫସି ୨୦୬ କୋଟିଟଙ୍କା, ଇପିକଲ ୧୫୫ କୋଟିଟଙ୍କା ଏବଂ ଓଏଲଆଇସି ୬୭ କୋଟିଟଙ୍କା ଲାଭାଂଶ ସରକାରଙ୍କୁ ପଇଠ କରିନାହାନ୍ତି।

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଫେବ୍ରୁଆରି ୨୦୧୬ରେ ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ ନିଗମଗୁଡିକ କରୁଥିବା ବାର୍ଷିକ ଲାଭ କିମ୍ବା ସରକାରଙ୍କ ଅଂଶଧନ ଉପରେ ୩୦ ପ୍ରତିଶତ ହିସାବରେ ଉଭୟର ଲାଭାଂଶ ପରିମାଣ ନିର୍ଣ୍ଣୟ କରି ଯେଉଁଟା ଅଧିକ ହେବ ତାହାକୁ ଲାଭାଂଶ ଆକାରରେ ନିଗମଗୁଡିକ ସରକାରଙ୍କୁ ପଇଠ କରିବେ। କିନ୍ତୁ ନିଗମଗୁଡିକ ପାଇଁ ଗଠିତ ପରିଚାଳନା ମଣ୍ଡଳୀ ଉପରେ ସରକାରଙ୍କ ନିୟନ୍ତ୍ରଣ ରହୁ ନଥିବାରୁ ନିଗମଗୁଡିକ ମନଇଚ୍ଛା କାର୍ଯ୍ୟ କରିବାକୁ ସକ୍ଷମ ହେଉଛନ୍ତି ଓ ସରକାରଙ୍କୁ ଲାଭାଂଶ ପଇଠ କରୁନାହାନ୍ତି । ଏସମ୍ପର୍କରେ ବରିଷ୍ଠ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ସିଏଜିଙ୍କ ଅଭିଯୋଗ ରାଜ୍ୟ ବିକାଶପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ରାଜ୍ୟର ୪୦ଟି ନିଗମ ବିଭିନ୍ନ କ୍ଷେତ୍ରରେ ଓଡିଆ ମାନବସମ୍ବଳକୁ ଦକ୍ଷ ଓ ଯୋଗ୍ୟ ସର୍ମର୍ଣ କରିବା ପାଇଁ ଗଠନ ହୋଇଥିଲେବି ଲକ୍ଷଚ୍ୟୁତ ହୋଇଛି। ଜନସ୍ୱାର୍ଥକୁ ଅଣଦେଖା କରି ସ୍ୱଜନପୋଷଣ ନୀତିରେ ନିଗମକୁ ପରିଚାଳନା କରାଯାଉଛି। ଶ୍ରୀ ମହାପାତ୍ରଙ୍କ କହିବାକଥା ନିଗମଗୁଡିକୁ ସୁପରିଚାଳନା ଓ ନିୟନ୍ତ୍ରଣ କରିବାପାଇଁ ଓଡିଶା ରାଜ୍ୟ ସରକାରଙ୍କ ତିନି ତିନିଟି ବିଭାଗ ଯଥା ସାଧାରଣ ଉଦ୍ୟୋଗ ବିଭାଗ, ସମ୍ପୃକ୍ତ ବିଭାଗ ଓ ଅର୍ଥ ବିଭାଗକୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ପରିତାପର ବିଷୟ ନିଗମ ଉପରୁ ସରକାର ନିୟନ୍ତ୍ରଣ ହରାଇବା ଓଡିଶାର ନିମ୍ନମାନର ସାଶନ ବ୍ୟବସ୍ଥାକୁ ସ୍ପଷ୍ଟ ଇଙ୍ଗିତ କରୁଛି ବୋଲି ସେ କହିଛନ୍ତି।

# ନିଶାମୁକ୍ତି କେନ୍ଦ୍ରରେ ଯୁବକଙ୍କୁ ହତ୍ୟା!

ଫୁଲନଖରା, ୨୧।୧୦(ସମିସ): କଟକ ସଦର ଥାନା ଅନ୍ତର୍ଗତ ଉତ୍ତମାପୁରରେ ଥିବା ସଂପର୍କ ନିଶାମୁକ୍ତି କେନ୍ଦ୍ରରେ ୪୦ ବର୍ଷୀୟ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ, ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅନ୍ତର୍ଗତ ରାଜାବଜାର ନିବାସୀ ରବୀନ୍ଦ୍ର କୁମାର ଦାସଙ୍କ ପୁଅ ସୌମ୍ୟରଞ୍ଜନ ଦାସ। ୩ ମାସ ହେବ ଉକ୍ତ ନିଶାମୁକ୍ତି କେନ୍ଦ୍ରରେ ରହି ସେ ଚିକିତ୍ସିତ ହେଉଥିଲେ। ତେବେ ସୌମ୍ୟଙ୍କ ମୃତ୍ୟୁକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ତାଙ୍କୁ ହତ୍ୟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଦୀପାବଳି ରାତିରେ ନିଶାମୁକ୍ତ କେନ୍ଦ୍ରରେ ଥିବା କିଛି ଅନ୍ତେବାସୀ ସେଠାରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ସୌମ୍ୟ ଜାଣିପାରିଥିଲେ। ତେଣୁ ସେମାନେ ସୌମ୍ୟର ତଣ୍ଟି ଚିପିବା ସହ ମୁହଁରେ ତକିଆ ପକାଇ ହତ୍ୟା କରିଛନ୍ତି ବୋଲି ପରିବାରଲୋକ କହିଛନ୍ତି। ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପୁଲିସ ସନ୍ଦେହରେ ଉକ୍ତ କେନ୍ଦ୍ରର ମ୍ୟାନେଜରଙ୍କ ସମେତ ୪ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏହାସହ ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

**ଅପର୍ଣ୍ଣା ହତ୍ୟା ମାମଲା**

# ଜେଲ୍‌ରେ ଦୀପକକୁ ଝାଳବୁହା ଜେରା

ଭୁବନେଶ୍ୱର, ୨୧।୧୦ (ସମିସ): ମହିଳା ଟ୍ରାଫିକ୍ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଗିରଫ କନେଷ୍ଟବଳ ସ୍ୱାମୀ ଦୀପକ ରାଉତର ଅଡୁଆ ବଢ଼ିଛି। ପ୍ରଥମ ପତ୍ନୀ ଅପର୍ଣ୍ଣା ରାଉତ ହତ୍ୟା ମାମଲାରେ ଦୀପକ ପ୍ରଥମଥର ପାଇଁ ତଦନ୍ତର ସାମ୍ନା କରିଛି। ଅପର୍ଣ୍ଣା ହତ୍ୟା ମାମଲାର ତଦନ୍ତ କରୁଥିବା କଟକ ଗ୍ରାମାଞ୍ଚଳ ପୁଲିସ ମୁଖ୍ୟାଳୟର ଡିଏସପି ଅଜୟ କୁମାର ଦାସ ଝାରପଡ଼ା ଜେଲରେ ଦୀପକକୁ ପଚରାଉଚରା କରିଛନ୍ତି। ଦୀର୍ଘ ୩ଘଣ୍ଟା ଧରି ଜେରା କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛନ୍ତି। ସେପଟେ ଘଟଣା ସହ ଜଡ଼ିତ ସମସ୍ତଙ୍କୁ ପଚରାଉଚରା ସରିଥିବା ବେଳେ ଡାକ୍ତରଙ୍କ ଚୂଡ଼ାନ୍ତ ମତାମତ ମଧ୍ୟ ଆସିଯାଇଛି।

ଡାକ୍ତରଙ୍କ ଚୂଡ଼ାନ୍ତ ରିପୋର୍ଟରୁ ପୁଲିସକୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପୁନଃ ଯାଞ୍ଚ ପରେ ମଧ୍ୟ ତାହା ଦୁର୍ଘଟଣାଜନିତ କ୍ଷତ ନୁହେଁ ବୋଲି ଜଣାପଡ଼ିଛି। ଚୂଡ଼ାନ୍ତ ରିପୋର୍ଟ ହାତରେ ଲାଗିବା ପରେ ତଦନ୍ତକୁ ଜୋରଦାର୍ କରିଛି ପୁଲିସ। ତଦନ୍ତକାରୀ ଅଧିକାରୀ ଶ୍ରୀ ଦାସ ଗତକାଲି ଝାରପଡ଼ା ଜେଲକୁ ଆସି ଦୀପକକୁ ପ୍ରଥମଥର ପାଇଁ ପଚରାଉଚରା କରିଛନ୍ତି। ଅପର୍ଣ୍ଣାଙ୍କ ଟ୍ରକ୍ ଧକ୍କା କରିଥିବା ନେଇ ଦୀପକ ଦେଇଥିବା ଏଫ୍ଆଇଆରରେ ଗୋଟିଏ କଥା ଉଲ୍ଲେଖ ରହିଥିବା ବେଳେ ତଦନ୍ତରେ ଭିନ୍ନ କଥା ସାମ୍ନାକୁ ଆସୁଛି। ପ୍ରଥମତଃ ଦୀପକ ଏତଲାରେ ଦର୍ଶାଇଥିବା ଟ୍ରକ୍, ଦୁର୍ଘଟଣା ଘଟାଇନଥିବା ସ୍ପଷ୍ଟ ହୋଇଥିବା ବେଳେ ଦୁର୍ଘଟଣା ସାକ୍ଷୀମାନେ ମଧ୍ୟ ଭିନ୍ନ ବୟାନ ଦେଇଛନ୍ତି। ମୋଟାମୋଟି କହିବାକୁ ଗଲେ, ଦୀପକ ଆଣିଥିବା ଅଭିଯୋଗ ଆଉ ପୁଲିସର ତଦନ୍ତ ମଧ୍ୟରେ ଆକାଶ ପାତାଳ ଫରକ ଦେଖାଦେଇଛି। ସେପଟେ, ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ବୀମା ବାବଦକୁ ଦୀପକ ପ୍ରାୟ କୋଟିଏରୁ ଅଧିକ ଟଙ୍କା ପାଇଥିବାର ପ୍ରମାଣ ପାଇଛି ପୁଲିସ। ସେସବୁ ଟଙ୍କା କେଉଁ କେଉଁଠାରେ ବିନିଯୋଗ କରିଛି, କିପରି ଖର୍ଚ୍ଚ କରିଛି, ସେନେଇ ମଧ୍ୟ ପଚରାଉଚରା କରାଯାଇଛି। ଏସବୁ ଦିଗକୁ ନେଇ ପୁଲିସ ଦୀପକକୁ ପଚରାଉଚରା କରିଛି। ଦିନ ୨ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଝାଳବୁହା ଜେରା କରିଛି ପୁଲିସ। ଏହି ୩ ଘଣ୍ଟାର ପଚରାଉଚରା ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତେଇଛି ପୁଲିସ। ଖୁବ୍‌ଶୀଘ୍ର ଦୀପକକୁ ରିମାଣ୍ଡରେ ନେବାକୁ ପୁଲିସ ଯୋଜନା କରିଛି।

## ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରୁଛି ସରକାରୀ ଦଳ

# ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

ଭୁବନେଶ୍ୱର, ୨୧।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ସରକାରୀ ଦଳ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ଅଭିଯୋଗ ଆଣିଛି ବିଜେଡି। ବିଜେଡିର ଏକ ପ୍ରତିନିଧି ଦଳ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏସଂପର୍କରେ ବିଧିବଦ୍ଧ ଅଭିଯୋଗ କରିବା ସହ ବିଜେପି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

■ ଜୟ ଢୋଲକିଆଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ବୈଠକ

■ ଗୋଣ୍ଡ ସମାଜ ବୈଠକରେ ଶିକ୍ଷାମନ୍ତ୍ରୀଙ୍କ ପ୍ରଚାର



ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ରାଜ୍ୟ ଗଣ ଶିକ୍ଷା ଓ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଗତ ୨୦ ତାରିଖରେ ନୂଆପଡ଼ାର ଗୋପୀନାଥ ଜିଏନ୍ଏମ୍ ନର୍ସିଂ ଟ୍ରେନିଂ କଲେଜ ପରିସରରେ ଏକ ରାଜନୈତିକ ବୈଠକ କରିଛନ୍ତି। ଏହି ବୈଠକରେ ସେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରିଥିଲେ। ଏହି ବୈଠକଟି ଗୋଣ୍ଡ ସମାଜର ବ୍ୟାନର ତଳେ ଆୟୋଜିତ ହୋଇଥିଲେ ହେଁ, ଏହାର ବିଷୟବସ୍ତୁ ଏବଂ ଉଦ୍ଦେଶ୍ୟ ସ୍ପଷ୍ଟ ଭାବରେ ରାଜନୈତିକ ଥିଲା। ଏଠାରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରମାନଙ୍କୁ ପ୍ରଭାବିତ କରାଯାଇଥିଲା। ନିର୍ବାଚନ ଆୟୋଗଙ୍କ ଆଦର୍ଶ ଆଚରଣ ସଂହିତା ଅନୁଯାୟୀ, କୌଣସି ରାଜନୈତିକ ବୈଠକ କିମ୍ବା ପ୍ରଚାର ପାଇଁ ସରକାରୀ କିମ୍ବା ବେସରକାରୀ ଶିକ୍ଷାନୁଷ୍ଠାନର ବ୍ୟବହାର ହୋଇପାରିବ ନାହିଁ। ଶିକ୍ଷା କ୍ଷେତ୍ରରେ ନିରପେକ୍ଷତା ବଜାୟ ରଖିବା ଏବଂ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଶୈକ୍ଷିକ ପରିସର ଯେପରି ରାଜନୈତିକ ପ୍ରଭାବରୁ ମୁକ୍ତ ରହେ ତାହା ସୁନିଶ୍ଚିତ କରିବାର ନିୟମ ରହିଛି। ମାତ୍ର ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଶ୍ରୀ ଗୋଣ୍ଡ ନିର୍ବାଚନୀ ଫାଇଦା ପାଇଁ ତାଙ୍କ ସରକାରୀ ପଦବୀ ଓ ରାଜ୍ୟ ସମ୍ବଳର ଅପବ୍ୟବହାର କରିଛନ୍ତି। ବିଜେଡି ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହି ଅଭିଯୋଗ ଆଣିଛି। ବିଜେଡି କହିଛି ଯେ ଶିକ୍ଷାନୁଷ୍ଠାନ ମଧ୍ୟରେ ଏକ ରାଜନୈତିକ ବୈଠକ ଆୟୋଜନ କରି ସେଥିରେ ମନ୍ତ୍ରୀ ଶ୍ରୀ ଗୋଣ୍ଡ ଅଂଶଗ୍ରହଣ କରିଥିବାରୁ ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରିଛି। ଏହାବ୍ୟତୀତ ଚଳିତ ନିର୍ବାଚନ ସମୟରେ ରାଜନୈତିକ କାର୍ଯ୍ୟକଳାପ ପାଇଁ ଶିକ୍ଷାନୁଷ୍ଠାନ କିମ୍ବା ଅନ୍ୟାନ୍ୟ ସରକାରୀ ସମ୍ପତ୍ତିର ଅପବ୍ୟବହାର ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଜେଡି ଅନୁରୋଧ କରିଛି।

# ତିଥିରେ ରଥଯାତ୍ରା ଲାଗି ଇସ୍କନ ଅସହମତ

ପୁରୀ, ୨୧।୧୦(ସମିସ):ମାନୁନି ଇସ୍କନ। ଗଜପତି ମହାରାଜାଙ୍କ କଥା ବି ଶୁଣିବା ଅବସ୍ଥାରେ ନାହିଁ। ଶାସ୍ତ୍ରୀୟ ମତକୁ ଆଧାର କରି ନିର୍ଦ୍ଦିଷ୍ଟ ତିଥିରେ ରଥଯାତ୍ରା ଆୟୋଜନ ପାଇଁ ଗଜପତି ମହାରାଜା ଇସ୍କନ ମୁଖ୍ୟଙ୍କୁ ଏକାଧିକଥର ଚିଠି ଲେଖିଛନ୍ତି। ହେଲେ ସେମାନେ ଏଥିରେ ସହମତି ହେଉନାହାନ୍ତି। ପୁଣି ଗଜପତି ମହାରାଜା ଦିବ୍ୟସିଂହଦେବ ଇସ୍କନ ମୁଖ୍ୟଙ୍କୁ ଚିଠି ଲେଖିଛନ୍ତି। ଶ୍ରୀ ଗଜପତି ମହାରାଜାଙ୍କ ବ୍ୟକ୍ତିଗତ ସଚିବ ରାଧାକୃଷ୍ଣ ପଣ୍ଡା ଜଣାଇଛନ୍ତି ଯେ ଚଳିତବର୍ଷ ସେପ୍ଟେମ୍ବର ୬ରେ ଗଜପତି ମହାରାଜା ମାୟାପୁର (ପଶ୍ଚିମବଙ୍ଗ)ରେ ଅବସ୍ଥିତ ଇସ୍କନ ଗଭର୍ଣ୍ଣିଂବଡି କମିଶନ (ଜିବିସି)ର ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସଙ୍କୁ ଚିଠି ଲେଖିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି(ପୁରୀ)ର ଚୂଡ଼ାନ୍ତ ନିଷ୍ପତ୍ତିକ୍ରମେ ବିଶ୍ୱର ବିଭିନ୍ନ ଦେଶରେ ଅବସ୍ଥିତ ଇସ୍କନ ମନ୍ଦିରମାନେ ଶାସ୍ତ୍ର ଓ ପାରମ୍ପରିକ ରୀତିରେ ନିର୍ଦ୍ଦିଷ୍ଟ ତିଥି ଅନୁଯାୟୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନ କରିବା ଲାଗି ଗଜପତି ମହାରାଜା ଜଣାଇଥିଲେ।

**ପୁଣି ଚିଠି ଲେଖିଲେ ଗଜପତି ମହାରାଜା**

ଚଳିତ ମାସ ୧୯ ତାରିଖରେ ଇସ୍କନ ଜିବିସି ଅଧ୍ୟକ୍ଷ ପତ୍ର ମାଧ୍ୟମରେ ଗଜପତି ମହାରାଜାଙ୍କୁ ଉତ୍ତର ଦେଇଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି ଯେ ଇସ୍କନ ଭାରତ ଏବଂ ବିଦେଶର ସମସ୍ତ ମନ୍ଦିରରେ ଶାସ୍ତ୍ରୋକ୍ତେ ତିଥି (ଜ୍ୟେଷ୍ଠପୂର୍ଣ୍ଣିମା)ରେ ସ୍ନାନଯାତ୍ରା ପାଳନ କରିବାକୁ ସମ୍ମତ ହୋଇଥିଲେ ମଧ୍ୟ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କର ଶାସ୍ତ୍ର ଓ ପାରମ୍ପରିକ ନିର୍ଦ୍ଧାରିତ ତିଥି ଅନୁଯାୟୀ ଅର୍ଥାତ୍ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିଠାରୁ ଆରମ୍ଭ ହେଉଥିବା ୯ଦିନ ମଧ୍ୟରେ ଭାରତ ବାହାରେ ରଥଯାତ୍ରା ପାଳନ କରିବା ନିଷ୍ପତ୍ତି ସହିତ ସହମତ ହୋଇପାରୁନାହାନ୍ତି। ଏହାର ଉତ୍ତର ଦେଇ ଗଜପତି ମହାରାଜା ମଙ୍ଗଳବାର ଅର୍ଥାତ୍ ଅକ୍ଟୋବର ୨୧ ତାରିଖରେ ଇସ୍କନ ଜିବିସି ଅଧ୍ୟକ୍ଷଙ୍କୁ ସେମାନଙ୍କ ସିଦ୍ଧାନ୍ତର ପୁନଃବିଚାର କରିବାକୁ ପୁଣି ଏକ ପତ୍ର ଲେଖିଛନ୍ତି। ପବିତ୍ର ଶାସ୍ତ୍ର ଏବଂ ପୁରାତନ ପାରମ୍ପରିକ ରୀତିର ସମ୍ମାନ ରଖି ସମସ୍ତ ଦେଶର ଇସ୍କନ ମନ୍ଦିରମାନେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିଠାରୁ ଆରମ୍ଭ ହେଉଥିବା ୯ଦିନ ମଧ୍ୟରେ ରଥଯାତ୍ରା ପାଳନ କରିବା ନିମନ୍ତେ ଗଜପତି ମହାରାଜା ଦିଗ୍‌ଦର୍ଶନ ଦେଇଛନ୍ତି।

# ବିଜେପି ସଭା ପାଇଁ ୨୦ ଗୋରୁ ବଳି: କଂଗ୍ରେସ

ଭୁବନେଶ୍ୱର, ୨୧।୧୦ (ସମିସ): ନୂଆପଡା ଉପନିର୍ବାଚନରେ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ଯାଇଥିବାବେଳେ ସଭାପାଇଁ ବିଜେପି ୨୦ ଗୋରୁଙ୍କୁ ବଳି ଦେଇଛି ଏବଂ ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ଦଳର ଏହା ଅସଲ ଚରିତ୍ର ବୋଲି କହିଛି କଂଗ୍ରେସ। ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ପ୍ରଚାର ପାଇଁ ଯିବାବେଳେ ସଭା ପାଇଁ ୧୫-୨୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲା। ମାତ୍ର କୌଣସି ପ୍ରକାରେ ବଡ଼ କଷ୍ଟରେ ସଭା ପାଇଁ ବିଜେପି ପାଞ୍ଚ ହଜାର ଲୋକଙ୍କୁ ଏକାଠି କରିବାକୁ ସକ୍ଷମ ହୋଇଥିଲା। ଫଳରେ ବଳକା ଖାଦ୍ୟକୁ ନଷ୍ଟ କରାଯିବା ପରିବର୍ତ୍ତେ ଦାୟିତ୍ୱହୀନ ଭାବରେ ଫିଙ୍ଗି ଦିଆଯାଇଥିଲା। ଏହାକୁ ଖାଇ ନୂଆପଡ଼ା ନିକଟସ୍ଥ ଗୋତମା ଗାଁର ୨୦ଟି ଗାଇ ମୃତ୍ୟୁବରଣ କରିଛନ୍ତି। ୪୦ଟି ଗାଇ ଅସୁସ୍ଥ ହୋଇ ମୃତ୍ୟୁ ସହ ଏବେ ସଂଗ୍ରାମ କରୁଛନ୍ତି; କିନ୍ତୁ ଦୁଃଖର କଥା ଏପର୍ଯ୍ୟନ୍ତ ଗାଇମାନଙ୍କ ପୋଷ୍ଟମର୍ଟମ ରିପୋର୍ଟ ସରକାର ସାର୍ବଜନୀନ କରି ନାହାନ୍ତି କି ନିର୍ବାଚନ କମିଶନ ମଧ୍ୟ ଏ ସମ୍ପର୍କରେ କୌଣସି ନୋଟିସ ଦେଇ ନାହାନ୍ତି। ସ୍ଥାନୀୟ ନେତା, ସାଂସଦ, ଏପରିକ ବଜରଙ୍ଗ ଦଳ, ଭିଏଚପି ଏ ସମ୍ପର୍କରେ ତୁଣ୍ଡ ଖୋଲୁ ନାହାନ୍ତି। ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି କାହିଁକି ଲୁଚିଛି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କହିଛନ୍ତି। ସେ ପୁଣି ବିଜେପି ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ୨୦ ହଜାର ଲୋକ ଯୋଗାଡ଼ କରିବାକୁ ଯୋଜନା କରିଥିଲା। ମାତ୍ର ଅକ୍ଲାନ୍ତ ପରିଶ୍ରମ ଓ ଟଙ୍କା ବାଣ୍ଟିବା ସତ୍ତ୍ୱେ ମଧ୍ୟ ମୋଟେ ୫ ହଜାର ଲୋକ ପହଞ୍ଚିଥିଲେ ଓ ୧୫ ହଜାର ଚୌକି ଖାଲି ପଡିଥିଲା। ପ୍ରାର୍ଥୀଙ୍କୁ ନେଇ ଦଳରେ ଫାଟ ଜଳଜଳ ଦିଶୁଛି ଓ ସଭାରେ ଖାଲି ଚୌକି ଏହାକୁ ପ୍ରମାଣିତ କରିଛି । ଗୋଷ୍ଠୀ କନ୍ଦଳ ଦଳକୁ ଫାଳଫାଳ କରି




ଦେଇଥିବାବେଳେ ବିଜେପି ବାହାରେ ବାହାଦୂରୀ ମାରୁଛି। ବଳକା ପଚା ଖାଦ୍ୟ ଖୁଆଇ ସ୍ଥାନୀୟ ଅଞ୍ଚଳର ଗୋରୁଙ୍କୁ ବିଜେପି ହତ୍ୟା କରିଛି। ମାତ୍ର ଗୋମାତାଙ୍କ ସୁରକ୍ଷା ପାଇଁ ଚିତ୍କାର କରୁଥିବା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏହି ପ୍ରସଙ୍ଗରେ ଚୁପ୍ ବସିଛନ୍ତି। ଏତେ ସଂଖ୍ୟକ ଗାଇଙ୍କ ଦୁଃଖଦ ଅପମୃତ୍ୟୁକୁ ନେଇ ନିର୍ବାଚନ କମିଶନ ବିଜେପିକୁ କାହିଁକି କାରଣ ଦର୍ଶାଅ ନୋଟିସ ଜାରୀ କରି ନାହାନ୍ତି ସେନେଇ ସେ ଆଶ୍ଚର୍ଯ୍ୟପ୍ରକଟ କରିବା ସହ ମୃତ ଗୋରୁ ପିଛା ୨୫ ହଜାର ଟଙ୍କା ଲେଖାଏଁ ବିଜେପି ଦେଉ ବୋଲି ସେ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ନଳିନୀକାନ୍ତ ନାୟକ ଓ ଝୁନା ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।

# ଜିଆଇ ଟ୍ୟାଗ ଅପେକ୍ଷାରେ 'କୋରାଖଇ'

ଭୁବନେଶ୍ୱର,୨୧।୧୦(ସମିସ): ଭୁବନେଶ୍ୱରର କୋରାଖଇକୁ ନେଇ ଯେତିକି ଐତିହ୍ୟ ଓ ସଂସ୍କୃତି ରହିଛି ତାହାର ପରମ୍ପରା ମଧ୍ୟ ସେତିକି ପୁରୁଣା। ପ୍ରାୟ ତିନି ଶହ ବର୍ଷ ପୁରୁଣା କୋରାଖଇ ଓଡିଶାର ଦେବାଦେବୀଙ୍କ ସହ ଜଡିତ। ଖାଲି ସେତିକି ନୁହଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀଲିଙ୍ଗରାଜଙ୍କ ସହ ସମ୍ପର୍କ ମଧ୍ୟ ବହୁତ ପୁରୁଣା। ଶ୍ରୀଲିଙ୍ଗରାଜଙ୍କ ପାଖରେ ହେଉଥିବା କୋରାଖଇ ଭୋଗ ବିଶ୍ୱପ୍ରସିଦ୍ଧ ଓ ରାଜ୍ୟର ବିଭିନ୍ନ ମନ୍ଦିରର ଭୋଗ ହୋଇପାରିଛି। ଏଥିସହିତ ଆଖପାଖ ଅଞ୍ଚଳର ଅନେକ ପରିବାର ଏହାକୁ ନେଇ ଜୀବିକା ନିର୍ବାହ କରୁଛନ୍ତି। ତେଣୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ଦେବାକୁ ବାରମ୍ବାର ଦାବି ଉଠିଆସୁଥିଲେ ହେଁ କୋରାଖଇକୁ ଏଯାଏଁ ମିଳିପାରୁ ନାହିଁ।

ଜୁଲାଇ ୨୦୨୫ ସୁଦ୍ଧା ସାରା ଦେଶରେ ୬୫୮ଟି ଉତ୍ପାଦକୁ ଜିଆଇ ଟ୍ୟାଗ୍ ମିଳିସାରିଛି। ସେଥିମଧ୍ୟରୁ ଓଡ଼ଶାର ଓଡିଶାର ୨୬ଟି ଉତ୍ପାଦ ଜିଆଇ ମାନ୍ୟତ ପାଇଛି। ଏଥିରେ ଢେଙ୍କାନାଳର ମଗଜୀ ଲଡ୍ଡୁ , ସମ୍ବଲପୁରୀ ବାନ୍ଧ ଶାଢ଼ି, କଟକ ରୁପା ତାରକସୀ, ପିପିଲି ଚାନ୍ଦୁଆ, ବୋମକାଇ ଶାଢ଼ୀ, ବ୍ରହ୍ମପୁର ଫୋଡା କୁମ୍ଭ ଶାଢ଼ୀ ଓ ଯୋଡା, ଗୋପାଳପୁର ଟସର କପଡା ଓ ଓଡ଼ିଶା ପଟ୍ଟଚିତ୍ର ଆଦି ସାମିଲ ରହିଛି। ହେଲେ ଏହି ମାନ୍ୟତାରୁ ଏଯାଏଁ ରାଜଧାନୀର ପ୍ରସିଦ୍ଧ କୋରାଖଇ ବଞ୍ଚିତ ରହିଛି। ଏକ ଉତ୍ପାଦ ଜିଆଇ ମାନ୍ୟତା ପାଇବା ପାଇଁ ଅତି କମ୍‌ରେ ୭୦ ବର୍ଷର ଇତିହାସ ରହିଥିବା



ଆବଶ୍ୟକ। ଏହା ସ୍ୱତନ୍ତ୍ର ଓ ଭିନ୍ନ ହୋଇଥିବା ସହ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଏଥିପାଇଁ ସୁପରିଚିତ ଓ ପ୍ରତିଷ୍ଠିତ ହୋଇଥିବା ଆବଶ୍ୟକ। ଏହା ସହିତ କିଛି ସମୁଦାୟ ଏହାକୁ ନେଇ ଜୀବିକା ନିର୍ବାହ କରୁଥିବା ମଧ୍ୟ ଆବଶ୍ୟକ। ଏହି ପରିପେକ୍ଷୀରେ କୋରାଖଇ ଜିଆଇ ଟ୍ୟାଗ୍ ମାନ୍ୟତାର ସମସ୍ତ ନିୟମାବଳୀ ଅଧୀନରେ ଆସୁଥିଲେ ହେଁ କାହିଁକି ମାନ୍ୟତା ଦିଆଯାଉ ନାହିଁ ସାଧାରଣରେ ପ୍ରଶ୍ନ ଉଠିଛି।

କୋରାଖଇ କଥା ଉଠିଲେ ପୁରୁଣା ଭୁବନେଶ୍ୱରର ବଇଆ କୋରାଖଇ ଆପେଆପେ ମନକୁ ଚାଲିଆସେ। କୋରାଖଇର ବାସ୍ନାରେ ପୁରୁଣା ଭୁବନେଶ୍ୱର ଅଞ୍ଚଳ ସବୁବେଳେ ମହକୁଥାଏ। ପୁରୁଣା ଭୁବନେଶ୍ୱରର କୋରାଖଇ କେବଳ ଯେ ଓଡ଼ିଶା ଲୋକଙ୍କୁ ପସନ୍ଦ ତାହା ନୁହଁ ବରଂ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ମଧ୍ୟ ବେଶ ପସନ୍ଦ କରିଥାଆନ୍ତି। ପୁରୁଣା ଭୁବନେଶ୍ୱରର ଆଖପାଖ ଅଞ୍ଚଳରେ ବିଭିନ୍ନ ପ୍ରକାର କୋରାଖଇ ଦେଖିବାକୁ ମିଳେ। କୋରାଖଇ ପ୍ରସ୍ତୁତ କରୁଥିବା ଭାଗବତ ସାହୁ କୁହନ୍ତି ପୁରୁଣା ଭୁବନେଶ୍ୱରର କୋରାଖଇର ଯେତିକି ସ୍ୱତନ୍ତ୍ରତା ରହିଛି ତା'ର ପ୍ରସ୍ତୁତି ପ୍ରଣାଳୀ ବି ଠିକ ସେଇଭଳି ନିଆରା। ତାଙ୍କ କହିବା ଅନୁଯାୟୀ ବିଶେଷ କରି ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା, କାର୍ତ୍ତିକ ପୂର୍ଣ୍ଣିମା, ଗଣେଶ ପୂଜା, ମକର ସଂକ୍ରାନ୍ତି, ଧନୁ ସଂକ୍ରାନ୍ତି ଏବଂ ଜନ୍ମାଷ୍ଟମୀରେ ଅନ୍ୟ ଦିନ ଅପେକ୍ଷା କୋରାଖଇର ବିକ୍ରି ଅଧିକ ହୋଇଥାଏ। ରଥଯାତ୍ରା ସମୟରେ ବିଭିନ୍ନ ସ୍ଥାନରୁ ଲୋକ ଏଠାକୁ ଆସିଥାନ୍ତି। ତେଣୁ ଭୋଗ ଚଢ଼ାଇବା ପାଇଁ ପ୍ରଥମେ ଏହାକୁ ହିଁ ଖୋଜିଥାନ୍ତି। ଓଡିଶା ପ୍ରସିଦ୍ଧ ଏହି କୋରାଖଇକୁ ଜି.ଆଇ ମାନ୍ୟତା ମିଳିବା ଦରକାର। କାରଣ ଏହା ସବୁଠି ଓଡିଶା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଚାହିଦା ମଧ୍ୟ ବଢ଼ି ବଢ଼ି ଚାଲିଛି।

■ ତିନି ଶହ ବର୍ଷ ଧରି ପରମ୍ପରା ସହ ଜଡ଼ିତ

■ ଦେଶ ବିଦେଶରେ ସୃଷ୍ଟି କରିଛି ପରିଚୟ

ପୁରୁଣା ଭୁବନେଶ୍ୱରର ବାସିନ୍ଦା ନିଳମଣି ମିଶ୍ର କୁହନ୍ତି, ଶ୍ରୀଲିଙ୍ଗରାଜଙ୍କ ସହ ଜଡିତ ରହିଛି କୋରାଖାଇ। ଯାହା ସେ ତାଙ୍କ ବାପା ଦାଦା ଅମଳରୁ ଦେଖି ଆସୁଛନ୍ତି। ଏହା କେବଳ ଓଡ଼ିଶା ନୁହଁ ବରଂ ବିଶ୍ୱରେ ପରିଚୟ ସୃଷ୍ଟି କରିଛି। ଜିଆଇ ମାନ୍ୟତା ପାଇବାକୁ ଯୋଗ୍ୟ ହୋଇଥିଲେ ବି ସଚେତନତା ଓ ଆଗ୍ରହ ଅଭାବରୁ ଏହା ଜିଆଇ ମାନ୍ୟତା ନ ପାଇବା ଅତ୍ୟନ୍ତ ଦୁଃଖର କଥା ବୋଲି ସେ କହିଛନ୍ତି।

# ସଂସାର ଉଜାଡ଼ିଲା ମଦ ନିଶା

## ଟାଙ୍ଗିଆ ଚୋଟରେ ପତ୍ନୀ ମୃତ, ଝିଅ ଗୁରୁତର

ଦାନଗଦି/ଯାଖପୁରା,୨୧।୧୦(ସମିସ): ମଦ ନିଶାରେ ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ମନ ଶାନ୍ତ ହେଲାନି ଯେ ପାଖରେ ଶୋଇଥିବା ଝିଅକୁ ବି ହାଣି ଗୁରୁତର କରିଦେଲା। ଦୀପାବଳି ରାତିରେ ସମସ୍ତେ ଭୋଜିଭାତରେ ମାତିଥିବା ବେଳେ ଯଖପୁରା ଥାନା ଅଞ୍ଚଳ ରାବଣା ଛକ ନିକଟ ଏକ ଇଟାଭାଟିରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଝାଡ଼ଖଣ୍ଡ ଅଞ୍ଚଳର କର୍ପୂରୀ ସୋରେନ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ସୁନାରାମ ସୋରେନକୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁସାରେ, ରାବଣା ଛକ ନିକଟ ଏକ ଇଟାଭାଟିରେ ଏହି ସୋରେନ୍ ଦମ୍ପତି କାମ କରୁଥିଲେ। ସେମାନଙ୍କ ମଧ୍ୟରେ କିଛି ଦିନ ହେବ ମତାନ୍ତର, ମନାନ୍ତର ଘଟିଥିବାରୁ ପତ୍ନୀ କର୍ପୂରୀ ନିଜ ୭ବର୍ଷର ଝିଅ ଶୁଭ ସୋରେନକୁ ଧରି ଅଲଗା ରହୁଥିଲେ। ସୋମବାର ଦୀପାବଳି ଅବସରେ ଇଟାଭାଟିରେ ଭୋଜିଭାତ ଚାଲୁଥିଲା। ସବୁ ଶ୍ରମିକ ଭୋଜିଭାତରେ ସାମିଲ ହୋଇଥିଲେ। ମତାନ୍ତର ଭୁଲି ସୁନାରାମ ଓ କର୍ପୂରୀ ଏକାଠି ଭୋଜି ଖାଇଥିଲେ। ତେବେ ଅଚାନକ ପୂର୍ବ କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ମଦନିଶାରେ ଥିବା ସୁନାରାମ ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ କର୍ପୂରୀକୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତା'ର ମୃତ୍ୟୁ ହୋଇଯାଇଥିଲା। ଏତିକିରେ ସୁନାରାମର ରାଗ ଶାନ୍ତ ହେଲାନି। ପାଖ କ୍ୟାମ୍ପରେ ଶୋଇଥିବା ଝିଅ ଶୁଭକୁ ମଧ୍ୟ ଟାଙ୍ଗିଆରେ ହାଣି ପକାଇଥିଲା। ଚିତ୍କାର ଶୁଣି ଭୋଜିରେ ଥିବା ଅନ୍ୟମାନେ ଦୌଡ଼ି ଆସିବାରୁ ସୁନାରାମ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ପାଖ ଲୋକେ ଝିଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଦାନଗଦି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

କଳିଙ୍ଗନଗର ଏଏସ୍‌ପି ସୁପ୍ରସନ୍ନ ମଲ୍ଲିକ ଓ ଯଖପୁରା ଥାନା ଅଧିକାରୀ ଅସିବ କୁମାର ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଛି। ଅପରପକ୍ଷେ, ଘଟଣା ପରେ ଅଭିଯୁକ୍ତ ସୁନାରାମ ଫେରାର ହୋଇ ପଳାଉଥିବା ବେଳେ ୨୦ କିମି ଦୂର ଟମକା ଥାନା ମହୁଲମୂଳ ନିକଟରୁ ପୁଲିସ ତାକୁ ଗିରଫ କରିଛି।





# ମାନିଲେନି କଟକଣା; ଧଜିଆ ଉଡ଼ିଲା



ଭୁବନେଶ୍ୱର, ୨୧।୧୦ (ସମିସ): କାଳୀପୂଜା ଓ ଦୀପାବଳି ଦୁଇ ଦିନ ପଡ଼ିଥିବାରୁ ରାଜଧାନୀବାସୀ ଦୁଇ ଦିନ ଧରି ବାଣ ଫୁଟାଇଛନ୍ତି। ସୋମବାର ଦୀପାବଳି ପାଳନ ପାଇଁ ହୋଇଥିବା ନିୟମକୁ ଫୁ କରି ଦେଇଛନ୍ତି ଅମାନିଆ। ସାରା ରାଜ୍ୟରେ ଦୀପାବଳି ଉପଲକ୍ଷେ ବାଣ ଫୁଟାଇବା ପାଇଁ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିବା ବେଳେ କମିସନରେଟ ପୁଲିସ ପକ୍ଷରୁ ମଧ୍ୟ ଘୋଷଣା କରାଯାଇଥିଲା। ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ବାଣ ଫୁଟାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପରାମର୍ଶ ଦେଇଥିଲା। କିନ୍ତୁ ସୋମବାର ଦୀପାବଳି ଉତ୍ସବ ପାଳନ ବେଳେ ଲୋକେ ନିୟମର ଧଜିଆ ଉଡ଼ାଇ ଥିଲେ। ଅନ୍ୟ ଅଞ୍ଚଳ କଥା ଛାଡ଼ନ୍ତୁ, ଖୋଦ୍ ରାଜଧାନୀର ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ରାତି ୯ଟା ପରେ ମଧ୍ୟ ଉଚ୍ଚ ଶବ୍ଦ କରୁଥିବା ବାଣ ଫୁଟାଇଥିଲେ। କେବଳ ରାତି ୯ଟା ପରେ ନୁହେଁ, ରାଜଧାନୀର ବିଭିନ୍ନ ଅଞ୍ଚଳରେ ରାତି ସାରା ବାଣ ଫୁଟୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୁଲିସ କଣ୍ଟ୍ରୋଲ ରୁମ୍ ଓ ଥାନାକୁ ଏକାଧିକ ଫୋନ୍ ମଧ୍ୟ ଆସିଥିଲା। ରାତି ୯ଟା ପରିବର୍ତ୍ତେ ୧୦ଟା ପରେ ପୁଲିସ ପାଟ୍ରୋଲିଂ ଆରମ୍ଭ କରିଥିଲା। ସାଇରନ୍ ଦେଇ ବିଭିନ୍ନ ସ୍ଥାନରେ ବୁଲିଥିଲେ ମଧ୍ୟ ପୁଲିସ ଯିବା ପରେ ପୁଣି ଆରମ୍ଭ ହୋଇଥିଲା ବାଣ ଫୁଟା। ରାତିର ରାଜଧାନୀ ଧୂଆଁମୟ ହୋଇଥିବା ବେଳେ କୁହୁଡ଼ିର ଭ୍ରମ ସୃଷ୍ଟି କରିଥିଲା। ପ୍ରଦୂଷଣର ମାତ୍ରା ଏଭଳି ଭାବେ ବଢ଼ିଯାଇଥିଲା ଯେ ରାସ୍ତା ଦେଖାଯିବା କଷ୍ଟକର ହୋଇଥିଲା। ଏପରିକି ଦିଲ୍ଲୀ ପରି ସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା।

**ରାତି ଅଧ ଯାଏଁ ଫୁଟିଲା ବାଣ, ସାରା ସହର ଧୂଆଁମୟ**

**କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ୧୦୦ ଜଣ ଭର୍ତ୍ତି**

**୩୦ ଦୁର୍ଘଟଣା, ବାଣଫୁଟି ୨୦ ଜଣଙ୍କ ଆଖିରେ ଆଘାତ**

ସେପଟେ ବାଣ ଫୁଟାଇ ୧୦୦ରୁ ଅଧିକ ଆହତ ହୋଇଛନ୍ତି। ଦିନ ୨ଟାରୁ ରାତି ୧୦ଟା ମଧ୍ୟରେ ୬୨ ଜଣ ଆହତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି ଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ୧୦୦ ଛୁଇଁଛି। ସେହିପରି ଦୀପାବଳିକୁ ଆଖି ଆଗରେ ରଖି କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଆଖି ଓପିଡି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହିଥିଲା। ବଳଙ୍ଗା ଅଞ୍ଚଳର ଜଣେ ୬ ବର୍ଷୀୟା ନାବାଳିକାଙ୍କ ଆଖି ବାଣ ଫୁଟି କ୍ଷତିଗ୍ରସ୍ତ ହୋଇଛି। ବାଣ ଦ୍ୱାରା ପିପିଲିର ସୌମ୍ୟରଞ୍ଜନ ନାୟକ, ଜୟଦେବ ବିହାରର ସୁମନ ମହାନ୍ତି, ଖୋର୍ଦ୍ଧା ଲକ୍ଷ୍ମୀପ୍ରିୟା ସୋରେନ, ଗଙ୍ଗନଗରର ଲଳିତେନ୍ଦୁ ବିଦ୍ୟାଧର ସାହୁ, ଡୁମୁଡୁମାର ୪ ବର୍ଷୀୟ ଇମ୍ରାନ ଅଲ୍ଲୀଙ୍କ ଆଖି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବାଣ ଫୁଟି ଆଖି କ୍ଷତିଗ୍ରସ୍ତ ହୋଇଥିବା ପ୍ରାୟ ୨୦ ଜଣ କ୍ୟାପିଟାଲ ହସପିଟାଲକୁ ଚିକିତ୍ସା ପାଇଁ ଆସିଛନ୍ତି। ଅନେକଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଘରକୁ ପଠାଇ ଦିଆଯାଇଥିଲା। କେତେକ ଗୁରୁତର ଏବେବି ଚିକିତ୍ସାଧୀନ ଥିବାବେଳେ ଆଉ କିଛିଙ୍କୁ ଅନ୍ୟ ଡାକ୍ତରଖାନାକୁ ରେଫର କରାଯାଇଛି।

## ସରିଲା ଦୀପାବଳି; ରହିଗଲା ଆବର୍ଜନା

ସରିଲା ଦୀପାବଳି। ରାଜଧାନୀର ଗଳିକନ୍ଦିଠାରୁ ଆରମ୍ଭ କରି ପ୍ରମୁଖ ଅଞ୍ଚଳରେ ବାଣ ଫୁଟାଇଥିଲେ ସହରବାସୀ। ପ୍ରାୟ ୫ କୋଟି ଟଙ୍କାର ବାଣ ବିକ୍ରି ହୋଇଥିବା ବେଳେ ମଙ୍ଗଳବାର ସକାଳୁ ସକାଳୁ ରାଜଧାନୀର ଗଳିକନ୍ଦିରେ ପଡ଼ିଥିଲା କୁଢ଼କୁଢ଼ ଦୀପାବଳି ଆବର୍ଜନା। ବିଶେଷକରି ୟୁନିଟ୍-୬ର କ୍ୟାପିଟାଲ ହସ୍ପିଟାଲ ପଛପାଖ ରାସ୍ତା, ବାପୁଜୀ ନଗର, ପଳାଶୁଣି, ଚକେଇସିଆଣି, ଚନ୍ଦ୍ରଶେଖରପୁର, ପଟିଆ, ଖଣ୍ଡଗିରିରେ ବିଭିନ୍ନ ଗଳି ରାସ୍ତାରେ ଏଭଳି ଅଳିଆ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା।

କେତେକ ସ୍ଥାନରେ ବିଏମ୍‌ସି ପକ୍ଷରୁ ଆବର୍ଜନାଗୁଡ଼ିକ ଉଠାଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ଗଦା ହୋଇ ରହିଥିଲା ଆବର୍ଜନା। କ୍ଷତିକାରକ ଦୀପାବଳି ଅପଚୟ ମଧ୍ୟରେ ରହିଛି ବାଣରୁ ବାହାରୁଥିବା ପ୍ଲାଷ୍ଟିକ୍, କାଗଜ, ସୀସା, ବେରିୟମ୍ ଏବଂ ଷ୍ଟ୍ରୋଣ୍ଟିୟମ୍ ପରି ଧାତୁ। ଯାହା ବାୟୁ ଏବଂ ମାଟି ପ୍ରଦୂଷଣର କାରଣ ହୁଏ, ଏବଂ ଅବିଘଟନଶୀଳ ସାଜସଜ୍ଜା ସାମଗ୍ରୀ ମଧ୍ୟ ଅନ୍ତର୍ଭୁକ୍ତ। ଏହି ଅପଚୟକୁ ପୋଡ଼ିବା ଦ୍ୱାରା କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ସଲ୍‌ଫର ଡାଇଅକ୍ସାଇଡ୍ ଏବଂ ଅସ୍ଥିର ଜୈବ ଯୌଗିକ ପରି ବିଷାକ୍ତ ଗ୍ୟାସ ନିର୍ଗତ ହୁଏ ବୋଲି କହିଛନ୍ତି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।

**ବିପଦରେ ଗାଈଗୋରୁ, ବୁଲା କୁକୁର**



ରାଜଧାନୀ ରାସ୍ତାଘାଟରେ ପଡ଼ିଥିବା ଆବର୍ଜନାଗୁଡ଼ିକୁ ଗାଈଗୋରୁ ଖାଉଥିବା ଦେଖିବାକୁ ମିଳିଥିଲା। କ୍ଷତିକାରକ ରାସାୟନିକ ପଦାର୍ଥ, ଧାତୁଆ ଜିନିଷ ଏବଂ ଅପଚୟକାରୀ ପ୍ଲାଷ୍ଟିକ ଯୋଗୁଁ ଦୀପାବଳିର ଅଳିଆ ସାମଗ୍ରୀ ଗାଈ ଏବଂ କୁକୁରଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ। ପାର୍ବଣ ଋତୁରେ ପ୍ରଚୁର ପରିମାଣର ଅଳିଆ ଉତ୍ପାଦିତ ହୁଏ ଯାହାକୁ ସଠିକ୍ ପୃଥକୀକରଣ ବିନା ଫିଙ୍ଗାଯାଇଥିବାରୁ ତହା ବୁଲା କୁକୁର ଏବଂ ଗୋରୁଙ୍କ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି।

ଏଥିରେ ଥିବା ପୋଡ଼ା ବାରୁଦ ମିଶା କାଗଜ ବୁଲାଗୋରୁମାନେ ଖାଉଥିବାରୁ ଆଗାମୀଦିନରେ ସେମାନେ ବିଭିନ୍ନ ପେଟରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶେଷକରି ରାଜଧାନୀର ଗଳିକନ୍ଦିରେ ବୁଲୁଥିବା ଷଣ୍ଢଗୁଡ଼ିକ ଏଭଳି ବିଷାକ୍ତ କାଗଜ ଏବଂ ଆବର୍ଜନା ଖାଇବା ଦ୍ୱାରା ସେମାନେ ବିପଜ୍ଜନକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏମିତି କି ଅନେକ କ୍ଷେତ୍ରରେ ଷଣ୍ଢଙ୍କ ମୃତ୍ୟୁ ହେବାର ଆଶଙ୍କା ରହିଛି ବୋଲି ପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫୁଲଝରି ଭଳି ଅନେକ ବାଣ ରହିଛି ଯେଉଁଥିରେ ଲୁହା ତାର ବ୍ୟବହାର ହୋଇଥାଏ। ଆବର୍ଜନା ସହ ମିଶି ରହିଥିବା ଏହା ଲୁହାଗୁଡ଼ିକ ଗୋରୁଙ୍କ ପାଟି, ଅନ୍ତଃନଳୀ ଏବଂ ପେଟରେ କ୍ଷତ ସୃଷ୍ଟି କରିଥାଏ।

ସେହିଭଳି ରାଜଧାନୀର ବିଭିନ୍ନ ରାସ୍ତା ଘାଟରେ ବୁଲୁଥିବା ବୁଲାକୁକୁରମାନେ ଏଭଳି ବିଷାକ୍ତ ଆବର୍ଜନା ଦ୍ୱାରା ଶିକାର ହେବାର ଆଶଙ୍କା ରହିଛି। ବିଭିନ୍ନ ଆବର୍ଜନାଗୁଡ଼ିକରେ ନିଆଁ କୁହୁଳୁଥିବାରୁ ତାହା ଯେକୌଣସି ସମୟରେ ଅଗ୍ନିସଂଯୋଗ ହୋଇ ଦରଫୁଟା ବାଣଗୁଡ଼ିକ ଫୁଟିବାର ଆଶଙ୍କା ରହିଛି। ଏହାଦ୍ୱାରା କେବଳ କୁକୁର ନୁହନ୍ତି ଗାଈଗୋରୁ ମଧ୍ୟ କ୍ଷତିଗ୍ରସ୍ତ ହୋଇପାରନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାସ୍ତାକଡ଼ରେ ପଡ଼ି ରହିଥିବା ଦୀପାବଳି ଆବର୍ଜନାରେ ଥିବା ବାରୁଦ ଏବଂ ପୋଡ଼ା ବାରୁଦ ମାଟିରେ ମିଶିବା ଦ୍ୱାରା ମୃତ୍ତିକାକୁ ବ୍ୟାପକ କ୍ଷତି ପହଞ୍ଚାଇବାରେ। ଦୀପାବଳି ସମୟରେ ପୃଥିବୀକୁ କ୍ଷତି ପହଞ୍ଚାଉଥିବା କ୍ଷତିକାରକ ଅପଚୟ ଏବଂ ପ୍ରଦୂଷଣ ମୁଖ୍ୟତଃ ଫୋଟକା, ଅବିଘଟନଶୀଳ ସାଜସଜ୍ଜା ଏବଂ ଅତ୍ୟଧିକ ଅପଚୟ ଉତ୍ପାଦନରୁ ଆସିଥାଏ। ଏହା ବାୟୁ, ଜଳ ଏବଂ ଶବ୍ଦ ପ୍ରଦୂଷଣ ସୃଷ୍ଟି କରେ ଯାହା ପରିବେଶ ଏବଂ ଜୀବଜଗତ ଉପରେ ସ୍ଥାୟୀ ପ୍ରଭାବ ପକାଇବାର ଆଶଙ୍କା ରହିଛି ବୋଲି ପରିବେଶବିତ୍‌ମାନେ ମତପୋଷଣ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବତୀ ମୃତ

ଭୁବନେଶ୍ୱର, ୨୧।୧୦ (ସମିସ): ଦୀପାବଳିରେ ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ଯୁବତୀ ପ୍ରାଣ ହରାଇଛନ୍ତି। ମୃତା ଯୁବତୀ ହେଉଛନ୍ତି ଖଣ୍ଡଗିରି ବରବାରି ଅଞ୍ଚଳରେ ରହୁଥିବା ବାଙ୍କୀ ଥାନା ପାଟପୁରର ଲିଜା ରଣା (୨୨)। ଦୁର୍ଘଟଣାରେ ଲିଜାଙ୍କ ପୁରୁଷ ବନ୍ଧୁ ତଥା ଭଞ୍ଜନଗର ଥାନା ଲାଲ୍ ସିଂ ଗାଁର ରୂପମ୍ ସ୍ୱାଇଁ ଗୁରୁତର ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଜାଗମରା ଅଞ୍ଚଳରେ ରହୁଥିବା ରୂପମ୍ ଓ ଲିଜା ସ୍କୁଟି ଯୋଗେ ଭୁବନେଶ୍ୱରରୁ ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ଲିଜା ସ୍କୁଟି ଚଳାଉଥିବା ବେଳେ ରୂପମ୍ ପଛରେ ବସିଥିଲେ। ତମାଣ୍ଡୋ ପେଟ୍ରୋଲ ପମ୍ପ ନିକଟରେ ପାଇଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଲିଜା ଓ ରୁମ୍ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଘଟଣାସ୍ଥଳରେ ଲିଜା ପ୍ରାଣ ହରାଇଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଲିଜାଙ୍କୁ ମୃତ ଘୋଷଣା କରିଥିଲେ। ଲିଜାଙ୍କ ବାପା ବିଜୟ ରଣାଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା।

ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରୂପମ୍ ଚିକିତ୍ସା ପରେ ଡିସଚାର୍ଜ ହୋଇଥିଲେ ମଧ୍ୟ ତାଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରିଥିବାବେଳେ ଧକ୍କା ଦେଇଥିବା ଗାଡ଼ିକୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

## ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ; ଜଣେ ଅଟକ

ଭୁବନେଶ୍ୱର, ୨୧।୧୦ (ସମିସ): ରାଜଧାନୀ ଦୀପାବଳି ପାଳୁଥିବା ବେଳେ ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ ହୋଇଛି। ଡମଣା ଛକରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଅଟକ ରଖିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଯୁବତୀ ଜଣକ ଚାଲି ଚାଲି ଯାଉଥିବା ବେଳେ ଜଣେ ଯୁବକ ତାଙ୍କୁ ରାସ୍ତାରେ ଅଟକାଇଥିଲା। ହଠାତ୍ ଯୁବତୀଙ୍କୁ ଟଣାଓଟରା କରିବା ସହ ଉଠାଇ ନେବାକୁ ଉଦ୍ୟମ କରିଥିଲା। କିଛି ସମୟ ପର୍ଯ୍ୟନ୍ତ ଧସ୍ତାଧସ୍ତି ଚାଲିଥିବା ବେଳେ ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଏକାଠି ହୋଇ ଯାଇଥିଲେ। ଅସାମାଜିକ ଯୁବକକୁ କାବୁକରି ପୁଲିସକୁ ହସ୍ତାନ୍ତର କରିଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଯୁବତୀଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଛି ପୁଲିସ। ଅଟକ ଯୁବକକୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।



## ବିନ୍ଦୁ ସାଗର କୂଳରେ ପୟା ଶ୍ରାଦ୍ଧ

ଭୁବନେଶ୍ୱର, ୨୧।୧୦(ସମିସ): ପବିତ୍ର ପୟା ଶ୍ରାଦ୍ଧ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜା କରି ବଡ଼ବଡୁଆ ଡାକ ପାଇଁ ଦୀପାବଳିରେ ଏକାମ୍ର କ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିନ୍ଦୁସାଗର କୂଳ ଓ ଶ୍ରୀରାମନଗର ସ୍ଥିତ ସୂକ୍ଷ୍ମେଶ୍ୱର ମନ୍ଦିର ନିକଟରେ ଶ୍ରଦ୍ଧାଳୁମାନେ ତାଙ୍କ ପିତୃପୁରୁଷ ଓ ମାମୁଘରର ତିନି ପୁରୁଷକୁ ଏହି ପିଣ୍ଡଦାନ କରିଥିଲେ। ଏଥିପାଇଁ ବିନ୍ଦୁସାଗର କୂଳରେ ଧାଡ଼ି ହୋଇ ବ୍ରାହ୍ମଣମାନେ ରହି ପୂଜା କାର୍ଯ୍ୟ କରିଥିଲେ। ଏହି ସ୍ଥାନରେ ପିଣ୍ଡଦାନ କଲେ ପରଲୋକଗତ ଆତ୍ମାର ସଦ୍‌ଗତି ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଭୋର୍‌ରୁ ଆସି ଶ୍ରାଦ୍ଧ ଅର୍ପଣ କରିଥିଲେ। ବିନ୍ଦୁସାଗର ଦକ୍ଷିଣ ପୂର୍ବ ଘାଟଠାରୁ ଉତ୍ତରେଶ୍ୱର ଘାଟ ପର୍ଯ୍ୟନ୍ତ ବହୁ ପୁରୁଷ ଓ ମହିଳାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସେହିପରି ଦୀପାବଳି ଅମାବାସ୍ୟା ଉପଲକ୍ଷେ ବଡ଼ବଡୁଆଙ୍କୁ ଡାକିବା ପାଇଁ ବିନ୍ଦୁସାଗର କୂଳ ଓ ଶ୍ରୀଲିଙ୍ଗରାଜ ମନ୍ଦିରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସକାଳ ୯ଟାରୁ ବିନ୍ଦୁ ସାଗର କୂଳରେ ପିତୃପୁରୁଷଙ୍କୁ ପୟା ଶ୍ରାଦ୍ଧ ଦେବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ସୂର୍ଯ୍ୟାସ୍ତ ପରେ ଶ୍ରଦ୍ଧାଳୁମାନେ କାଉଁରିଆ କାଠି ଓ ବିଭିନ୍ନ ପୂଜା ସାମଗ୍ରୀ ଆଣି ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ବଡ଼ବଡୁଆ ହୋ... ଡାକିଥିଲେ। ଏହି ଅବସରରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ସୂଚନା ରହିଛି।

## ଦୁର୍ଘଟଣାରେ ସ୍କୁଟି ଆରୋହୀ ମୃତ

ଭୁବନେଶ୍ୱର, ୨୧।୧୦ (ସମିସ): ମଙ୍ଗଳବାର ରାତିରେ ୟୁନିଟ୍ ୨ ଅଞ୍ଚଳରେ ଏକ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ସ୍କୁଟି ଆରୋହୀ ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ସିପୁନ।

ସୂଚନା ଅନୁସାରେ, ସିପୁନ ଏକ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ୟୁନିଟ୍ ୨ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲେ। ଖବରପାଇ କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସିପୁନଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସିପୁନଙ୍କ ମୃତଦେହ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

## ଡକାୟତି ଉଦ୍ୟମ ପଣ୍ଡକଲା ପୁଲିସ

ହଂସପାଳ, ୨୧।୧୦(ସମିସ): ବିଳମ୍ବିତ ରାତିରେ ଡକାୟତ ଉଦ୍ୟମ ଯୋଜନା ପଣ୍ଡ କରିଛି ପାହାଳ ଥାନା ପୁଲିସ। ସଦର ଥାନା ଗୋବସ୍ତର ସୌକତ ଅଲୀ(୨୩), ପାହାଳ ଥାନା ତ୍ରିନାଥ ବଜାର ବଙ୍ଗାଳୀ ସାହିର ରଞ୍ଜନ ମଣ୍ଡଳ(୨୧), ରାକେଶ ମିର୍ଦ୍ଧା(୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ପାହାଳ ଥାନା ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ ନଖରା ଅଞ୍ଚଳରେ କରୁଥିବା ସମୟରେ ବିଶେଷ ସୂତ୍ରରୁ ସୂଚନା ପାଇଥିଲେ ଯେ ପଞ୍ଚବଟୀ ମେଲଣ ପଡ଼ିଆ ନିକଟରେ କିଛି ଦୁର୍ବୃତ୍ତ ଡକାୟତି ପାଇଁ ଏକାଠି ହୋଇ ଯୋଜନା ପ୍ରସ୍ତୁତ କରୁଛନ୍ତି। ସଙ୍ଗେ ସଙ୍ଗେ ପେଟ୍ରୋଲିଂରେ ଥିବା ପାହାଳ ଥାନା ସବ ଇନ୍ସପେକ୍ଟର ଅମିୟ କୁମାର ମଲ୍ଲିକ ଡକାୟତ ଙ୍କ ଆଡାସ୍ଥଳୀ ଉପରେ ଚଢାଉ କରିଥିଲେ। ପୁଲିସକୁ ଦେଖି ୫ ଜଣ ଅପରାଧୀ ଘଟଣାସ୍ଥଳରୁ ଅଟୋରିକ୍ସା ଛାଡ଼ି ଦୌଡ଼ିବା ବେଳେ ୩ ଜଣଙ୍କୁ ପୁଲିସ ମାଡ଼ି ବସିଥିଲା ଏବଂ ଅନ୍ୟ ୨ ଜଣ ଖସି ପଳାଇଥିଲେ। ଥାନାରେ ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ଅନ୍ୟ ୨ ପଳାତକ ଅପରାଧୀଙ୍କ ନାମ ପ୍ରକାଶ କରିଥିଲେ ଯେ ସେମାନେ ବାଲିଅନ୍ତା ଥାନା କାକରୁଦ୍ରପୁରର ଅନିଲ ପରିଡ଼ା ଏବଂ ତାଙ୍କ ଜଣେ ସହଯୋଗୀ ଥିଲେ। ଅଟୋରିକ୍ସା ଭିତରୁ ପୋଲିସ ବହୁ ମାରଣାସ୍ତ୍ର ସହ ମଦ ବୋତଲ, ଲଙ୍କା ଗୁଣ୍ଡ, ଲୁହା ପ୍ଲେଟ ଜବତ କରିଛି। ଅନ୍ୟ ୨ ଜଣଙ୍କୁ ବହୁ ଜଲ୍‌ଦୀ ଗିରଫ କରାଯିବ ବୋଲି ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ସୂଚନା ଦେଇଛନ୍ତି।



**ସେକ୍ସ ରାକେଟ ଠାବ ଘଟଣା**

## ଗୁମର ଖୋଲିବ ‘ନାଲି ଡାଏରୀ’

ଭୁବନେଶ୍ୱର, ୨୧।୧୦ (ସମିସ): ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଦୁଷ୍କର୍ମ ଘଟଣାରୁ ସେକ୍ସ ରାକେଟ ଠାବ ହେବା ଘଟଣାରେ ଗୁମର ଖୋଲିବାରେ ଲାଗିଛି। ଦୁଷ୍କର୍ମ ଓ ସେକ୍ସ ରାକେଟ ଘଟଣାରେ ସାଙ୍ଘାତିକ ତଥ୍ୟ ପୁଲିସ ହାତରେ ଲାଗିଛି। ସେକ୍ସ ରାକେଟ ଠାବ ହୋଇଥିବା ଯାଜ୍ଞସେନୀ ନିବାସରେ ସୋମବାର ପୁଲିସ ଚଢ଼ଉ କରି ନାଲି ଡାଏରୀ ଜବତ କରିଛି। ଜବତ ଡାଏରିରେ ପ୍ରଭାବଶାଳୀ ବା ହାଇପ୍ରୋଫାଇଲ୍ ଲୋକଙ୍କ ନାମ ରହିଛି। ଠିକାଦାର, ସୁନା ଦୋକାନୀ ଠାରୁ ଆରମ୍ଭ କରି ଖଣି ମାଲିକ ଓ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ନାମ ମଧ୍ୟ ସେହି ଡାଏରୀରେ ରହିଛି। ଡାଏରୀରେ ଡାକ ନାମ ଲେଖା ଥିବାରୁ ଗରାଖଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇଛି। ହେଲେ ସେଥିରୁ କିଛି ନମ୍ବର ଯାଞ୍ଚ କରି ସେମାନେ ପ୍ରଭାବଶାଳୀ ବୋଲି ପୁଲିସ ଜାଣିବାକୁ ପାଇଛି। ଜବତ ଡାଏରି ଯୌନ ପିପାସୁଙ୍କ ଗୁମର ଖୋଲିବ ବୋଲି ପୁଲିସ ଆଶା କରୁଛି। ଘଟଣାରେ ମୋଟ ୪ ଜଣ ଗିରଫ ହୋଇଥିଲେ ମଧ୍ୟ ମାଷ୍ଟର ମାଇଣ୍ଡ ଏଯାଏଁ ଧରା ପଡ଼ିନାହିଁ। ବାରିକ ବାବୁ ହିଁ ସେକ୍ସ ରାକେଟର ମୁଖ୍ୟ କାର୍ପଟଦାର ବୋଲି ପୁଲିସ ଜାଣିବାକୁ ପାଇଛି। କିଏ ସେହି ବାରିକ ବାବୁ? ବାରିକ ବାବୁ ହିଁ ସର୍ବେସର୍ବା ନାଁ ତାଙ୍କ ପଛରେ ଆଉ କେହି ବସ୍ ଅଛନ୍ତି? ଏଭଳି କେତୋଟି ପ୍ରଶ୍ନକୁ ନେଇ ପୁଲିସର? ତଦନ୍ତ ଆଗକୁ ବଢୁଛି।

**■ ରାଜଧାନୀରେ ମିଳୁଥିଲା ଥାଇଲାଣ୍ଡ ମଜା**
**■ ଗରାଖଙ୍କ ତାଲିକା ଦେଖି ପୁଲିସ ଜଲକା**
**■ କୁଆଡ଼େ ଗଲେ ବାରିକ ବାବୁ**

ତଦନ୍ତ ଯେତିକି ଆଗକୁ ବଢୁଛି, ସେତିକି ନୂଆ ନୂଆ କଥା ପଦାକୁ ଆସୁଛି। ନୂଆବର୍ଷକୁ ଦେଶ ବାହାର ଦେହଜୀବୀଙ୍କୁ ଆଣି ଦେହ ବ୍ୟବସାୟରେ ନିୟୋଜିତ କରାଯାଉଥିବା ବୋଲି ଜଣାପଡ଼ିଛି। ଥାଇଲାଣ୍ଡ, ବାଂଲାଦେଶ, ନେପାଳ ଆଦି ଦେଶରୁ ରୂପଜୀବୀ ଆସୁଥିବା ନେଇ ସୂଚନା ମିଳିଛି। ନୂଆବର୍ଷ, ବଡ଼ଦିନ, ଦଶହରା ବେଳେ ଯାଜ୍ଞସେନୀ ନିବାସ ଆଗରେ ବଡ଼ ବଡ଼ ଗାଡ଼ି ଲାଗୁଥିଲା। ଛୋଟ ଛୋଟ ଗ୍ରାହକମାନେ ଯାଜ୍ଞସେନୀ ନିବାସରେ ଯୌନ କ୍ଷୁଧା ମେଣ୍ଟାଉଥିବା ବେଳେ ବଡ଼ବଡ଼ିଆ ବିଦେଶିନୀଙ୍କୁ ନେଇ ପୁରୀ, ଗୋପାଳପୁର ଆଦି ଅଞ୍ଚଳକୁ ଯାଉଥିଲେ। ସେହିପରି ରାଜ୍ୟ ବାହାର ଦେହଜୀବୀଙ୍କୁ ଆଣି ମୋଟା ଅଙ୍କର ଟଙ୍କା ରୋଜଗାର କରୁଥିଲା ମାଷ୍ଟରମାଇଣ୍ଡ। ବାରିକ ବାବୁ ଏଇ ଗୋଟିଏ ସ୍ଥାନରେ ନୁହେଁ, ବରଂ ଆହୁରି ଏକାଧିକ ସ୍ଥାନରେ ସେକ୍ସ ରାକେଟ ଚଳାଉଥିବା କଥା ସାମ୍ନାକୁ ଆସିଛି। ଜଗନ୍ନାଥ ନଗର ଅଞ୍ଚଳରେ ମଧ୍ୟ ଦୁଇଟି ଘରେ ଦେହ ଧନ୍ଦା ଚାଲିଥିବା ତଥ୍ୟ ପୁଲିସ ହାତରେ ଲାଗିଛି।



ସେପଟେ ଦୀର୍ଘ ୫ ବର୍ଷ ହେବ ଏଠାରେ ସେକ୍ସ ରାକେଟ ଚାଲିଥିବା କଥା ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକମାନେ ପୂର୍ବରୁ ସ୍ଥାନୀୟ ଆଇଆଇସିଙ୍କ ଠାରୁ ଆରମ୍ଭ କରି ପୁଲିସ କମିସନରଙ୍କ ପର୍ଯ୍ୟନ୍ତ ଦ୍ୱାରସ୍ଥ ହୋଇଥିଲେ। ସେକ୍ସ ରାକେଟ ଚାଲିଥିବା ନେଇ ୫୦୦ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଦାଖଲ କରିଥିଲେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ପୁଲିସ ଶୁଣୁ ନ ଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ଆସିବା ପୁଲିସର ଭୂମିକାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ପୁଲିସ କାହିଁକି ଅନୁକମ୍ପା ଦେଖାଉଥିଲା ତାକୁ ନେଇ ପ୍ରଶ୍ନ ଉଠିଛି।

ଗତ ଶନିବାର ସେକ୍ସ ରାକେଟ ଠାବ ହେବା ପରେ ଯାଜ୍ଞସେନୀ ନିବାସର ବିଭିନ୍ନ ରୁମକୁ ସିଲ୍ କରିଥିଲା ପୁଲିସ। ହେଲେ ମୁଖ୍ୟ ଦ୍ୱାରକୁ ସେମିତି ଛାଡ଼ି ଦେଇଥିଲା। ଫଳରେ ପୁଲିସ ଯିବାପରେ କିଛି ଲୋକ ଆସି ଘର ଭିତରୁ ବିଭିନ୍ନ ସାମଗ୍ରୀ ବୋହି ନେଇଥିଲେ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ସ୍ଥାନୀୟ ଲୋକେ ଦାବି କରିବା ପରେ ପୁଲିସ କୋଠାକୁ ସିଲ୍ କରିଛି। ଏଥିସହିତ କୋଠାକୁ ତୁରନ୍ତ ବେଶ୍ୟାଳୟ ଘୋଷଣା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେପଟେ ଦେହ ବେପାରୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି ରାଜଧାନୀ। କିଛି ଦିନ ପୂର୍ବେ ଦେହ ବ୍ୟବସାୟରେ ଲିପ୍ତ ଥିବା ବଙ୍ଗୀୟ ଯୁବତୀଙ୍କୁ କଟକରୁ ଧରିଥିଲା ପୁଲିସ। ବାଂଲାଦେଶ ଯୁବତୀଙ୍କ ସମ୍ପୃକ୍ତ ଆସିବା ପରେ ଏନ୍‌ଆଇଏ ସେହି ମାମଲାର ତଦନ୍ତ କରୁଥିବା ବେଳେ ରାଜଧାନୀରୁ ହାଇପ୍ରୋଫାଇଲ ସେକ୍ସ ରାକେଟ ଠାବ ହୋଇଛି।

■ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ ହେଲା ଝାଡ଼ଖଣ୍ଡ ନାବାଳିକା ଦୁଷ୍କର୍ମ ଘଟଣା

# ରହସ୍ୟ ଖୋଲିବ ନାଲି ଡାଏରୀ

ଭୁବନେଶ୍ୱର, ୨୧।୧୦ (ସମିସ): ରାଜଧାନୀରେ ଝାଡ଼ଖଣ୍ଡ ନାବାଳିକାକୁ ଦୁଷ୍କର୍ମ ଘଟଣା ଏବେ ନୂଆ ମୋଡ଼ ନେଇଛି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଛି। ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଆଜି ଏନେଇ ସୂଚନା ଦେଇଛନ୍ତି।

କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲୁ ଓ ସିଡବ୍ଲୁ)ର ୪ ଜଣ ଡିଏସପି ଏହି ମାମଲାର ତଦନ୍ତରେ ସହଯୋଗ କରିବେ। ସିଏଡବ୍ଲୁ ଓ ସିଡବ୍ଲୁ ଓ କ୍ୟାପିଟାଲ ଥାନା ପୁଲିସର ମିଳିତ ସହଯୋଗରେ ତଦନ୍ତ ଆଗକୁ ବଢ଼ିବ। ସିଏଡବ୍ଲୁ ଓ ସିଡବ୍ଲୁ ଆଇଜି ଏମ୍ ସାଇନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ହେବ। ଡିଜିଙ୍କ ନିର୍ଦ୍ଦେଶ ପରେ ଏହି ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଝାଡ଼ଖଣ୍ଡ ପୁଲିସ ସହ ମଧ୍ୟ ଓଡ଼ିଶା ପୁଲିସ ଯୋଗାଯୋଗରେ ରହିବ। ଅନ୍ୟ ପକ୍ଷରେ ଘଟଣା ଘଟିଥିବା ଘରକୁ ପୁଲିସ ସିଲ୍ କରିବା ସହ ଏକ କାର ଜବତ କରିଥିଲା। ଘର ଭିତରୁ ଏକ ନାଲି ଡାଏରୀକୁ ପୁଲିସ ଜବତ କରିଛି। ଉକ୍ତ ଡାଏରୀରେ ବହୁ ଗରାଖଙ୍କ ସମ୍ପର୍କରେ ତଥ୍ୟ ପୁଲିସ ହାତରେ ଲାଗିଛି। ଏହି ଡାଏରୀ ଘଟଣାର ରହସ୍ୟ ଖୋଲିବ ବୋଲି ପୁଲିସ ଆଶା ରଖିଛି।


ସୂଚନା ଅନୁସାରେ, ଗତ ବୁଧବାର ରାତିରେ କ୍ୟାପିଟାଲ ହସ୍ପିଟାଲକୁ ଜଣେ ଦୁଷ୍କର୍ମ ପୀଡ଼ିତା ଆସିଥିଲେ। ତାଙ୍କର ପ୍ରଚୁର ରକ୍ତସ୍ରାବ ହେବା ସହ ଅବସ୍ଥା ସଙ୍କଟାପନ୍ନ ରହିଥିଲା। ତାଙ୍କୁ ଅଟୋ ଯୋଗେ ଆଣିଥିବା ଜଣେ ମହିଳା ଡାକ୍ତରଖାନାରେ ଛାଡ଼ି ଫେରାର ହୋଇ ଯାଇଥିଲେ। ଖବର ପାଇ କ୍ୟାପିଟାଲ ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଜଣଙ୍କ ମାତ୍ର ୧୬ବର୍ଷୀୟା ହୋଇଥିବା ବେଳେ ତାଙ୍କ ଘର ଝାଡ଼ଖଣ୍ଡ ବୋଲି ଜାଣିବାକୁ ପାଇଥିଲା। ପ୍ରଥମେ ସିସିଟିଭି ଫୁଟେଜରୁ ଅଟୋ ଓ ପରେ ଚାଳକକୁ ଚିହ୍ନଟ କରିଥିଲା ପୁଲିସ। ସେ ଉକ୍ତ ନାବାଳିକାକୁ ଲକ୍ଷ୍ମୀସାଗର ଅଞ୍ଚଳରୁ ଆଣିଥିବା କହିବା ପରେ ପୁଲିସ ସେଠାରେ ଚଢ଼ଉ କରିଥିଲା। ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଦୁଷ୍କର୍ମ ଘଟଣାରୁ ସେକ୍ସ-ରାକେଟ୍‌ର ଗୁମର ଖୋଲିଥିଲା। ଦୁଇ କିଙ୍ଗପିନ୍ ମଞ୍ଜୁ ସେଠୀ, ମମତା ସାହୁ ଏବଂ ଘର ମାଲିକ ସଞ୍ଜୀବ କୁମାର ଦାସଙ୍କୁ ପୁଲିସ ଗିରଫ କରିଥିଲା। ପରେ ଏହି ଘଟଣାରେ ପୁଲିସ ଅବିନାଶ ମୁଦୁଲିକୁ ଗିରଫ କରିଥିଲା। ଏଥିସହିତ ୩ଜଣ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା।



ସିଂହଦ୍ୱାର ସମ୍ମୁଖରେ ବଡ଼ବଡୁଆ ଡାକ

## ପରଲୋକରେ ଖ୍ୟାତନାମା ହୋମିଓପାଥ୍ ଡାକ୍ତର ପ୍ରଦୀପ ରାଓ

କଟକ, ୨୧।୧୦ (ସମିସ): ରାଜ୍ୟର ଖ୍ୟାତନାମା ହୋମିଓପାଥି ଚିକିତ୍ସକ ଡା. ପ୍ରଦୀପ ରାଓଙ୍କ ୮୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିଡାନାସୀବନ୍ଧ ଛକସ୍ଥିତ ଅଭିନ୍ନ କୁଟୀରକୁ ଯାଇ ଶ୍ରଦ୍ଧାଞ୍ଜଳି



ଅର୍ପଣ କରିଛନ୍ତି। କଟକ ମେୟର ସୁବାସ ସିଂହ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଇଂ ମହମ୍ମଦ ମୋକିମ, ଡ. ତୋଫାନ ପତି, ଡ. କ୍ଷିତୀଶ ମହାନ୍ତି, ଉମାକାନ୍ତ ମିଶ୍ର, ଶଶାଙ୍କ ଶେଖର ମହାପାତ୍ରଙ୍କ ସମେତ ରେଭେନ୍ସା କଲିଜିଏଟ ସ୍କୁଲର ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ହୋମିଓପ୍ୟାଥି ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଅନ୍ତିମ ଶଯ୍ୟା ନିକଟରେ ପୁଅ ଡା. ଗୌତମ ରାଓ, ଝିଅ ଅନୁକମ୍ପା ରାଓ ଓ ବ୍ରଜବନ୍ଧୁ ମହାନ୍ତି ଉପସ୍ଥିତ ଥିଲେ। ସତୀଚଉରା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ପଦ୍ମଶ୍ରୀ ସ୍ୱର୍ଗତ ଡା. ଅଭିନ୍ନ ଚନ୍ଦ୍ର ରାଓଙ୍କ ସୁପୁତ୍ର ପ୍ରଦୀପ ୧୯୪୪ ମସିହାରେ କଟକରେ ଜନ୍ମଗ୍ରହଣ କରିଥିଲେ। ପିତା ଅଭିନ୍ନଙ୍କ ଭଳି ସେ ଜଣେ ଖ୍ୟାତନାମା ହୋମିଓପ୍ୟାଥି ଡାକ୍ତର ଭାବେ ସୁନାମ ଅର୍ଜନ କରିଥିଲେ। ରାଜ୍ୟର ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ରୋଗୀମାନେ ଚିକିତ୍ସା ପାଇଁ ତାଙ୍କ ନିକଟରେ ଭିଡ଼ ଜମାଉଥିଲେ ଓ ବହୁ ଜଟିଳ ରୋଗରୁ ଆରୋଗ୍ୟ ଲାଭ କରୁଥିଲେ। ସେ ୧୯୭୧ରୁ ୧୯୭୭ ମସିହା ପର୍ଯ୍ୟନ୍ତ ସରକାରୀ ହୋମିଓପାଥିକ ମେଡିକାଲ କଲେଜର ଡେମୋନଷ୍ଟ୍ରେଟର ଭାବେ କାର୍ଯ୍ୟ କରିଥିଲେ। ୧୯୭୭ ମସିହାରେ ଚାକିରୀ ଛାଡ଼ି ସେ ରୋଗୀସେବାକୁ ଆଦରି ନେବା ସହ ସମାଜସେବାରେ ବ୍ରତୀ ହୋଇଥିଲେ।

## ଡିକିରେ ବାଣ ବିସ୍ଫୋରଣ; ୨ ଗୁରୁତର

କଟକ, ୨୧।୧୦ (ସମିସ): ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଅପର୍ଣ୍ଣାନଗରରେ ବାଣ ବିସ୍ଫୋରଣରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଗତକାଲି ଦୀପାବଳିରେ ୨ଜଣ ଯୁବକ ବାଣ ଫୁଟାଇବାକୁ ସ୍କୁଟିରେ ବାଣ ନେଇ ଯାଉଥିବା ବେଳେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ସ୍କୁଟିଟି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିବା ବେଳେ ଯୁବକଦ୍ୱୟ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକଦ୍ୱୟ ହେଲେ, ସ୍ଥାନୀୟ ମଠସାହିର ରାମଚନ୍ଦ୍ର ପାଢ଼ୀ ଏବଂ କୈବଲ୍ୟବିହାରର ସମ୍ପଦ ପରିଡ଼ା। ସୂଚନାନୁଯାୟୀ, ରାମଚନ୍ଦ୍ର ଓ ସମ୍ପଦ ଗତକାଲି ସଂଧ୍ୟାରେ ବାଣ କିଣିବାକୁ ଯାଇଥିଲେ। ସ୍କୁଟି ଡିକିରେ ବାଣ ରଖି ଫେରୁଥିବା ବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ଶବ୍ଦ ଏତେ ଜୋର୍‌ରେ ଥିଲା ଯେ ଆଖପାଖ ଲୋକେ ଘରୁ ବାହାରି ଆସିଥିଲେ। ରାମଚନ୍ଦ୍ର ଓ ସମ୍ପଦଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଇଥିଲେ।

## ରଶ୍ମି ପରିଡ଼ାଙ୍କୁ ଆକ୍ରମଣରେ ବିଜେପି ବିଧାୟକ ସମ୍ପୃକ୍ତ: ବିଜେଡି

ଭୁବନେଶ୍ୱର, ୨୧।୧୦(ସମିସ): ବିଜେଡି କର୍ମୀ ରଶ୍ମି ପରିଡ଼ାଙ୍କୁ ଆକ୍ରମଣ ଘଟଣା ପଛରେ ବିଜେପି ବିଧାୟକ ଅମରେନ୍ଦ୍ର ଦାସଙ୍କ ହାତଥିବା ଅଭିଯୋଗ ଆଣିଛି ବିଜେଡି। ଏହାସହ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଏହି

**କାର୍ଯ୍ୟାନୁଷ୍ଠାନ ନିମନ୍ତେ ଡିଜିପିଙ୍କୁ ଦାବିପତ୍ର**



ଘଟଣାକୁ ନେଇ ସରକାରଙ୍କୁ ନିଶାଣ କରିଛି। ଦଳର ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍‌ସିତା ସାହୁ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି।

ସାଂସଦ ସୁଲତା କହିଛନ୍ତି ଯେ ରଶ୍ମି ମହାପାତ୍ରଙ୍କ ଉପରେ ଆକ୍ରମଣ ଘଟଣା ସଭ୍ୟ ସମାଜକୁ ବିଚଳିତ କଲା ଭଳି ଚିତ୍ର ସାମ୍ନାକୁ ଆସିଛି। ବିଜେଡି ସୋସିଆଲ ମିଡିଆର ସେ ସକ୍ରିୟ କର୍ମୀ ଥିଲେ। ତେଣୁ ତାଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇଛି ଓ ତାଙ୍କ ମୁଣ୍ଡରେ ୮ରୁ ୯ଟି ଷ୍ଟିଚ୍ ପଡ଼ିଛି। ସୋସିଆଲ ମିଡିଆରେ ଜଣେ କହୁଛି ବୋଲି ମାରି ଦେବାକୁ ଉଦ୍ୟମ ହେଉଛି। ଆପଣଙ୍କୁ କେହି ସମାଲୋଚନା କରିବେନି, ଆପଣ କ'ଣ ଏକଛତ୍ରବାଦ ବୋଲି ବିଜେପି ସରକାରକୁ ଶ୍ରୀମତୀ ଦେଓ ପ୍ରଶ୍ନ କରିଛନ୍ତି। ସେହିପରି ଇପ୍‌ସିତା ସାହୁ କହିଛନ୍ତି ଯେ ସୋସିଆଲ ମିଡିଆରେ ପୋଷ୍ଟ କରିବାକୁ ପ୍ରଥମେ ତାଙ୍କ ନାଁରେ ମିଛ ମାମଲା ଦିଆଯାଇଥିଲା। ପରେ ତାଙ୍କୁ ଆକ୍ରମଣ କରାଯାଇଛି। ଆଜି ରାଜ୍ୟରେ ମହିଳା ଅସୁରକ୍ଷିତ, ସାରା ରାଜ୍ୟରେ ଅରାଜକତା ଚାଲିଛି। ସ୍ୱାଧୀନ ଭାବରେ କହିବା ଅଧିକାର ନାହିଁ। ଦୀପାବଳି ସମୟରେ ଘରେ ପଶି ମରଣାନ୍ତକ ଆକ୍ରମଣ ହେଉଛି। ସେ ଏଫଆଇଆର ଦେବାକୁ ଯାଇଛନ୍ତି, ହେଲେ ପୁଲିସ ଏଫଆଇଆର ଗ୍ରହଣ କରୁନି। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଲୋକ ଏହି ଆକ୍ରମଣ କରିଛନ୍ତି। ଅପରପକ୍ଷେ, ଏହି ଘଟଣାରେ ବିଜୁ ଜନତା ଦଳ ପକ୍ଷରୁ ଆଜି ଡିଜିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟସଭା ସାଂସଦ ସୁଲତା ଦେଓ, ଛାତ୍ର ବିଜେଡି ସଭାପତି ଇପସିତା ସାହୁ, ବିଜେଡି ମୁଖପାତ୍ର ଲେନିନ ମହାନ୍ତି, ବିଜେଡି ନେତ୍ରୀ ସୋଫିଆ ଆଲାମ, ଡଃ ପ୍ରିୟବ୍ରତ ମାଝୀ, ଦ୍ୟୁମ୍ନନାଥ ପଣ୍ଡା, ମିହିର ରାୟ, ଗୀତାଞ୍ଜଳି ପ୍ରଧାନ ଓ ଜ୍ୟୋତ୍ସ୍ନାମୟୀ ପରିଡ଼ା ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧିଦଳ କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସାଂସଦ ଓ ପୂର୍ବତନ ମନ୍ତ୍ରୀଙ୍କ ନିନ୍ଦା

ଭୁବନେଶ୍ୱର, ୨୨।୧୦ (ସମିସ): ଜଗତସିଂହପୁର ବିଜୁ ଜନତା ଦଳର କର୍ମୀ ରଶ୍ମି ପରିଡ଼ାଙ୍କ ଉପରେ ହୋଇଥିବା ମାରଣାତ୍ମକ ଆକ୍ରମଣକୁ ନିନ୍ଦା କରିଛନ୍ତି ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ନିଜ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଶ୍ରୀ ମଙ୍ଗରାଜ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ମହିଳାଙ୍କ ପ୍ରତି ଏପରି ହିଂସା କୌଣସି ପରିସ୍ଥିତିରେ ବି ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ତେଣୁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏହି ଘଟଣାକୁ ତୀବ୍ର ସମାଲୋଚନା କରିବା ସହ କୌଣସି ପରିସ୍ଥିତିରେ ଏପରି ଆତଙ୍କରାଜ ଗ୍ରହଣୀୟ ନୁହେଁ ବୋଲି ମତ ଦେଇଛନ୍ତି।

## ପୁଲିସ ମୁଖ୍ୟାଳୟରେ ପୁଲିସ ସହିଦ ଦିବସ

କଟକ, ୨୧।୧୦(ସମିସ): ରାଜ୍ୟ ପୁଲିସ ମୁଖ୍ୟାଳୟ ପରିସରରେ ୬୬ତମ ପୁଲିସ ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ତଥା ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ଜୀବନ ଦେଇଥିବା ବୀରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ କହିଥିଲେ ଯେ କିଛି ବର୍ଷ ପୂର୍ବରୁ ପୁଲିସ ସହିଦମାନଙ୍କର ତାଲିକା ସଂଖ୍ୟା ବହୁତ ଲମ୍ବା ରହୁଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ତାହା ବହୁ ମାତ୍ରାରେ ହ୍ରାସ ପାଇଛି। ଦେଶର ସମସ୍ତ ସୁରକ୍ଷା ବାହିନୀ ତଥା ପୁଲିସ କର୍ମଚାରୀଙ୍କର ଅକ୍ଲାନ୍ତ ପରିଶ୍ରମ ଓ ସାହସ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ଡିଜିପି କହିଥିଲେ। ଚଳିତବର୍ଷ ଭାରତ ବର୍ଷରେ ବିଭିନ୍ନ କେନ୍ଦ୍ରୀୟ ପୁଲିସ ବଳ ଓ ରାଜ୍ୟ ପୁଲିସର ୧୯୧ଜଣ ଆରକ୍ଷୀ ପ୍ରାଣବଳି ଦେଇଛନ୍ତି। ଏହି ଅବସରରେ କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ସହିଦ ହୋଇଥିବା ରାୟଗଡ଼ା ଜିଲ୍ଲାର ଦ୍ୱିତୀୟ ଆଇଆର୍ ବଟାଲିଅନର କନଷ୍ଟେବଳ ଲକ୍ଷ୍ମଣ ମାଝୀ, କଟକ ଓଏପିଏଫ୍‌ର ଲୋକନାଥ ଶବରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଏସ. କେ. ପ୍ରିୟଦର୍ଶୀ, ଡ଼ ସନ୍ତୋଷ ବାଲା, ଅରୁଣ ବୋଥ୍ରାଙ୍କ, ଅସୀତ କୁମାର ପାଣିଗ୍ରାହୀ, ସଞ୍ଜୟ କୁମାର, ଅମିତାଭ ଠାକୁର, ଦୟାଲ ଗଙ୍ଗୱାର, ରାଜେଶ କୁମାରଙ୍କ ସମେତ ପୁଲିସ ବିଭାଗର ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

● ବିଜେଡି କର୍ମୀ ଅଟକର ପ୍ରତିବାଦ

## ଧାରଣା ଦେଲେ ପୂର୍ବତନ ମନ୍ତ୍ରୀ, ନେତା



ଟିକିଟି, ୨୧।୧୦(ସମିସ): ବିଜେଡି ସମର୍ଥିତ ରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଉମା ରେଡ୍ଡୀଙ୍କୁ ପୁଲିସ ଅଟକ ରଖିଛି। ପ୍ରତିବାଦରେ ମଙ୍ଗଳବାର ଟିକିଟି ଫାଣ୍ଡି ଆଗରେ ପୂର୍ବତନ ମନ୍ତ୍ରୀ ଉଷା ଦେବୀଙ୍କ ସହ ବିଜେଡିର ଶତାଧିକ କର୍ମୀ ଓ ନେତା ଧାରଣା ଦେବା ସହ ପାଟିତୁଣ୍ଡ କରିଥିଲେ। ସୂଚନା ଅନୁସାରେ, ପୂର୍ବାହ୍ନରେ ପୁଲିସ ଉମା ରେଡ୍ଡୀଙ୍କୁ କୌଣସି ସ୍ପଷ୍ଟ କାରଣ ନଥାଇ ଉଠାଇ ଫାଣ୍ଡିକୁ ଆଣିଥିଲା। ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ବିଜେଡି ଶିବିରରେ ଅସନ୍ତୋଷ ଦେଖାଦେଇଥିଲା। କ'ଣ ପାଇଁ ଓ କେଉଁ ମାମଲାରେ ତାଙ୍କୁ ଉଠାଇ ଅଣାଯାଇଛି, ସେନେଇ ପୁଲିସ ସ୍ପଷ୍ଟ କରି ନଥିବାରୁ ଅପରାହ୍‌ଣରୁ ଫାଣ୍ଡି ଆଗରେ ବିଜେଡି କର୍ମୀମାନେ ଧାରଣାରେ ବସି ଜୋରଦାର ପ୍ରତିବାଦ ଜଣାଇଥିଲେ। ପୂର୍ବତନ ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ସଂଗଠକ ସୁରେନ୍ଦ୍ର ମଣ୍ଡଳଙ୍କ ସହିତ ବହୁ ବିଜେଡି କର୍ମୀ ଧାରଣାରେ ଉପସ୍ଥିତ ଥିଲେ।

## ହରେକୃଷ୍ଣ ଶତପଥୀଙ୍କୁ 'ଅଳଙ୍କାର ସର୍ବସ୍ୱ ସମ୍ମାନ'

ଭୁବନେଶ୍ୱର, ୨୧।୧୦ (ସମିସ): ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି, ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ବିଶିଷ୍ଟ ବିଦ୍ୱାନ ପ୍ରଫେସର୍ ହରେକୃଷ୍ଣ ଶତପଥୀଙ୍କୁ 'ଅଳଙ୍କାର ସର୍ବସ୍ୱ ସମ୍ମାନ' ପ୍ରଦାନ କରାଯାଇଛି। ଦୀପାବଳି ଅବସରରେ ଗୁଜରାଟ ରାଜକୋଟର ଗୋଣ୍ଡଲସ୍ଥିତ ଅକ୍ଷରଧାମ ମନ୍ଦିରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଫେସର୍ ଶତପଥୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆନ୍ତର୍ଜାତିକ ସ୍ୱାମୀନାରାୟଣ ସଂସ୍ଥାର ସଭାପତି ତଥା ପ୍ରକଟବ୍ରହ୍ମ ପରମପୂଜ୍ୟ ମହନ୍ତସ୍ୱାମୀ ସମ୍ବର୍ଦ୍ଧିତ କରି ଶ୍ରୀ ଶତପଥୀଙ୍କର ସଂସ୍କୃତ ସାହିତ୍ୟ ପ୍ରତି ଥିବା ଅମୂଲ୍ୟ ଯୋଗଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନୁସନ୍ଧାନ ଅନୁଷ୍ଠାନର



ନିର୍ଦ୍ଦେଶକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାଷ୍ୟକାର ସାଧୁ ଭଦ୍ରେଶ ଦାସ ପ୍ରଫେସର ଶ୍ରୀ ଶତପଥୀଙ୍କୁ ପୁଷ୍ପମାଲ୍ୟ ଓ ପୂର୍ଣ୍ଣ କଳସ ପ୍ରଦାନ କରିଥିଲେ। ସୂଚନା ଅନୁସାରେ, ସ୍ୱାମୀନାରାୟଣ ସଂସ୍ଥା ତରଫରୁ ପ୍ରତିଷ୍ଠିତ ପ୍ରଥମ ଅଳଙ୍କାର ସର୍ବସ୍ୱ ସମ୍ମାନ ପ୍ରଫେସର ଶତପଥୀଙ୍କୁ ପ୍ରଦାନ କରାଯାଇଛି।)

## ସୋର ଜେଲ୍‌ରୁ କଏଦୀ ଚମ୍ପଟ

ବାଲେଶ୍ୱର/ସୋର, ୨୧।୧୦(ସମିସ): ବାଲେଶ୍ୱର ଜିଲ୍ଲା ସୋର ଜେଲ୍‌ରୁ ଜଣେ କଏଦୀ ଚମ୍ପଟ ମାରିଛି। ଏକ ଚୋରି ମାମଲାରେ ଅଭିଯୁକ୍ତ ଦୀପକ ରାଏକୁ ସିମୁଳିଆ ପୁଲିସ ଝାଡ଼ଖଣ୍ଡ ଅଞ୍ଚଳରୁ ଗିରଫ କରିଥିଲା। ପରେ ଦୀପକକୁ ସୋର ଜେଲ୍‌ରେ ରଖାଯାଇଥିଲା। ମଙ୍ଗଳବାର ସେ ଜେଲ ପାଚେରୀ ଡେଇଁ ଫେରାର୍ ହୋଇଯାଇଛି। ସନ୍ଧ୍ୟା ସମୟରେ କଏଦୀମାନଙ୍କୁ ଗଣତି ସମୟରେ ଜଣେ କମ୍ ଥିବା ଜାଣିବାକୁ ପାଇଥିଲେ ଜେଲ କର୍ତ୍ତୃପକ୍ଷ। ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ସତ୍ତ୍ୱେ ନ ମିଳିବାରୁ ସୋର ପୁଲିସ ନିକଟରେ ଅଭିଯୋଗ କରିଛନ୍ତି ଜେଲର୍ ବୈଲୋଚନ ଦାସ। ପୁଲିସ ବିଭିନ୍ନ ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡରେ ପୁଲିସ ତନାଘନା ଚଳାଇଛି। ଖବର ଲେଖାହେଲା ବେଳକୁ ଫେରାର୍ କଏଦୀର ସନ୍ଧାନ ମିଳିନାହିଁ।

## ନୂଆପଡ଼ା ଉପନିର୍ବାଚନ

# ନାମାଙ୍କନପତ୍ର ଦାଖଲ କଲେ ସ୍ନେହାଙ୍ଗିନୀ

ନୂଆପଡ଼ା, ୨୧।୧୦(ସମିସ): ସୋମବାର ଥିଲା ନୂଆପଡ଼ା ଉପନିର୍ବାଚନ ସକାଶେ ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଶେଷଦିନ (ସୋମବାର) ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ନିଜ ଦଳୀୟ ସମର୍ଥକଙ୍କ ସହ ପଟୁଆରରେ ଆସି ନାମାଙ୍କନ ଦାଖଲ କରିଛନ୍ତି। ଗତ ୧୩ ତାରିଖ ଠାରୁ ୨୦ତାରିଖ ଯାଏଁ ନାମାଙ୍କନ ପତ୍ରଦାଖଲର ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ଆଗରୁ ଗତ ୧୮ ତାରିଖ ଦିନ ପ୍ରମୁଖ ରାଜନୈତିକ ଦଳ ବିଜେପି ଏବଂ କଂଗ୍ରେସ ଦଳ ତରଫରୁ ନାମାଙ୍କନପତ୍ର ଦାଖଲ କରାଯାଇଥିଲା। ରବିବାର ଦିନ ବିଜେଡି ତରଫରୁ ବିଶାଳ ଶୋଭାଯାତ୍ରା ନୂଆପଡ଼ା ସହର ପରିକ୍ରମା କରିଥିଲା। ଏହା ବିଜେଡିର ଏକ ପ୍ରକାର ଶକ୍ତି ପ୍ରଦର୍ଶନ ରହିଥିଲା। ତେଣୁ ସୋମବାର ଆଉ କୌଣସି ପ୍ରକାର ଭିଡ଼ ପ୍ରଦର୍ଶନ କରାଯାଇନଥିଲା।



ସ୍ଥାନୀୟ ଦୁର୍ଗା ମନ୍ଦିରରେ ସ୍ନେହାଙ୍ଗିନୀ ନିଜ ଦଳୀୟ ମହିଳା ସମର୍ଥକମାନଙ୍କୁ ନେଇ ପହଞ୍ଚିଥିଲେ। ସେଠାରେ ପୂଜାପାଠ କରି ପୂର୍ବାହ୍ନ ସାଢେ ୧୧ଟା ବେଳେ ପଟୁଆରରେ ବାହାରିଥିଲେ। ସାଥୀରେ ମହିଳା ନେତ୍ରୀ ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ସୁଲତା ଦେଓ, ପ୍ରମିଳା ମଲ୍ଲିକ, ନୂଆପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ସଂଯୁକ୍ତା ବେହେରା ଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀଙ୍କ ସହ ପ୍ରବେଶ କରି ଦୁଇ ଯୋଡ଼ା ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ସଞ୍ଜୟ ଦାସବର୍ମା, ବିଜୟ ନାଏକ, ରୀତା ସାହୁ, ବର୍ଷା ସିଂ ବରିହା, ଜିଲ୍ଲା ସଭାପତି ମନୋଜ କୁମାର ମିଶ୍ର, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନିରଞ୍ଜନ ବିଶି, ପୁଷ୍ପେନ୍ଦ୍ର ସିଂ ଦେଓ, କାର୍ତ୍ତିକ ଦୀପ, ଭାନୁପ୍ରତାପ ସିଂ ମାଝୀ ପ୍ରମୁଖ ସାମିଲ ଥିଲେ।

## ୧୯ ପ୍ରାର୍ଥୀଙ୍କ ନାମାଙ୍କନ

ଭୁବନେଶ୍ୱର,୨୧।୧୦(ସମିସ): ନୂଆପଡା ବିଧାନସଭା ଉପ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ହୋଇଛି। ଶେଷ ଦିନ ସୁଦ୍ଧା ସମୁଦାୟ ୧୯ ଜଣ ପ୍ରାର୍ଥୀ ଏହି ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜୁ ଜନତା ଦଳର ସ୍ନେହାଙ୍ଗିନୀ ଛୁରିଆ,ବିଜେପିରୁ ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଭାବରେ ଘାସିରାମ ମାଝୀ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିର ହେମନ୍ତ ତାଣ୍ଡି, ବହୁଜନ ସମାଜ ପାର୍ଟିର ରାଜା ରାମ ସାହୁ, ଓଡ଼ିଶା ଜନତା ଦଳର ଶୁକଧର ଦଣ୍ଡସେନା, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏମାନଙ୍କ ସହିତ ୧୧ ଜଣ ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ, ଇଂ ଚକ୍ରାନ୍ତ ଜେନା, ପୁରୁଷୋତ୍ତମ ବେହେରା, କମଳ କୁମାର ଛତ୍ରିଆ, ଭୁବନଲାଲ ସାହୁ, ଲୋଚନ ମାଝୀ, ଭୁଜବଳ ଆଡ଼ବଙ୍ଗ, କିଶୋର କୁମାର ବାଗ, ଭକ୍ତ ବନ୍ଧୁ ଧରୁଆ, ନୀତା ବାଗ ଏବଂ ଲକ୍ଷ୍ମୀ କାନ୍ତ ତାଣ୍ଡି ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅକ୍ଟୋବର ୨୪ (ଶୁକ୍ରବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି।

## ନିୟୋଜିତ ହେବେ ୧୪କମ୍ପାନୀ କେନ୍ଦ୍ରୀୟ ଫୋର୍ସ

କଟକ, ୨୧।୧୦ (ସମିସ): ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ବିଧାନସଭା ମଣ୍ଡଳୀରେ ଉପ-ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବହାଦୁର ଖୁରାନିଆ ଆଜି ପୁଲିସ ମୁଖ୍ୟାଳୟଠାରେ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି। ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୧୪ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳ, ୫ପ୍ଲାଟୁନ୍ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ/ ଅତିରିକ୍ତ ପୁଲିସ ରିଜର୍ଭ, ୩୫ଟି ମୋବାଇଲ୍ ପାଟ୍ରୋଲିଂ ଦଳ, ୧୮ ଟି ଫ୍ଲାଇଙ୍ଗ୍ ସ୍କ୍ୱାଡ୍, ୧୮ ଟି ଷ୍ଟାଟିକ ସର୍ଭେଲାନ୍ସ ଟିମ୍ ସହିତ ଜିଲ୍ଲା ପୁଲିସ୍ ଅଧିକାରୀ/ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ସିଆରପିସି ଦଫା ୧୧୦/୧୦୭ ଅନୁଯାୟୀ ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଗିରଫ କରିବା, ବେଆଇନ ଟଙ୍କା କାରବାରକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଓ ବେଆଇନ ମଦ ଜବତ କରିବା ଏବଂ ପଡ଼ି ରହିଥିବା ୱାରେଣ୍ଟକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଡିଜିପି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୋବାଇଲ୍ ପାଟ୍ରୋଲିଂ ଏବଂ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌ର କାର୍ଯ୍ୟକୁ ବଢ଼ାଇବା ଏବଂ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରବେଶପଥରେ ନାକା ପୋଷ୍ଟ ସ୍ଥାପନ କରି ସନ୍ଦିଗ୍ଧ ବ୍ୟକ୍ତିଙ୍କର ଯାଞ୍ଚକୁ ଗୁରୁତ୍ୱ ଦେଇଥିଲେ। ସମ୍ଭାବ୍ୟ ମାଓବାଦୀ କାର୍ଯ୍ୟକଳାପକୁ ଏଡାଇବାକୁ ଜିଲ୍ଲାର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ କୁମ୍ବିଂ ଅପରେସନ ଓ ମାଓବାଦୀ ବିରୋଧୀ ଅଭିଯାନକୁ ଜୋରଦାର୍ କରାଯିବ ବୋଲି ଏଡିଜିପି ସଂଜୀବ ପଣ୍ଡା ମତବ୍ୟକ୍ତ କରିଥିଲେ।

## ପୁଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ

ଭଦ୍ରେଶ୍ୱର, ୨୧।୧୦(ସମିସ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ପୁଲିସ ହେପାଜତରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛି। ଗୋତରା ପଞ୍ଚାୟତ ପ୍ରହରାଜପୁର ଗ୍ରାମର ଜଣେ ବାଳକ ନାମରେ ଏକ ପୋକ୍ସୋ ମାମଲା ରହିଥିଲା। ଏହି ମାମଲାରେ ଭଦ୍ରେଶ୍ୱର ଥାନା ପୁଲିସ ତାଙ୍କୁ ଗିରଫ କରିଥିଲେ। ପୁଲିସ ଅଭିଯୁକ୍ତକୁ ନିଜ ହେପାଜତରେ ରଖିଥିଲା। ତେବେ ଆଜି ଅପରାହ୍ନରେ ପୁଲିସର ଦାୟିତ୍ୱହୀନତା ଯୋଗୁଁ କୌଶଳକ୍ରମେ ଅଭିଯୁକ୍ତଜଣକ ପୁଲିସ ହେପାଜତରୁ ଖସି ପଳାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଛି। ରିପୋର୍ଟ ଲେଖାହେଲା ବେଳକୁ ଚମ୍ପଟ ଅଭିଯୁକ୍ତର କୌଣସି ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି। ଏହି ଘଟଣା ପୁଲିସର ପାରିବାପଣିଆକୁ ପୁଣିଥରେ ପଦାରେ ପକାଇଛି।

# ସମ୍ପାଦକୀୟ




ଆତଙ୍କବାଦକୁ ସମୂଳେ ବିଲୋପ କରିବାର ମୁଖ୍ୟ ଅସ୍ତ୍ର ହେଉଛି ବହି ଓ କଲମ।
-ମଲାଲା ୟୁସୁଫଜାଇ

ସକାଳ
THE SAKALA

## ବଞ୍ଚିବାର ରାହା

ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲୁଏମ୍‌ଓ)ର ସଦ୍ୟତମ ରିପୋର୍ଟ ସମଗ୍ର ବିଶ୍ୱ ଏବଂ ମାନବ ସଭ୍ୟତା ପାଇଁ ପୁଣି ଥରେ ସତର୍କ ଘଣ୍ଟି ବଜାଇଛି। ଏହି ରିପୋର୍ଟ ଅନୁଯାୟୀ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବଂ ବିଶ୍ୱ ତାପମାନ ବୃଦ୍ଧିରେ ସିଂହଭାଗ ଅବଦାନ ରଖୁଥିବା ଅଙ୍ଗାରକାମ୍ଳ ବାଷ୍ପ ପରିମାଣ ୨୦୨୩-୨୪ରେ ରେକର୍ଡ ପରିମାଣରେ ବୃଦ୍ଧି ପାଇଛି। ବିଶ୍ୱ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ହାରାହାରି ୪୨୩.୯ ପିପିଏମ୍‌ରେ ପହଞ୍ଚିସାରିଛି, ଯାହାର ପ୍ରଭାବରେ ୨୦୨୪ ବିଶ୍ୱ ଇତିହାସର ସବୁଠାରୁ ଉତ୍ତପ୍ତ ବର୍ଷ ରୂପେ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଏଥିସହିତ ବିଶ୍ୱ ତାପମାତ୍ରାକୁ ପ୍ରାକ୍-ଶିଳ୍ପାୟନ ସମୟର ତାପମାତ୍ରାରୁ ଅଧିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ହୋଇଆସୁଥିବା କସରତ ବିଫଳ ହୋଇଛି। ବାୟୁମଣ୍ଡଳକୁ କାର୍ବନ ନିର୍ଗମନର ପରିମାଣ ଯଥାସମ୍ଭବ ହ୍ରାସ କରିବା ପାଇଁ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ହୋଇଥିବା ଧାର୍ଯ୍ୟ ଲକ୍ଷ୍ୟର ବିପରୀତମୁଖୀ ଏହି ମାନବୀୟ କାର୍ଯ୍ୟଧାରା ମାନବସଭ୍ୟତା ପାଇଁ ହିଁ ବିପଦ ସୃଷ୍ଟି କରିଚାଲିଛି, ତାହା ବୁଝିବାକୁ ଆମକୁ ବୋଧହୁଏ ଆହୁରି ଅନେକ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିବ।

ପରିବେଶବିତ୍‌ମାନଙ୍କର କହିବା ଅନୁଯାୟୀ ୧୯୬୦ ଦଶକରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଉପସ୍ଥିତିର ବାର୍ଷିକ ହାରାହାରି ବୃଦ୍ଧି ମାତ୍ରା ଥିଲା ମାତ୍ର ୦.୮ ପିପିଏମ୍। ୨୦୧୧-୨୦ରେ ଏହା ବାର୍ଷିକ ୨.୪ ପିପିଏମ୍ ହାରରେ ବୃଦ୍ଧି ପାଇଥିବା ବେଳେ ୨୦୨୩ ରୁ ୨୦୨୪ ମଧ୍ୟରେ ଏକାଥରକେ ୩.୫ ପିପିଏମ୍ ବୃଦ୍ଧି ଘଟିଛି। ଏବେ ଆମ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ଉପସ୍ଥିତି ୪୨୩.୯ ପିପିଏମ୍, ଯାହା ପ୍ରାକ୍ ଶିଳ୍ପାୟନ ସ୍ଥିତିଠାରୁ ୧୫୨% ଅଧିକ। ବିଶ୍ୱ ତାପମାନ ବୃଦ୍ଧିରେ ଅଙ୍ଗାରକାମ୍ଳ ବାଷ୍ପର ଅବଦାନ ପ୍ରାକ୍‌ଶିଳ୍ପାୟନ ସମୟଠାରୁ ୬୬% ଏବଂ ଗତ ଦଶନ୍ଧିରେ ୭୯% ରହିଛି। ଏହି ପୃଷ୍ଠଭୂମିରେ ପ୍ୟାରିସ୍ ଚୁକ୍ତିନାମାର ସଂକଳ୍ପ ପୂରଣ ହେବ କେମିତି? ବିଡ଼ମ୍ବନା ହେଉଛି ଅଙ୍ଗାରକାମ୍ଳର ୫୦% କେବଳ ମଣିଷ ଦ୍ୱାରା ହିଁ ସୃଷ୍ଟ, ଯାହାର ପରିଣାମ ତା'କୁ ହିଁ ଭୋଗ କରିବାକୁ ପଡ଼ୁଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ବୃଦ୍ଧି ପଛରେ ଡବ୍ଲୁଏମ୍‌ଓ ଯେଉଁ କେତେକ କାରଣ ଦର୍ଶାଇଛି ସେଥିରେ ମାନବକୃତ କାର୍ଯ୍ୟକଳାପ ବ୍ୟତୀତ, ମହାସାଗରର ଓ ଭୂପୃଷ୍ଠର ଅଙ୍ଗାରକାମ୍ଳ ଶୋଷଣ କ୍ଷମତା ଧୀରେଧୀରେ ସଂକୁଚିତ ହୋଇଆସୁଛି। ଏହାସହିତ ବନାଗ୍ନି ଘଟଣାମାନ ବୃଦ୍ଧି ପାଇ ଚାଲିଛି। ଉପରୋକ୍ତ ପ୍ରାକୃତିକ କାରଣଗୁଡ଼ିକ ମଧ୍ୟ ଯେ ପରୋକ୍ଷରେ ମାନବକୃତ ତାହା ଅସ୍ୱୀକାର କରିହେବ ନାହିଁ। ତେଣୁ ମଣିଷ ନିଜେ ହିଁ ନିଜକୁ ବିଲୟ ମୁହଁକୁ ଟାଣି ନେଉଛି।




ମଣିଷକୁ ଆଜି ପ୍ରକୃତି ବିମୁଖ କରିବାର ମୁଖ୍ୟ କାରଣ ହେଉଛି ବଞ୍ଚିବାର ରାହା। ଏହାର ଅନ୍ୱେଷଣ ଯେତେ ଦ୍ରୁତ ଓ ପରିବ୍ୟାପ୍ତ ହେଉଛି ପ୍ରକୃତି ସେତିକି ବିପଦମୁଖୀ ହେବାରେ ଲାଗିଛି। ରାହାର ଅନୁସନ୍ଧାନ ସହିତ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ବିଳାସପୂର୍ଣ୍ଣ ଜୀବନଶୈଳୀର କାମନା ମଣିଷକୁ ପ୍ରକୃତି ହନ୍ତା ରୂପେ ଉପସ୍ଥାପିତ କରିଛି। ବିକାଶ ପରିବେଶ ଅନୁକୂଳ ନ ହେବା ଏବଂ ଆବଶ୍ୟକତାଠାରୁ ଅଧିକ ଚାହିଦା ଯୋଗୁଁ ମାନବ ସଭ୍ୟତା ଆଜି ବିଲୟମୁଖୀ ହୋଇସାରିଛି। ଯାହାକୁ ଆମେ ରୋଜଗାରର ରାହା ଭାବେ ଗ୍ରହଣ କରିଛୁ ତାହା ଏବେ ଆମର ବଞ୍ଚିବାର ରାହା ପାଣି ଓ ପବନକୁ ହିଁ ବିଷାକ୍ତ କରିଚାଲିଛି। ବିଳାସ ଓ ବଞ୍ଚିବାର ରାହା ମଧ୍ୟରୁ ଆମକୁ ଗୋଟିକୁ ଏବେ ବାଛିବାକୁ ପଡ଼ିବ। ଆମେ ଯାହାକୁ ବାଛିବା ତାହା ଆମର ବର୍ତ୍ତମାନ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିବ।

ବିଶ୍ୱର ଯେକୌଣସି ରାଷ୍ଟ୍ରରେ ବିକାଶ ଓ ଜୀବିକା ପାଇଁ ଶିଳ୍ପାୟନ ଅପରିହାର୍ଯ୍ୟ ଏବଂ ଏହାଦ୍ୱାରା ପ୍ରଦୂଷଣ ସ୍ତର ବଢ଼ିବା ମଧ୍ୟ ଅନିବାର୍ଯ୍ୟ। ସହରାଞ୍ଚଳଗୁଡ଼ିକ ରୋଜଗାର ଓ ବିକାଶର ପେଣ୍ଠ ରୂପେ ପରିଗଣିତ ହେଉଥିବାରୁ ସେଠାରେ ପ୍ରଦୂଷଣ ଅଧିକ। ଯେଉଁ ସହର ଯେତେ ଉନ୍ନତ ଓ ବିକଶିତ ତାହା ସେତେ ଅଧିକ ପ୍ରଦୂଷିତ। ତେଣୁ ସେଠାରେ ରହୁଥିବା ବାସିନ୍ଦାଙ୍କ ଉପରେ ଏହି ପ୍ରଦୂଷଣର ପ୍ରଭାବ ପଡ଼ିବା ସ୍ୱାଭାବିକ। ପୁଣି ଏକ ପ୍ରଦୂଷିତ ପରିବେଶ ହିଁ ନାନା ପ୍ରକାର ରୋଗବ୍ୟାଧିର ଉତ୍ପତ୍ତିସ୍ଥଳ। ଏହା ଜାଣି ମଧ୍ୟ ପ୍ରଦୂଷଣକୁ ନିୟନ୍ତ୍ରଣରେ ରଖିବା ପରିବର୍ତ୍ତେ ଆମେ ଯଦି ଅପରିଣାଦର୍ଶୀ ଓ ଅଯତ୍ନଶୀଳ ହୋଇ ଆଇନ୍ ଓ କଟକଣା ଉଲ୍ଲଂଘନ କରି ଚାଲିବା ନ୍ୟାୟାଳୟ, ସରକାର, କର୍ତ୍ତୃପକ୍ଷ କିଛି କରିପାରିବେ ନାହିଁ। ଆମେ ନିଜେ ସଚେତନ ନ ହେଲେ ଏବଂ ଆତ୍ମନିୟନ୍ତ୍ରଣ ନ କଲେ ଆମ ବିକାଶ ଅର୍ଥହୀନ ହୋଇ ଗଣମୃତ୍ୟୁର ଘଣ୍ଟି ବଜାଇବ, ଯାହା ଏବେ ଡବ୍ଲୁଏମ୍‌ଓର ତଥ୍ୟ ଆମକୁ ଚେତାବନୀ ଦେଇସାରିଛି।

ପରିବେଶ ବିଗିଡ଼ି ଗଲାଣି କହି ଚିତ୍କାର କରିବାର ବେଳ ଏବେ ଆଉ ନାହିଁ। କେବଳ ତ୍ୱରିତ ଓ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ହିଁ ସମୟର ଆହ୍ୱାନ। ଆଶା କରିବା ଆମ ସରକାର, ନୀତି ନିର୍ମାତା, ବିଚାରାଳୟ, ବିଧାନପାଳିକା ଏବଂ ଜନସାଧାରଣ ସମସ୍ତେ ମିଶି ବଞ୍ଚିବା ଏବଂ ଅନ୍ୟକୁ ବଞ୍ଚାଇବାର ରାହା ଖୋଜିବେ। ଏକ ସ୍ୱଚ୍ଛ ଓ ସବୁଜ ପରିବେଶ ନ ରହିଲେ ବିଦେଶୀ ପୁଞ୍ଜି ଲଗାଣ ତଥା ଶିଳ୍ପାୟନ ପ୍ରକ୍ରିୟା ପ୍ରଭାବିତ ହୋଇପାରେ। ସମ୍ପ୍ରତି ଅଧିକାଂଶ ନିବେଶକ ପରିବେଶ ସଚେତନ ହେବାର ଦେଖାଯାଉଛି। ସେମାନେ ଏବେ ଉତ୍ପାଦନର କାର୍ବନ ଫୁଟ୍ ପ୍ରିଣ୍ଟ ବା ପ୍ରଦୂଷଣ ପରିମାଣ ପରଖୁଛନ୍ତି। କୃଷିଜାତ ଦ୍ରବ୍ୟ ମଧ୍ୟ ଏଥିରୁ ବାଦ ଯାଉନାହିଁ। ତେଣୁ ଆମକୁ ବିକାଶ ସହିତ ପରିବେଶକୁ ସୁରକ୍ଷିତ ରଖି ତାଳ ମିଳାଇ ଆଗକୁ ଚାଲିବାକୁ ହେବ। ଏକ ସୁସ୍ଥ ପରିବେଶରେ ହିଁ ବଞ୍ଚିବାର ରାହା ଖୋଜିବାକୁ ପଡ଼ିବ।

## ଟେରର-ଟାରିଫ-ଟ୍ରମ୍ପ

**ଡକ୍ଟର ଅଜୟ କୁମାର ସାହୁ**

୨୦୨୫ ମସିହା ଅକ୍ଟୋବର ୧୦ ତାରିଖ। ସ୍ୱିଡେନର ରାଜଧାନୀ ଷ୍ଟକହୋମରୁ ଘୋଷଣା ହେଲା - ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇବେ ଭେନେଜୁଏଲାର 'ଗଣତନ୍ତ୍ର ବଞ୍ଚାଅ ଆନ୍ଦୋଳନ'ର ନେତ୍ରୀ ମାରିୟା କୋରିନା ମଚାଡୋ। କିନ୍ତୁ ମାରିୟାଙ୍କୁଠାରୁ ଅଧିକ ଚର୍ଚ୍ଚିତ ହେଲେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ହ୍ୱାଇଟ ହାଉସ ଚଳଚଞ୍ଚଳ ହୋଇ ଉଠିଲା। ବୈଠକ ପରେ ବୈଠକ ବସିଲା। ଖୁବ ସମୀକ୍ଷା ହେଲା। ଯେମିତି ଆମେରିକା ଯୁଦ୍ଧ ହାରିଯାଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଯେମିତି ମୁଣ୍ଡ ଲଗାଇଲେ ଏବଂ ପ୍ରଚାରପ୍ରସାର କରିଥିଲେ ପୁରସ୍କାର ଘୋଷଣା ପରେ ଯୁଦ୍ଧ ହାରିଲା ପରି ପରିସ୍ଥିତି ହିଁ ହୋଇଛି। ଉଚ୍ଚାଭିଳାଷର ପରାଜୟ ଘଟିଛି।

ପାକିସ୍ତାନର ସେନା ମୁଖ୍ୟ ମୁନିରଙ୍କୁ ଆମେରିକା ଡାକି ଟ୍ରମ୍ପ ଆପ୍ୟାୟିତ କରିଥିଲେ। ତାହାଙ୍କ ମୁହଁରେ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ପ୍ରସ୍ତାବ ରଖିଲେ। ସାରା ବିଶ୍ୱ ଚକିତ ହେଲା। ତାଚ୍ଛଲ୍ୟ ବି କଲା। ଯେଉଁ ଦେଶ ଆତଙ୍କର ଗଡ଼, ଯେଉଁଠି ପାଳି ପୋଷି ଆତଙ୍କିମାନଙ୍କୁ ବିଭିନ୍ନ ଦେଶକୁ ରପ୍ତାନି କରାଯାଏ ଏବଂ ଆତଙ୍କ ସୃଷ୍ଟି କରାଯାଏ, ସେହି ଦେଶ କହୁଛି ଟ୍ରମ୍ପଙ୍କୁ ନୋବେଲ ଦିଅ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପୁଣି ମୁନିରଙ୍କ ପ୍ରସ୍ତାବକୁ ସମର୍ଥନ କଲେ। ଯିଏ ହମାସ ସହ ଯୁଦ୍ଧରେ ଆଜି ବି ଲିପ୍ତ। ହଜାର ହଜାର ଶିଶୁଙ୍କୁ ହତ୍ୟା କରିଛନ୍ତି, ଶତାଧିକ ଗଣମାଧ୍ୟମ କର୍ମୀଙ୍କୁ ମାରିଛନ୍ତି, ହଜାର ହଜାର ଲୋକଙ୍କୁ ନିର୍ମମ ଭାବରେ ଧାରାଶାୟୀ କରିଛନ୍ତି, ଗାଜା ପଟିରେ ଧ୍ୱଂସ ଲୀଳା ଚଳାଇଛନ୍ତି, ଯାହାଙ୍କ ନାମରେ ମିଳିତ ଜାତିସଂଘରେ ହତ୍ୟାକାରୀ ବୋଲି ଅଭିଯୋଗ ରହିଛି, ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ ଏବଂ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ ଯାହାଙ୍କର ଗିରଫ ପାଇଁ ୱାରେଣ୍ଟ ଜାରି କରିଛି, ସିଏ ପୁଣି ସମର୍ଥନ କରୁଛନ୍ତି। ଏହାଠାରୁ ବିଶ୍ୱର ବଡ଼ ହାସ୍ୟାସ୍ପଦ କଥା ଆଉ କ'ଣ ହୋଇପାରେ! ସୈତାନ ମୁହଁରେ ବେଦ ପାଠ ପରି।

ପୁଣି ଯିଏ ଯୁଦ୍ଧ କରାଏ, ଅସ୍ତ୍ର ବିକ୍ରିକରି ଯୁଦ୍ଧକୁ ବଢ଼ାଏ, ନିଜ କଥା ନ ମାନିଲେ ଗାଦିଚ୍ୟୁତ କରାଏ, ଅସ୍ତ୍ରଶସ୍ତ୍ର କିଣାବିକାର ପ୍ରତିଯୋଗିତା ବଢ଼ାଏ, ସୈନ୍ୟ ପଠାଏ, ଧମକ ଚମକ ଦେଇ ଡରାଏ, ପରୋକ୍ଷ ପକ୍ଷଭୁକ୍ତ ହୋଇ ଯୁଦ୍ଧ କରେ ତା' ପାଇଁ ପୁଣି ଶାନ୍ତି ସମ୍ମାନ ଭିକ୍ଷା! ଯେଉଁଠି ସମ୍ମାନ ମଗାଯାଏ, ସେଇଠି ଲୋକହସା ହିଁ ହେବାକୁ ପଡ଼ିଥାଏ। ସମ୍ମାନ ବ୍ୟକ୍ତିର ମାନ୍ୟତାକୁ ଭିତ୍ତି କରି ଆସିଥାଏ। ଟ୍ରମ୍ପଙ୍କୁ ଆଉ କେହି ଭଲ ଲୋକ ଯେମିତି ମିଳିଲେ ନାହିଁ। ଏମିତି ଘୋର ପ୍ରତିକୂଳ ପରିସ୍ଥିତି ଭିତରେ ନୋବେଲ ଶାନ୍ତି ପୁରସ୍କାର ଆଶା ଓ ନିଶା କିନ୍ତୁ ଟ୍ରମ୍ପଙ୍କର ଅମଳିନ ଥିଲା। ଶକ୍ତିଶାଳୀ ରାଷ୍ଟ୍ରର ନେତା। ସେ ଯେଉଁଠି ଠିଆ ହେବେ ସେଇଠୁ ଗଣତି ଆରମ୍ଭ ହେବ। ନୋବେଲ ମେଡାଲ ତାହାଙ୍କ ଛାତିରେ ଆସି ଝୁଲିଯିବ। ଏମିତିକା ସମ୍ମୋହନ ବୋଧହୁଏ ଥିଲା। ଏହା ଶାନ୍ତି ସମ୍ମାନର କଥା। ଭୟ ଓ ଭ୍ରାନ୍ତିର ଖାତିର ନୁହେଁ। ଭୟ ଓ ଭ୍ରାନ୍ତିରେ କେବଳ ଘୃଣା ମିଳିଥାଏ। ଯେମିତି ଗଛ ଲଗାଇବ ସେମିତିକା ଫଳ ପାଇବ। ସେମିତି ହିଁ ହେଲା। ଅଶାନ୍ତ ଗଛରେ ଶାନ୍ତି ଫଳ ଫଳି ପାରିଲା ନାହିଁ।

ଟ୍ରମ୍ପ ନିରାଶ ହେଲେ। ବିଚଳିତ ଓ ବିବ୍ରତ ହେଲେ। ରାଗରେ ରକ୍ତ ଚାଉଳ ଚୋବାଇଲେ। ପାକ-ଭାରତ ଯୁଦ୍ଧ ଟ୍ରମ୍ପ ବନ୍ଦ କଲେ, ତେଣୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳୁ ବୋଲି ଭାରତ କହୁ ବୋଲି ବହୁତ ଚାପ ପକାଇଲେ। ହେଲେ ଭାରତ ସେ ଭୁଲ କଲାନାହିଁ। ତେଣୁ ରାଗରେ ଟ୍ରମ୍ପ 'ଟାରିଫ ଛାଟ' ମାରିଲେ। ଭାରତ ନଇଁଲା ନାହିଁ। ଭାରତୀୟ ଅର୍ଥନୀତିକୁ 'ଡେଡ ଇକୋନମି' ଏବଂ 'ଇଣ୍ଡିଆ ଓଭର ରେଟେଡ୍' ବୋଲି କହିବୁଲିଲେ। ଭିସା କଟକଣା ଲଗାଇଲେ। ବିଶ୍ୱ ବୈଷୟିକ ନବାଚାର ହବ୍ 'ଆମେରିକାନ ସିଲିକାନ ଭ୍ୟାଲି' କୁ ବେଖାତିର କଲେ। ଅନେକ ଭାରତୀୟଙ୍କୁ ଉଠାଇ ଆଣି ଭାରତରେ ଛାଡ଼ିଲେ। ଦ୍ରୁତ ଗତିରେ ବଢ଼ୁଥିବା ଭାରତୀୟ ଅର୍ଥନୀତିକୁ ଅବରୋଧ କରିବାକୁ ପ୍ରାଣପଣେ ଚେଷ୍ଟା କଲେ। ୪୦ ବର୍ଷର ଭାରତ ଆମେରିକା ସମ୍ପର୍କ ନୋବେଲ ମାୟା ତଳେ ଗୁମୁରି କାନ୍ଦିଲା। ଭାରତ ଆରଆଇସି(ରୁଷିଆ, ଇଣ୍ଡିଆ, ଚୀନ) ମଞ୍ଚରେ ମଜବୁତରେ ଠିଆ ହେଲା। ରୁଷିଆ ତ ଆମର ଅସଲ ବନ୍ଧୁ। ସେ ଆମ ପଛରେ ଠିଆ ହେଲା। ଟ୍ରମ୍ପଙ୍କ ପ୍ରଭାବ ସୀମିତ କହି ରୁଷିଆ ନିଜ ବଜାରକୁ ଭାରତ ପାଇଁ ଖୋଲି ଦେଲା। ଚୀନ ଭାରତର ଅଧିକ ଘନିଷ୍ଠ ହେଲା। ଭାରତ ପାଇଁ ସବୁ ସୁଯୋଗ ସୃଷ୍ଟି କଲା।

ଏବେ ଟାରିଫ ଯୁଦ୍ଧ ଯୋଗୁଁ ଖୋଦ୍ ଚାପରେ ଟ୍ରମ୍ପ। ନିଜ ଦେଶରେ ବି ନିନ୍ଦିତ ହେଲେ। ଉଚ୍ଚତମ ନ୍ୟାୟାଳୟ ମଧ୍ୟ ଭର୍ତ୍ସନା କଲେ। ଜିରୋ ଟାରିଫ ଲଗାଇବା ସହ ଭାରତକୁ କ୍ଷମା ମାଗିବା ଦରକାର ବୋଲି ନ୍ୟୁୟର୍କ ୟୁନିଭର୍ସିଟିର ପ୍ରଫେସର ଏଡୱାର୍ଡ ପ୍ରାଇସ ଚରମବାଣୀ ଶୁଣାଇଛନ୍ତି। ନୋବେଲ ପାଇଁ ଭାରତ ସୁପାରିସ କଲା ନାହିଁ ବୋଲି ଟ୍ରମ୍ପ ଏମିତି ବାଚାଳାମୀ କରୁଛନ୍ତି ବୋଲି କହିଛନ୍ତି ଡେମୋକ୍ରାଟିକ ସାଂସଦ ରୋ ଖାନ। ଦୁନିଆର ୮୦% ସମସ୍ୟା ଏହି ବୃଦ୍ଧ ଜରଦଗବ ଶାସନ କାଳରେ ସୃଷ୍ଟି ହୋଇଛି ବୋଲି ପୂର୍ବତନ ରାଷ୍ଟ୍ରପତି ବାରକ ଓବାମା ଟିପ୍ପଣୀ କରିଛନ୍ତି। ରୁଷ ଉପରେ ଟାରିଫ ବୋଝ ନାହିଁ, ଅଥଚ ଭାରତ ଉପର ଟାରିଫ ବୋଝ କାହିଁକି ଲଦି ଦିଆଯାଉଛି ବୋଲି ପୋଲାଣ୍ଡର ଜଣେ ସାମ୍ବାଦିକଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଖୁବ ରାଗିଲେ। ପୁଣି ଆଉ ଏକ ଆଳ କଲେ ଟ୍ରମ୍ପ। ରୁଷିଆଠାରୁ ତେଲ ଆମଦାନୀ ବନ୍ଦ କରିବାକୁ ଚାପ ପକାଇଲେ। ରୁଷିଆଠାରୁ ତେଲ କିଣି ଭାରତ ରୁଷ ଓ ୟୁକ୍ରେନ ଯୁଦ୍ଧକୁ ପରୋକ୍ଷରେ ବଢ଼ାଉଛି ବୋଲି ମିଛ ପ୍ରଚାର କଲେ। ସେ ଭୁଲିଗଲେ ଯେ ଚୀନ ରୁଷ ଠାରୁ ସର୍ବାଧିକ(୪୭%) ତେଲ କିଣୁଛି। ରୁଷରୁ ଏଲଏନଜି ସବୁଠାରୁ ଅଧିକ କିଣେ ୟୁରୋପୀୟ ସଂଘ। ଭାରତ ଠାରୁ ତେଲ ନିଏ ୟୁକ୍ରେନ। ଭାରତ ଆମେରିକା ଠାରୁ ବି ତେଲ କିଣେ। ରୁଷ ଠାରୁ ମାତ୍ର ୩୮% ତେଲ କିଣେ ଭାରତ। ଆମେରିକା ଏବେବି ରୁଷଠାରୁ ସାର, ପଲାଡିଅମ, ୟୁରାନିୟମ, କୋଇଲା, ଇସ୍ପାତ, ଲୁହା ଆଦି ଆମଦାନୀ କରେ। ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ତେଲ ଏକ ବାହାନା ଥିଲା। ଅସଲ ଉଦ୍ଦେଶ୍ୟ ଥିଲା ନୋବେଲ ପାଇଁ ଭାରତର ସମର୍ଥନ।

ମାରିୟା ଲୋକତନ୍ତ୍ରର ସୁରକ୍ଷା ପାଇଁ ଲଢ଼ିଛନ୍ତି। ଗଣତନ୍ତ୍ରର ଅଧିକାର ପାଇଁ ତାଙ୍କ ଲଢ଼େଇ ଜାରି ରହିଛି। ଏକଛତ୍ରବାଦର ଅନ୍ଧାର ଭିତରେ ଗଣତନ୍ତ୍ରର ମଶାଲ ଜାଳି ସମ୍ଭାବନା ଉଜ୍ଜୀବିତ ରଖିଛନ୍ତି। କେବେ ନୋବେଲ ପୁରସ୍କାର ପାଇଁ ଦାବି କରି ନାହାନ୍ତି କି କାହା ଦ୍ୱାରା ପ୍ରଚାର ପ୍ରସାର କରିନାହାନ୍ତି। ନିଜକୁ ଶାନ୍ତିର ଠିକାଦାର କହୁଥିବା ଟ୍ରମ୍ପ ସିରିଆର ଆତଙ୍କବାଦୀ ସହ ହାତ ମିଶାଇଲେ। କ୍ଷମତାକୁ ଆସିବାର ଦୁଇ ଦିନ ମଧ୍ୟରେ ରୁଷ ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବି କହି ଆମେରିକାର କ୍ଷମତା ହାସଲ କରିଥିବା ଟ୍ରମ୍ପ ଇରାନ ଇସ୍ରାଏଲ ଯୁଦ୍ଧକୁ ବଢ଼ାଇଲେ, ଇରାନ ଉପରେ ଆକ୍ରମଣ କଲେ, ୟୁକ୍ରେନର ପରୋକ୍ଷ ପକ୍ଷ ଭୁକ୍ତ ହୋଇ ଯୁଦ୍ଧ କଲେ, ଆତଙ୍କୀ କାରଖାନା ଚଳାଇଥିବା ପାକିସ୍ତାନ ସହ ବନ୍ଧୁତା ବଢ଼ାଇଲେ। ଟାରିଫକୁ ଆତଙ୍କବାଦ ପରି ବ୍ୟବହାର କରି ସାରା ବିଶ୍ୱରେ ଅଶାନ୍ତି ବାତାବରଣ ସୃଷ୍ଟି କଲେ। ତାଙ୍କ ରାଜୁତି କାଳରେ ସୁଦାନ, ଭୂମଧ୍ୟସାଗର, ଆଫ୍ରିକା, ମିଆଁମାର, ହାଇତି, ସିରିଆ, ନେପାଳ, ଇଥିଓପିଆ, ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ସାଇପ୍ରସ, ଲିବ୍ୟା, ମରକ୍କୋ, ତୁର୍କୀ, ୟେମେନ, ନାଇଜେରିଆ, ସୋମାଲିୟା ଆଦି ୪୫ ସ୍ଥାନରେ ଯୁଦ୍ଧ ଅବା ଗୃହ ଯୁଦ୍ଧ ଅବ୍ୟାହତ ରହିଲା। ବିଶ୍ୱ ଶାନ୍ତି ସୂଚକାଙ୍କ ରସାତଳଗାମୀ ହେଲା। ହାତୀ ଦାନ୍ତ ପରି କହିଲେ କିଛି କଲେ ଆଉ କିଛି। ଏପରି ଅଶାନ୍ତ ବାତାବରଣରେ ଶାନ୍ତି ପୁରସ୍କାର ଆଶା କରିବା ନିଶ୍ଚୟ ଏକ ଉଦ୍ଭଟ ପରିକଳ୍ପନା। ଶାନ୍ତି ତ ବଜାର ସାମଗ୍ରୀ ନୁହେଁ ଯେ, ତା'କୁ ଯିଏ ହାତ ପକାଇବ ସିଏ ପାଇଯିବ! ଟ୍ରମ୍ପଙ୍କ ପାଇଁ ଖୁସି ଖବର ହେଲା ମାରିୟା ପ୍ରାପ୍ତ ହେବାକୁ ଥିବା ପୁରସ୍କାରକୁ ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି। ନୋବେଲ ପାଇବା ପାଇଁ ଟ୍ରମ୍ପ ହିଁ ଯୋଗ୍ୟ ବ୍ୟକ୍ତି ବୋଲି କହିଛନ୍ତି। ଏବେ ଏବେ ଇସ୍ରାଏଲର ସର୍ବୋଚ୍ଚ ଶାନ୍ତି ସମ୍ମାନ ଟ୍ରମ୍ପଙ୍କୁ ଦିଆଯାଇଛି।

ଏବେ ୟୁରୋପିଆନ ଦେଶ ସହ ମିଶି ରୁଷକୁ ପାନେ ଦେବା ପାଇଁ ପ୍ରସ୍ତୁତ ହେଉଥିବା ଟ୍ରମ୍ପ କହିଛନ୍ତି। ନୋବେଲ ମିଳିଲାନି ବୋଲି ମାରିଆକୁ ଢାଲ କରି ଆମେରିକା ଭେନେଜୁଏଲା ଉପରେ ଆକ୍ରମଣ କରିପାରେ ବୋଲି ରୁଷ ଭବିଷ୍ୟବାଣୀ କରିଛି। ଯଦି ସେମିତି ହୁଏ ତେବେ ଭେନେଜୁଏଲା ପଛରେ ରୁଷ ଓ ଇରାନ ଠିଆ ହେବେ ବୋଲି ଜଣାପଡ଼ିଛି। ନୋବେଲ ପାଇଁ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି। ପାକ ଆଫଗାନିସ୍ତାନ୍ ମଧ୍ୟରେ କାତାର ଯୁଦ୍ଧବିରତି କରାଇପାରୁଛି। ଆମେରିକା ଚାହିଁଲେ ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ ହେବ। ଟ୍ରମ୍ପ ଚାହିଁଲେ ପାକିସ୍ତାନ ପରମାଣୁ ଅସ୍ତ୍ର ସମର୍ପଣ କରିଦେବ। ତା' ଦେଶରେ ସନ୍ତ୍ରାସ କାରଖାନା ବନ୍ଦ କରିଦେବ। କେବଳ ଭାରତକୁ ସାଥିରେ ରଖୁ। ସବୁ ସହଜ ହେବ। ଶାନ୍ତି ପାଇଁ ଆହୁରି ଅନେକ କିଛି କରିବାର ବାକି ଅଛି। ଟ୍ରମ୍ପଙ୍କଠାରୁ ବିଶ୍ୱ ବହୁତ କିଛି ଆଶା ରଖିଛି। ମାଗନ୍ତୁ ନାହିଁ। କିଛି କରିକି ପାଆନ୍ତୁ। ଆତ୍ମସନ୍ତୋଷ ମିଳିବ। ନୋବେଲ ଶାନ୍ତି ପୁରସ୍କାର ଆପଣଙ୍କ ଛାତିରେ ଶୋଭା ପାଇବ। ଆଜି ହେଲା ନାହିଁ, କାଲିକି ହେବ। ମାନବସଭ୍ୟତା ଧ୍ୱଂସମୁଖରୁ ବଞ୍ଚିଯିବ। ଆମେ ଜୀବନ ଚାହୁଁ, ଯୁଦ୍ଧ ନୁହେଁ। ଶାନ୍ତି ସମ୍ମାନ ମିଳୁକି ନ ମିଳୁ, ଆମେ ଶାନ୍ତି ଚାହୁଁ। ଟ୍ରମ୍ପଙ୍କ ନେତୃତ୍ୱରେ ତାହା ସମ୍ଭବ ହେବ। ବିଶ୍ୱର ଜୟ ହେବ, ମାନବିକତାର ଜୟ ହେବ, ଶାନ୍ତିର ଜୟ ହେବ। ନୋବେଲ ଶାନ୍ତି ପୁରସ୍କାରର ଜୟ ଜୟକାର ହେବ।

ସେମିଳିଗୁଡ଼ା(କୋରାପୁଟ),ମୋ: ୭୦୦୮ ୭ ୯ ୭୧୪୪

## ଟଟ୍‌କା ପନିପରିବା: ସମସ୍ୟା ଓ ସମାଧାନ

**ଡ.ଲକ୍ଷ୍ମୀ ନାରାୟଣ କର**



ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସହରର ବାସିନ୍ଦାମାନଙ୍କୁ ସୁଲଭ ମୂଲ୍ୟରେ ଟଟ୍‌କା ପନିପରିବା ଯୋଗାଇ ଦେବାକୁ ରାଜ୍ୟ ସରକାର ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ମାଧ୍ୟମରେ ସହରରେ ୧୨ ଗୋଟି 'ଉଦ୍ୟାନଫ୍ରେସ' ଆଉଟ୍‌ଲେଟ ସମ୍ପୂର୍ଣ୍ଣ ଆଧୁନିକ ଭାବରେ ଶୀତତାପ ନିୟନ୍ତ୍ରିତ କରି ଖୋଲିଥିଲେ। ଲୋକମାନେ ଖୁବ୍ ଖୁସିର ସହିତ ସେହି ଆଉଟ୍‌ଲେଟଗୁଡ଼ିକୁ ଯାଇ ସବୁଜ ଟଟ୍‌କା ପନିପରିବା କିଣି ଆଣୁଥିଲେ। କିନ୍ତୁ ଦୁଃଖର ବିଷୟ ଏହି ଯେ ଉଦ୍ୟାନଫ୍ରେସ ଆଉଟ୍‌ଲେଟଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ବନ୍ଦ୍ ହୋଇଯାଇଛି। ତାହାର ପ୍ରକୃତ କାରଣ କେହି କହି ପାରୁନାହାନ୍ତି। ଏହାଫଳରେ ଲୋକମାନେ ଟଟ୍‌କା ଓ ସୁଲଭ ମୂଲ୍ୟରେ ପନିପରିବା ପାଇବାରୁ ବଞ୍ଚିତ କେବଳ ହୋଇ ନାହାନ୍ତି ଯେ ଏଥିରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟର ଅପାରଗତା ଓ ଅବହେଳା ପଦାରେ ପଡ଼ିଯାଇଛି।

ମୁଁ ଯେତେବେଳେ କୃଷି ମହାବିଦ୍ୟାଳୟର କୃଷି ସମ୍ପ୍ରସାରଣ ବିଭାଗରେ କାର୍ଯ୍ୟରତ ଥିଲି, ତତ୍କାଳୀନ ନିର୍ଦ୍ଦେଶକଙ୍କୁ ଭୁବନେଶ୍ୱର ଆଖପାଖ ବ୍ଲକ ଅନ୍ତର୍ଗତ ଗାଁମାନଙ୍କରେ କଦଳୀ, ଅମୃତଭଣ୍ଡା, ସଜନା, ପିଜୁଳି, ଜାମୁ ଲଗାଇବା ପାଇଁ ପରାମର୍ଶ ଦେଇଥିଲି। କିନ୍ତୁ ସେ ଏହାକୁ ଗ୍ରହଣ କରି ନ ଥିଲେ ବା ଏହାଉପରେ କୌଣସି ଆଲୋଚନା କଲେ ନାହିଁ। ବର୍ତ୍ତମାନ ସମୟରେ ଭୁବନେଶ୍ୱରରେ ପ୍ରାୟ ବର୍ଷସାରା ପନିପରିବା ଦର ଆକାଶଛୁଆଁ ହେଉଛି, ଯାହା କି ସାଧାରଣ ଲୋକଙ୍କ ପାଇଁ କିଣିବା ଅତ୍ୟନ୍ତ କଷ୍ଟକର ହୋଇଯାଉଛି। ଭୁବନେଶ୍ୱର ବ୍ଲକରେ ଥିବା ଗାଁଗୁଡ଼ିକରେ ଧାନ ବ୍ୟତୀତ ଅନ୍ୟାନ୍ୟ ପନିପରିବା ଯଥା କୋବି, ବାଇଗଣ, ଟମାଟୋ, ଝୁଡୁଙ୍ଗ, କଲରା, ସଜନା, କଦଳୀ, ଅମୃତଭଣ୍ଡା, ଚାଷ ପାଇଁ ମାଟି ଯଥେଷ୍ଟ ପରିମାଣରେ ସୁହାଉଛି। ଯଦି ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ସହରର ଆଖପାଖ ଅଞ୍ଚଳରୁ କିଛି ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରି ସେହି ସବୁ ଗାଁରେ ଆନ୍ତରିକତାର ସହ ଲୋକମାନଙ୍କ ସହିତ ବିଭିନ୍ନ ପ୍ରକାରର ଆଲୋଚନା କରି ସେମାନଙ୍କୁ ପରାମର୍ଶ ଦେଇ ପନିପରିବା ଚାଷ ପାଇଁ ଉତ୍ସାହିତ କରାଯାଇପାରନ୍ତା ଉଭୟ ଚାଷୀ ଓ ଖାଉଟି ଉପକୃତ ହୋଇପାରନ୍ତେ।

ଏହି ଯୋଜନାରେ ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ଉନ୍ନତ ମାନର ତାଲିମ ପ୍ରଦାନ, ଅଧିକ ଉତ୍ପାଦନକ୍ଷମ ବିହନ, ସାର, ଔଷଧ, ଚାରା ସୁଲଭ ମୂଲ୍ୟରେ ଯୋଗାଇ ଦେବାର ବ୍ୟବସ୍ଥା କରିବା ଉଚିତ୍। ପୁନଶ୍ଚ ପନିପରିବା ଚାଷ ପାଇଁ ଆବଶ୍ୟକ ପରିମାଣର ଜଳସେଚନର ବ୍ୟବସ୍ଥା, ବଳକା ପନିପରିବା ପାଇଁ ଉତ୍ତମ ମାନର ଶୀତଳଭଣ୍ଡାର, ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଯୋଗାଣ ଇତ୍ୟାଦିର ବ୍ୟବସ୍ଥା ମଧ୍ୟ ସରକାରୀ ସ୍ତରରେ ହେବା ଉଚିତ୍। ଉଦ୍ୟାନ ବିଭାଗର ନିର୍ଦ୍ଦେଶକ ଓ ବିଭାଗର ଉଚ୍ଚ ପଦାଧିକାରୀ, କୃଷି ବିଜ୍ଞାନୀ ସମୟ ସମୟରେ ସେହି ପୋଷ୍ୟ ଗ୍ରାମମାନଙ୍କୁ ଯାଇ ଲୋକମାନଙ୍କ ସହିତ ବିଭିନ୍ନ ଧରଣର ଚାଷର ଉନ୍ନତି ପାଇଁ ଆଲୋଚନା କରିବା ଆବଶ୍ୟକ। ଯଦି ଦରକାର ହୁଏ ତେବେ ଅତି ସହଜରେ କିପରି ବ୍ୟାଙ୍କ୍ ଋଣ ବ୍ୟବସ୍ଥା ପାଇପାରିବେ ସେ ଦିଗରେ ଯତ୍ନବାନ ହେବା ଉଚିତ। ଉପଯୁକ୍ତ ଯତ୍ନ ଓ ଚାଷୀମାନଙ୍କ ସହିତ ଠିକ୍ ସମୟରେ ଠିକ୍ ଚାଷ ଉପରେ ଆଲୋଚନା କରି କିପରି ଚାଷୀ ଓ ଖାଉଟି ଉପକୃତ ହୋଇପାରିବେ ତାହା ନିହାତି ଦେଖିବା ଦରକାର।

ଆମ ମତରେ ଯଦି ଏହିପରି ବିଭିନ୍ନ ଉତ୍ସାହଜନକ କାର୍ଯ୍ୟକ୍ରମ କରାଯାଇ ଚାଷୀମାନଙ୍କୁ ଉତ୍ସାହିତ କରାଯାଇପାରିବ ତେବେ ଆମ ଭୁବନେଶ୍ୱର ସହରର ଆଖପାଖ ଅଞ୍ଚଳରେ ଥିବା ଗାଁଗୁଡ଼ିକରୁ ପ୍ରଚୁର ପରିମାଣରେ ଆଳୁ, ଦେଶୀ ଆଳୁ, ଟମାଟୋ, ମୂଳା, ବିନ୍, କୋବି, ବାଇଗଣ, ଲଙ୍କା, ପିଆଜ, ସାରୁ, କଖାରୁ, ଲାଉ ଇତ୍ୟାଦି ଅମଳ ହୋଇପାରିବ, ଯାହାକୁ ଚାଷୀମାନେ ଭୁବନେଶ୍ୱରର ଚାହିଦା ମେଣ୍ଟାଇ ଅନ୍ୟ ଜିଲ୍ଲା ଓ ରାଜ୍ୟ ବାହାରକୁ ମଧ୍ୟ ରପ୍ତାନି କରିପାରିବେ। ଏହାଦ୍ୱାରା ସେମାନଙ୍କ ରୋଜଗାର ପନ୍ଥା ଉନ୍ନତ ହେବ। ରାଜ୍ୟ ସରକାରଙ୍କ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟକୁ ଅନୁରୋଧ ଯେ ସେମାନେ ଏହିପରି ପୋଷ୍ୟ ଗ୍ରାମ ଯୋଜନା କରନ୍ତୁ। ଏହାଫଳରେ ଯେଉଁ ଉଦ୍ୟାନ ଫ୍ରେସ ଆଉଟ୍‌ଲେଟଗୁଡ଼ିକ ଯଥେଷ୍ଟ ପରିମାଣରେ ପନିପରିବା ଅଭାବରୁ ବନ୍ଦ ହୋଇ ଯାଇଛି ପୁଣି ସେଗୁଡ଼ିକ ଖୋଲା ଯାଇପାରନ୍ତା।

(ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୪୩୭୦୧୮୫୬୦୭

## ଗଙ୍ଗାମାତା ମଠ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଏକଦା ଭୁବନେଶ୍ୱର ନିକଟ ପଟିଆରେ ରାଜତ୍ୱ କରୁଥିବା ରାଜବଂଶର ଜନୈକ ରାଣୀ ଅନେକ ଓଷାବ୍ରତ କରି କନ୍ୟା ସନ୍ତାନଟିଏ ଲାଭ କଲେ। ଭବିଷ୍ୟତରେ ଦେବରାଜ ଇନ୍ଦ୍ରଙ୍କ ପତ୍ନୀ ସଚୀଙ୍କ ପରି ବିଳାସବ୍ୟସନରେ ଝିଅ ଜୀବନ ବିତେଇବ ବୋଲି ରାଜାରାଣୀ ବିଶ୍ୱାସ କରିବା ସ୍ୱାଭାବିକ ଥିଲା। ତେଣୁ ସେମାନେ ଝିଅର ନାଆଁ ଦେଇଥିଲେ ସଚୀ। କିନ୍ତୁ ସଚୀଙ୍କୁ ରାଜ ପରିବାରର ବିଳାସବ୍ୟସନ ଭଲ ଲାଗୁ ନ ଥିଲା। ବଡ଼ ହୋଇ ସେ ଜଗନ୍ନାଥ ମହାପ୍ରଭୁଙ୍କ କଥା ଶୁଣିବା ଦିନଠାରୁ ତାଙ୍କର ଅଧିକାଂଶ ସମୟ ମହାପ୍ରଭୁଙ୍କ ଆରାଧନାରେ କଟି ଯାଉଥିଲା। ଯୌବନାବସ୍ଥା ପ୍ରାପ୍ତ ହେବା ପରେ ସେ ଶ୍ରୀକ୍ଷେତ୍ରବାସୀ ହୋଇ ସନ୍ନ୍ୟାସିନୀ ଭାବେ ମହାପ୍ରଭୁଙ୍କ ଆରାଧନାରେ ଜୀବନ ବିତେଇବା ପାଇଁ ପୁରୀ ଚାଲିଗଲେ। ରାଜା ବାଲିସାହି ସ୍ଥିତ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ଆଶ୍ରମରେ ସଚୀଙ୍କ ରହିବା ବନ୍ଦୋବସ୍ତ କରିଦେଲେ। ମହାନ ସନ୍ଥ ହରି ଦାସ ଠାକୁର ସଚୀଙ୍କର ଗୁରୁ ଥିଲେ।

ଥରେ ଗଙ୍ଗାନଦୀରେ ପବିତ୍ର ସ୍ନାନ ଯୋଗ ପଡ଼ିଲା। ସଚୀଦେବୀ ମଧ୍ୟ ଗଙ୍ଗାରେ ବୁଡ଼ ପକେଇବା ପାଇଁ ଇଚ୍ଛା କଲେ। କିନ୍ତୁ ପ୍ରତିଦିନ ସ୍ନାନ ପରେ ମହାପ୍ରଭୁଙ୍କୁ ଦର୍ଶନ ନ କଲେ ସେ ପାନାହାର ଗ୍ରହଣ କରୁ ନ ଥିଲେ। ଏଣୁ ଦ୍ୱନ୍ଦ୍ୱ ସମାଧାନ ପାଇଁ ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ଭକ୍ତବତ୍ସଳ ମହାପ୍ରଭୁ ଭକ୍ତବାଞ୍ଛା କଳ୍ପତରୁ। ସେ ସଚୀଦେବୀଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- 'ମୋର ବାମନାବତାରରେ ଦେବୀ ଗଙ୍ଗା ମୋର ନଖ କୋଣରୁ ପ୍ରକଟ ହୋଇଥିଲେ। ସେ ପୁଣି ଥରେ ମୋ ନଖ କୋଣରୁ ପ୍ରକଟ ହୋଇ ତୁ ରହୁଥିବା ଆଶ୍ରମ ସାମନାରେ ଅବସ୍ଥିତ ପୁଷ୍କରିଣୀରେ ମିଳିତ ହେବେ। ତୁ ସ୍ନାନଯୋଗ ଦିନ ସେ ପୁଷ୍କରିଣୀରେ ସ୍ନାନ କଲେ ସାକ୍ଷାତ୍ ଗଙ୍ଗାସ୍ନାନର ପୁଣ୍ୟ ଲାଭ କରିବୁ।'

ପରଦିନ ଗଙ୍ଗା ସ୍ନାନଯୋଗ ଥିଲା। ରାତି ପାହିବା ପରେ ସରୋବରର ନେଳିଆ ପାଣି ଆଶ୍ଚର୍ଯ୍ୟଜନକ ଭାବେ ଶ୍ୱେତରଙ୍ଗ ଧାରଣ କରିଥିଲା। ସଚୀଦେବୀ ସରୋବର ପାଣିରେ ସ୍ନାନ ପାଇଁ ପ୍ରବେଶ କରିବା ପରେ ଅନୁଭବ କଲେ ଯେ ଏକ ପ୍ରଖରସ୍ରୋତ ତାଙ୍କୁ ପୋଖରୀର ଅଭ୍ୟନ୍ତରକୁ ଟାଣି ନେଉଛି। ସେ ଜ୍ଞାନଶୂନ୍ୟ ହୋଇଗଲେ। ସଞ୍ଜ୍ଞା ଫେରିବା ବେଳକୁ ସେ ନିଜକୁ ମହାପ୍ରଭୁଙ୍କ ଗର୍ଭଗୃହରେ ଆବିଷ୍କାର କଲେ। ସେ ଦେଖିଲେ ଯେ ଗର୍ଭଗୃହରେ ପବିତ୍ର ଗଙ୍ଗାଜଳର ପ୍ଲାବନ ହୋଇଥିଲା ଏବଂ ଅନେକ ଭକ୍ତ ସେଠାରେ ବୁଡ଼ ପକାଉ ଥିଲେ। ତା' ପରେ ସବୁ କିଛି ଅଦୃଶ୍ୟ ହୋଇଗଲା। ସଚୀଦେବୀ ଏକା ଗର୍ଭଗୃହରେ ଠିଆ ହୋଇଥିଲେ।

କବାଟ ଫିଟା ନୀତିରେ ସେବକମାନେ ଗର୍ଭଗୃହ ଖୋଲିବା ପରେ ସଚୀଦେବୀଙ୍କୁ ଏକା ସେଠାରେ ଥିବା ଦେଖି ଭାବିଲେ ଯେ ପୂର୍ବଦିନ ଗର୍ଭଗୃହ ବନ୍ଦ ହେବା ପୂର୍ବରୁ ସେ ସେଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗହଣା ଚୋରି କରିବା ପାଇଁ ଲୁଚି ରହିଥିଲେ। ସେବକମାନେ ସଚୀଦେବୀଙ୍କୁ ବହୁତ ଅପମାନିତ କଲେ। ସଚୀଦେବୀ ଆଶ୍ରମକୁ ଯାଇ କାନ୍ଦିକାନ୍ଦି ସବୁ କଥା ମହାପ୍ରଭୁଙ୍କୁ ଜଣେଇଲେ। ଭକ୍ତର ଗୁହାରୀରେ ମହାପ୍ରଭୁଙ୍କ ରତ୍ନବେଦୀ ଦୋହଲି ଗଲା। ସେ ଗଜପତିଙ୍କୁ ସ୍ୱପ୍ନରେ ଆଦେଶ ଦେଇ କହିଲେ - 'ରାଉତ! ସେବକମାନେ ଯାହାକୁ ଗର୍ଭଗୃହରେ ଏକାକୀ ଆବିଷ୍କାର କରିଥିଲେ, ସେ ମୋର ପରମ ଭକ୍ତ ସଚୀଦେବୀ। ତା'ର ଗଙ୍ଗାସ୍ନାନ ଇଚ୍ଛା ପୂରଣ କରିବା ପାଇଁ ମୁଁ ଲୀଳା ରଚିଥିଲି। ଯେଉଁମାନେ ଚୋରଣୀ କହି ତା'କୁ ଅପମାନିତ କରିଛନ୍ତି, ସେମାନେ ମୋ ପାଖରେ ଦ୍ରୋହ କରିଛନ୍ତି। ସେମାନେ ତା' ପାଖରେ କ୍ଷମା ପ୍ରାର୍ଥନା ନ କଲେ ମୋର କ୍ଷମାର ପାତ୍ର ହୋଇରହିବେ ନାହିଁ।'

ଗଜପତି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କୋଟିକୋଟି ପ୍ରଣାମ କରି ସକାଳ ହେବା ପରେ ସେବକମାନଙ୍କ ସହ ସଚୀଦେବୀଙ୍କ ଆଶ୍ରମରେ ପହଞ୍ଚିଲେ। ସମସ୍ତେ ସଚୀଦେବୀଙ୍କୁ କ୍ଷମା ପ୍ରାର୍ଥନା କଲେ ଏବଂ ରାଜା ସଚୀଦେବୀଙ୍କୁ ନିଜର ଗୁରୁ ପଦରେ ବରଣ କଲେ। ସଚୀଦେବୀଙ୍କର ମହାପ୍ରଭୁଙ୍କ ପ୍ରତି ଅଚଳା ଭକ୍ତି ଯୋଗୁଁ ଗଙ୍ଗା ଶ୍ରୀକ୍ଷେତ୍ରରେ ପ୍ରକଟ ହୋଇଥିବାରୁ ତାଙ୍କୁ ଶ୍ରୀକ୍ଷେତ୍ରବାସୀ ଶ୍ରଦ୍ଧାରେ ଗଙ୍ଗାମାତା ରୂପେ ସମ୍ବୋଧନ କରିବାକୁ ଲାଗିଲେ। ରାଜାଙ୍କ ପୃଷ୍ଠପୋଷକତାରେ ସେ ରହୁଥିବା ଆଶ୍ରମ ଏକ ମଠରେ ପରିଣତ ହେଲା ଏବଂ ମଠର ନାମ ଗଙ୍ଗାମାତା ମଠ ରଖାଗଲା। ଗଙ୍ଗାମାତା ସ୍ନାନ କରିଥିବା ପୋଖରୀରେ ପରମପାବନୀ ଗଙ୍ଗା ଆବିର୍ଭୂତା ହୋଇଥିବାରୁ ଏବଂ ଆବିର୍ଭାବ ପରେ ପୋଖରୀର ପାଣି ଶ୍ୱେତରଙ୍ଗ ଧାରଣ କରିଥିବାରୁ, ସେ ସରୋବରକୁ ଶ୍ୱେତଗଙ୍ଗା କୁହାଗଲା। ଏହା ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ଭିତରୁ ଗୋଟିଏର ମାନ୍ୟତା ଲାଭ କଲା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ସ୍ୱାମୀଙ୍କ ବିଚ୍ଛେଦ ସହିପାରିଲେନି

## ବେକରେ ଦଉଡ଼ି ଦେଇ ଜୀବନ ହାରିଲେ ପତ୍ନୀ

**ପଟ୍ଟାମୁଣ୍ଡାଇ,୨୧।୧୦(ସମିସ):** କୁହାଯାଏ ପତିପତ୍ନୀର ସମ୍ପର୍କ ଜନ୍ମ ଜନ୍ମର। ଏହି ସମ୍ପର୍କ ଶାଶ୍ୱତ ଓ ପବିତ୍ର। ସ୍ୱାମୀଙ୍କୁ ଛାଡ଼ି ଜଣେ ନାରୀର ବଞ୍ଚିବା ଦୁର୍ବିଷହ ହୋଇପଡ଼େ। ତାହାର ଉଦାହରଣ ଦେଖିବାକୁ ମିଳିଛି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଖଡ଼ିଅଣ୍ଟା ପଞ୍ଚାୟତ ଆମ୍ବେର ଗ୍ରାମରେ। ଏହି ଗ୍ରାମର ବସନ୍ତ ବେହେରାଙ୍କ ସାନଝିଅ ଜ୍ୟୋତ୍ସ୍ନାରାଣୀ ସ୍ୱାମୀଙ୍କ ବିଚ୍ଛେଦ ସହି ନ ପାରି ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନା ମୁତାବକ, ଆମ୍ବେର ଗ୍ରାମର ବସନ୍ତ ବେହେରାଙ୍କ ସାନଝିଅ ଜ୍ୟୋସ୍ନାରାଣୀ (୨୦)ଙ୍କ ଓସଙ୍ଗରା ଗ୍ରାମର ଭଦ୍ର ଜେନାଙ୍କ ବଡ଼ପୁଅ ଲଳିତ ଜେନାଙ୍କ ସହ ବିହାଘର ହୋଇଥିଲା। ଲଳିତ ଗତ ସେପ୍ଟେମ୍ବର ମାସ ୧୯ ତାରିଖରେ ପାରିବାରିକ କାରଣରୁ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ଏହାପରେ ଜ୍ୟୋସ୍ନାରାଣୀ ଶାଶୂଘରେ ନିଜର ମାନସିକ ଭାରସ୍ୟାମ ହରାଇ ଏକାଧିକ ବାର ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଶାଶୂଘର ପକ୍ଷରୁ ଘଟଣା ସମ୍ପର୍କରେ ଖବର ପାଇ ଜ୍ୟୋସ୍ନାରାଣୀଙ୍କ ବାପା ବସନ୍ତ ବେହେରା ଝିଅ ଓ ୧୪ ମାସର ନାତୁଣୀକୁ ନିଜ ଘରକୁ ନେଇ ଆସିଥିଲେ। ବାପଘରକୁ ଆସିବା ପରେ ମଧ ଜ୍ୟୋସ୍ନାରାଣୀଙ୍କ କୌଣସି ପରିବର୍ତ୍ତନ ଘଟି ନ ଥିଲା। ରବିବାର ଦିନ ବାପଘର ଲୋକେ କେହି ଘରେ ନ ଥିବା ସୁଯୋଗ ନେଇ ଜ୍ୟୋସ୍ନାରାଣୀ ବେକରେ ଦଉଡି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ମୃତ୍ୟୁର ଏକମାସ ପରେ ଜ୍ୟୋସ୍ନାରାଣୀଙ୍କ ଆତ୍ମହତ୍ୟା ପଟ୍ଟାମୁଣ୍ଡାଇରେ ଆଲୋଡନ ସୃଷ୍ଟି କରିଛି।

## ବନ୍ତଲେଇରେ କଲରାପତରିଆ ଆତଙ୍କ



ରେଢ଼ାଖୋଲ, ୨୧।୧୦ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଲଣ୍ଡାକୋଟ ସଂରକ୍ଷଣ ଜଙ୍ଗଲରେ ବାଘ ଆତଙ୍କ। ମଙ୍ଗଳବାର ବାଘଟି ଏକ ଗାଈକୁ ମାରି ଖାଇବା ପରେ ନିକଟସ୍ଥ ବନ୍ତଲେଇ, ବଡ଼ମାଳ, ଆମ୍ବଝୁରି, କଡ଼ତଇଲା ଗାଁ ସମେତ ବୁଢ଼ରା ପଞ୍ଚାୟତରେ ଭୟର ବାତାବରଣ ଖେଳିଯାଇଛି। ନିଜର ଗୃହପାଳିତ ପଶୁଙ୍କ ସୁରକ୍ଷାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି। ସନ୍ଧ୍ୟା ହେଲେ ଗାଁରେ ତାଟିକବାଟ ପଡ଼ିଯାଉଛି।

ସୂଚନାନୁସାରେ, ଗାଁର ଗୋପୀନାଥ ବେହେରାଙ୍କ ଗାଈ ସମେତ ଅନ୍ୟ କିଛି ଚାଷୀଙ୍କ ଗୋରୁ ଲଣ୍ଡାକୋଟ ଜଙ୍ଗଲକୁ ଚରିବାକୁ ଯାଇଥିଲେ। ଗୋପୀନାଥଙ୍କ ଏକ ଗାଈ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଆଜି ସକାଳେ ଗୋପୀନାଥ ଜଙ୍ଗଲରେ ଖୋଜାଖୋଜି କରିଥିଲେ। ତେବେ ଗାଈଟି ଜଙ୍ଗଲରେ ମରିପଡ଼ିଥିବା ବେଳେ ତାକୁ କେହି ବନ୍ୟଜନ୍ତୁ ଅଧା ଖାଇଦେଇଥିବା ଗୋପୀନାଥ ଦେଖିବାକୁ ପାଇଥିଲେ। ଖବର ପାଇ ବନରକ୍ଷୀ କୈଳାଶ ଚନ୍ଦ୍ର ମିଶ୍ର ଏବଂ ପ୍ରାଣୀଧନ ଚିକିତ୍ସକ ନବୀନ ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ଏହା ଏକ କଲରାପତରିଆ ବାଘର

### ଗାଈକୁ ମାରି ଖାଇଦେଲା

କାରନାମା ବୋଲି ଜାଣିବାକୁ ପାଇଥିଲେ। ତେଣୁ, ବନ ବିଭାଗ ପକ୍ଷରୁ ଆଖପାଖ ଗ୍ରାମବାସୀଙ୍କୁ ସତର୍କ କରାଇ ଦିଆଯାଇଛି। ସଂଧ୍ୟା ପରେ ଘରୁ ନ ବାହାରିବାକୁ ଏବଂ ଗୃହପାଳିତ ପଶୁଙ୍କୁ ଜଙ୍ଗଲ ମଧ୍ୟକୁ ଛାଡ଼ିବାକୁ ବାରଣ କରାଯାଇଛି। ଅପରପକ୍ଷେ ବାଘଟିକୁ ଜଙ୍ଗଲ ଭିତରକୁ ତଡ଼ିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଗ୍ରାମ୍ୟ ଜଙ୍ଗଲରେ ବାଘ ପାଦଚିହ୍ନ ଠାବ ପରେ ଆତଙ୍କ



କାମାକ୍ଷାନଗର, ୨୧।୧୦(ସମିସ): କିଛି ଦିନର ନିରବତା ପରେ କାମାକ୍ଷାନଗର ଅଞ୍ଚଳରେ ପୁଣି ବାଘ ଆତଙ୍କ ଦେଖାଦେଇଛି। କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅଧୀନ ଖଟଖୁରା ଗ୍ରାମର ଭଣ୍ଡାରିଆ ଗ୍ରାମ୍ୟ ଜଙ୍ଗଲରେ ଏକ ବାଘର ପାଦଚିହ୍ନ ଠାବ କରାଯାଇଛି। ଏହାକୁ ନେଇ ଗାଁରେ ଭୟର ବାତାବରଣ ଖେଳିଯାଇଛି। ବାଘଟି ୮ରୁ ୧୦ ଦିନ ତଳେ କନ୍ତାରିପାଟ ଜଙ୍ଗଲରେ ଏକ ଷଣ୍ଢକୁ ମାରିଦେଇଥିଲା। ପରେ ତା'ର ସନ୍ଧାନ ମିଳି ପାରିନଥିଲା। ଅପରପକ୍ଷେ, ବାଘକୁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଆବଦ୍ଧ ରଖିବା ପାଇଁ ବନବିଭାଗ କୌଣସି ବିଶେଷ ଉପାୟ କରିନଥିବା ଅଭିଯୋଗ ହେଉଛି। ଗ୍ରାମବାସୀ ବାଘ ଭୟରେ ବିଲକୁ ମଧ୍ୟ ଯାଇ ପାରୁନାହାନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପଛକୁ ପଛ...

ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି।

ଲଘୁଚାପ ସ୍ଥିତିକୁ ଦେଖି ରାଜ୍ୟ ସରକାର ସତର୍କ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି ଯେ ଲଘୁଚାପଜନିତ ବର୍ଷା ନେଇ ଆଲର୍ଟରେ ପ୍ରଶାସନ ରହିଛି। ସବୁ ସ୍ଥିତିର ମୁକାବିଲା କରାଯାଇ ପାରିବ। ଭାରତୀୟ ପାଣିପାଗ ସଂସ୍ଥା ଏଯାଏଁ କେବଳ ବର୍ଷା ଆକଳନ କରିଛି। ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ତେଣୁ ସରକାର ସତର୍କ ଥିବା ସେ କହିଛନ୍ତି।

## ଦୀପାବଳି ବେପାର...

ଏହାବ୍ୟତୀତ, ଇଲେକ୍ଟ୍ରୋନିକ୍ସ ଏବଂ ବୈଦ୍ୟୁତିକ (୮%), ପୋଷାକ ସାମଗ୍ରୀ (୭%), ଉପହାର (୭%) ଏବଂ ଗୃହ ସାଜସଜ୍ଜାରର ଯୋଗଦାନ ୫% ରହିଥିଲା। ଚଳିତଥର ଦୀପାବଳିରେ ୮୭% ଲୋକ ଚୀନ୍ ସାମଗ୍ରୀକୁ ପ୍ରତ୍ୟାଖ୍ୟାନ କରିଥିବା ଏହି ସର୍ଭେରୁ ଜଣାପଡ଼ିଛି।

କ୍ୟାଟ୍ ସର୍ଭେ ରିପୋର୍ଟ ଅନୁଯାୟୀ ବମ୍ପର ବିକ୍ରିରେ ଦେଶର ଛୋଟ ଛୋଟ ବ୍ୟବସାୟୀଙ୍କ ଯୋଗଦାନ ୮୫% ରହିଛି। ୫୦ ଲକ୍ଷ ଲୋକଙ୍କୁ ଅସ୍ଥାୟୀ ନିଯୁକ୍ତି ମଧ୍ୟ ମିଳିଛି। ଏହି ସର୍ଭେରେ ୬୦ଟି ପ୍ରମୁଖ ସହରକୁ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଥିରେ ସମସ୍ତ ରାଜ୍ୟ ରାଜଧାନୀ ସହିତ ଟାୟର-୨ ଏବଂ ଟାୟର-୩ ସହର ମଧ୍ୟ ଅନ୍ତର୍ଭୁକ୍ତ। କ୍ୟାଟ୍‌ର ଜାତୀୟ ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲଙ୍କ କହିବା ଅନୁଯାୟୀ, ଲୋକାଲ୍ ଫର ଭୋକାଲ୍ ଏବଂ ସ୍ୱଦେଶୀ ଦୀପାବଳି ପାଇଁ ଦିଆଯାଇଥିବା ଆହ୍ୱାନ ବ୍ୟବସାୟୀ ଏବଂ ଗ୍ରାହକ ଉଭୟଙ୍କୁ ଅନୁପ୍ରାଣିତ କରିଥିଲା। ସର୍ଭେରେ ସାମିଲ ୮୭% ଗ୍ରାହକ ବିଦେଶୀ, ବିଶେଷକରି ଚୀନ୍ ଉତ୍ପାଦ ଅପେକ୍ଷା ଭାରତୀୟ ସାମଗ୍ରୀ କିଣିବାକୁ ପସନ୍ଦ କରିଥିଲେ। ଏହାର ସିଧାସଳଖ ପ୍ରଭାବରେ ଚୀନ୍ ଉତ୍ପାଦର ଚାହିଦାରେ ତୀବ୍ର ହ୍ରାସ ଘଟିଥିଲା

ଏହି ଦୀପାବଳି କାରବାରର ସବୁଠାରୁ ଆକର୍ଷଣୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ ଅଣ-କର୍ପୋରେଟ୍ ବ୍ୟବସାୟଗୁଡ଼ିକରେ ଆମର ପାରମ୍ପରିକ ବଜାର ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ଏହି ବିଶାଳ ୬.୦୫ ଲକ୍ଷ କୋଟି (ପ୍ରାୟ ୮୫%) କାରବାରର ସୂତ୍ରଧର ଥିଲେ। ଏହା ପ୍ରମାଣିତ କରେ ଯେ ବଡ଼ ଇ-କମର୍ସ ପ୍ଲାଟଫର୍ମ ଏବଂ ମଲ୍‌ର ଉପସ୍ଥିତି ସତ୍ତ୍ୱେ, ସାଧାରଣ ବ୍ୟବସାୟୀ ଭାରତର ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛନ୍ତି।

ମିଠା, ଖାଦ୍ୟ, ପୂଜା ସାମଗ୍ରୀ ଠାରୁ ଆରମ୍ଭ କରି ଫର୍ଣ୍ଣିଚର ଏବଂ ଜୋତା ପର୍ଯ୍ୟନ୍ତ, ସବୁଠି ଚାହିଦା ଦେଖିବାକୁ ମିଳିଥିଲା। ଏହାବ୍ୟତୀତ, ସେବା କ୍ଷେତ୍ର ମଧ ଚଳିତ ବର୍ଷ ଅସାଧାରଣ ପ୍ରଦର୍ଶନ କରିଛି। ପ୍ରଥମ ଥର ପାଇଁ ସେବା କ୍ଷେତ୍ର ୬୫ ହଜାର କୋଟି ଟଙ୍କାର କାରବାର ରେକର୍ଡ କରିଛି। ଦୀପାବଳି ସମୟରେ, ପ୍ୟାକେଜିଂ, ଆତିଥେୟତା (ହୋଟେଲ ଏବଂ ରେଷ୍ଟୋରାଁ), ଟ୍ୟାକ୍ସି ସେବା, ଯାତ୍ରା, ଇଭେଣ୍ଟ ପରିଚାଳନା ଏବଂ ସାଜସଜ୍ଜା ଭଳି ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି। ଏହା ଦର୍ଶାଉଛି ଯେ ଉତ୍ସବ ଅର୍ଥନୀତି ଆଉ ସାମଗ୍ରୀ କ୍ରୟ ପର୍ଯ୍ୟନ୍ତ ସୀମିତ ନାହିଁ; ସେବାର ବ୍ୟବହାର ମଧ ଦ୍ରୁତ ଗତିରେ ବୃଦ୍ଧି ପାଉଛି।

## ଫେଲ୍ ହୋଇଥିଲା...

ଜଣେ ପ୍ରଭାବଶାଳୀ ଲୋକ ହୋଇଥିବାରୁ ସେମାନେ ଅଧିକ ଟଙ୍କା ଦାବି କରିଥିଲେ । ଯାହା ଫଳରେ ହତ୍ୟା ଯୋଜନା ସଫଳ ହୋଇ ପାରି ନଥିଲା। 'ପ୍ଲାନ ଏ' ବିଫଳ ହେବା ପରେ ଷଡ଼ଯନ୍ତ୍ରକାରୀ 'ପ୍ଲାନ୍ ବି'କୁ ସକ୍ରିୟ କରିଥିଲେ ଓ ସ୍ଥାନୀୟ ଅପରାଧୀମାନଙ୍କ ଦ୍ୱାରା ହତ୍ୟା ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରାଯାଇଥିଲା।

ଏହାକୁ ନେଇ ପୁଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିବା ସମୟରେ ଖୁବ୍ ଶୀଘ୍ର ମାମଲାର ରହସ୍ୟ ଉନ୍ମୋଚନ ହେବ ବୋଲି କହିଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର କହିଛନ୍ତି। ସେ କହିଛନ୍ତି ଯେ ପୁଲିସ କବ୍‌ଜାରେ ଥିବା ସାର୍ପସୁଟର୍ ଚିଣ୍ଟୁ, ରାଜେନ୍ଦ୍ର, କାଳୀ, ଯୋଗୀ, ବିନୟ, ପିଣ୍ଟୁ, ସୀମା, ମଳୟ, ମିଥୁନ, ମଦନଙ୍କୁ ଜେରା କରି ପୁଲିସ ବହୁ ତଥ୍ୟ ହାସଲ କରିଛି। ସେହି ତଥ୍ୟ ଆଧାରରେ ତଦନ୍ତ ଆଗକୁ ବଢୁଛି । ବର୍ତ୍ତମାନ ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ହତ୍ୟାକାରୀ, ଷଡ଼ଯନ୍ତ୍ରକାରୀ ଓ କାରଣର ରହସ୍ୟ ଉନ୍ମୋଚନ ହେବ। ବର୍ତ୍ତମାନ କିଛି ଅଭିଯୁକ୍ତ ପୁଲିସ କବଜାରେ ଅଛନ୍ତି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ବ୍ରହ୍ମପୁର ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେବେ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ମଙ୍ଗଳବାର ବିଳମ୍ବିତ ରାତିରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ପୁଲିସ ଉଠାଇ ନେଇଥିବା ସୂଚନା ମିଳିଛି । ଫଳରେ ଏହି ଘଟଣାରେ ଅଟକଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି ।

ପୂର୍ବରୁ ବ୍ରହ୍ମପୁରର ପୂର୍ବତନ ମେୟର ପିଣ୍ଟୁ ଦାଶ, ଜଣେ କର୍ପୋରେଟର୍, ଛାତ୍ରନେତା ଯୋଗୀ, ଗଞ୍ଜାମର ସାର୍ପସୁଟର୍ ଚିଣ୍ଟୁ, ରେକିରେ ସାମିଲ ବିହାରୀ ଯୁବକଙ୍କୁ ପୁଲିସ ଅଟକ ରଖିଛି । ବିହାରରୁ ୨ଜଣ, ପଶ୍ଚିମବଙ୍ଗରୁ ଜଣେ, ଦିଲ୍ଲୀରୁ ଜଣେ, ଆନ୍ଧ୍ରରୁ ଜଣେ, କର୍ଣ୍ଣାଟକରୁ ଜଣେ, ନୟାଗଡ଼, ଖୋର୍ଦ୍ଧା ଓ ବ୍ରହ୍ମପୁରରୁ ଜଣେ ଲେଖାଏଁ ଏବଂ ବନ୍ତପଲ୍ଲୀ ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୪ଜଣଙ୍କୁ ପୁଲିସ ଅଟକ ରଖିଛି। ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଘନିଷ୍ଠ ସହଯୋଗୀ ମିଟୁ ପଣ୍ଡା ଓ ତାଙ୍କର ସହଯୋଗୀ ଭିକିକୁ ପୁଲିସ ଉଠାଇ ନେଇଛି। ପୀତବାସଙ୍କୁ ବିହାରୀ ଯୁବକମାନେ ଗୁଳି କରିଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ବର୍ତ୍ତମାନ ଏନେଇ ପଦାକୁ ଆସିଛି ନୂଆ ତଥ୍ୟ। ବିହାରୀ ଯୁବକ ନୁହେଁ ବରଂ ଗଞ୍ଜାମର ଅପରାଧୀ ହିଁ ଗୁଳି କରିଥିବା ପ୍ରାୟତଃ ସ୍ପଷ୍ଟ ହୋଇଛି।

ତେବେ ତଦନ୍ତର ଶେଷ ପର୍ଯ୍ୟାୟରେ ପୂର୍ବତନ ମେୟର ପିଣ୍ଟୁ ଦାଶ କେମିତି ଆସିଲେ, ତାକୁ ନେଇ ପ୍ରଶ୍ନ ଉଠିଛି। ପିଣ୍ଟୁ ଓ ପୀତବାସଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଏପରିକି ପୀତବାସଙ୍କ ଘର ଉପରକୁ ହୋଇଥିବା ବୋମାମାଡ଼ ଏବଂ ପରବର୍ତ୍ତୀ ସମୟରେ ପିଣ୍ଟୁଙ୍କ ଉପରକୁ ହୋଇଥିବା ବୋମାମାଡ଼ ଓ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କ ମାମଲା ପୀତବାସ ପରିଚାଳନା କରିବା ଆଦି ଘଟଣା ପିଣ୍ଟୁଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥାଇପାରେ ବୋଲି କୁହାଯାଉଛି। ସେହିପରି ପୁଲିସ ସ୍କାନରରେ ବିଷୋୟୀ ଗ୍ୟାଙ୍ଗର ସଦସ୍ୟ ଓ କିଛି ରାଜନେତା ଥିବା ଶୁଣିବାକୁ ମିଳୁଛି। ପୀତବାସଙ୍କୁ ମାରିବା ପାଇଁ ପ୍ଲାନିଂ କେବେ ଓ କିଏ କରିଥିଲା, କିଏ କିଏ ସାମିଲ ଥିଲେ, କେତେ ଟଙ୍କାର ସୁପାରି କିଏ ଦେଇଥିଲା ତାହାପୁଲିସ ସ୍ପଷ୍ଟ କରିନାହିଁ।

## ଦିଲ୍ଲୀକୁ ଟପିଲା...

ବାୟୁମଣ୍ଡଳ ବହୁ ମାତ୍ରାରେ ପ୍ରଦୂଷିତ ହୋଇପଡ଼ିଥିଲା। ସାଧାରଣତଃ ବାୟୁର ମାନ ୧୦୦ ପର୍ଯ୍ୟନ୍ତ ରହିଲେ ଠିକ୍। କିନ୍ତୁ ଏହି ସୀମା ଅତିକ୍ରମ କଲେ ପରିସ୍ଥିତି ସାଂଘାତିକ ହୋଇପଡ଼େ। ଗତକାଲି ରାତିରେ ଏହି ମାତ୍ରା ୬୦୦ ଟପିଲା ପରେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ସହ ହୃଦ୍‌ରୋଗୀଙ୍କ ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଥିଲା। ସାରା ରାଜଧାନୀର ସ୍ଥିତି ସାଂଘାତିକସ୍ତରରେ ପହଞ୍ଚିଥିଲା। ସେହିପରି ସହରର ବିଭିନ୍ନ ସ୍ଥାନରେ ୧୨୫ ଡେସିବେଲରୁ ଅଧିକ ପ୍ରଦୂଷଣ ଯୁକ୍ତ ବାଣ ଫୁଟାଯିବା ଦ୍ୱାରା ସ୍ଥିତି ଭୟଙ୍କର ହୋଇଥିଲା। କେବଳ ରାଜଧାନୀ ନୁହେଁ, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ପୁରୀ, ଅନୁଗୋଳ ଆଦି ସ୍ଥାନରେ ମଧ ଦୀପାବଳି ଯୋଗୁଁ ବାୟୁ ଅଧିକ ପ୍ରଦୂଷିତ ହୋଇଥିବା ରିପୋର୍ଟ ଆସିଛି ।

ବାଣ ଫୁଟାଇବା ଦ୍ୱାରା କ୍ଷତିକାରକ ରାସାୟନିକ ପଦାର୍ଥ, କଣିକା ପଦାର୍ଥ, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ପରି ଗ୍ୟାସୀୟ ପ୍ରଦୂଷକ ନିର୍ଗତ ହୁଏ। ଏଥିସହିତ ଭାରୀ ଧାତୁ ଏବଂ ବିଭିନ୍ନ ରଙ୍ଗ ପାଇଁ ବ୍ୟବହୃତ ବେରିୟମ୍, ଷ୍ଟ୍ରୋନସିୟମ୍, ତମ୍ବା, ଆଲୁମିନିୟମ୍, ସୋଡିୟମ୍ ପରି ଧାତବ ପଦାର୍ଥ ଏଥିରେ ରହିଛି। ଯାହାଦ୍ୱାରା ଏହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଫଳରେ ଏହାଦ୍ୱାରା ଉଚ୍ଚ ରକ୍ତଚାପ, ଶ୍ୱାସକ୍ରିୟା ଜନିତ ରୋଗ, ମୁଣ୍ଡ ବିନ୍ଧା, ହୃଦଘାତ ଆଦି ରୋଗ ହୋଇଥାଏ। ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା, ଛୋଟ ଛୁଆ, ହୃଦ୍ ରୋଗୀ, ରୋଗାଗ୍ରାନ୍ତ ବ୍ୟକ୍ତି, ଏପରିକି ପଶୁପକ୍ଷୀ ବି ଏହି ବାୟୁରେ ଅଧିକ ପ୍ରଭାବିତ ହୋଇଥାନ୍ତି। ଏ ସମ୍ପର୍କରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି ଯେ ପରିବେଶର ଗୁଣାବକ ମାନ ବଜାୟ ରଖିବା ଦ୍ୱାରା ମଣିଷ, ଅନ୍ୟ ଜୀବଜନ୍ତୁ ଏବଂ ଉଦ୍ଭିଦ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତ ରହିବେ। ଏଥିସହିତ ସରକାର ଯେଉଁ କଟକଣା କରୁଛନ୍ତି ତାହାର ଉପଯୁକ୍ତ ଅନୁପାଳନ ହେଉନାହିଁ। ଯେଉଁମାନେ ଏହାର ଉଲ୍ଲଙ୍ଘନ କରୁଛନ୍ତି ପ୍ରଥମେ କିଛି ଲୋକଙ୍କୁ ଧରି କଠୋର ଦଣ୍ଡବିଧାନ କରାଗଲେ ଲୋକମାନେ ପରିବେଶ ପ୍ରତି ସଜାଗ ହେବେ ବୋଲି ସେ ମତ ଦେଇଛନ୍ତି ।

## ବିଦ୍ୟୁତ୍ ଆଘାତରେ...

ହୋଇଯାଇଥିଲା। ମୃତଦ୍ୱୟଙ୍କ ପରିଚୟ ଜଣାପଡ଼ିନାହିଁ। ସତ୍ୟବାଦୀ ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ନମ୍ବର ୨୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଫୋରେନ୍‌ସିକ୍ ଟିମ୍ ଉଭୟ ମୃତକଙ୍କ ଫଟୋ, ଆଙ୍ଗୁଠି ଛାପ ଓ ଡିଏନ୍‌ଏ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିଛନ୍ତି। ମୃତକଦ୍ୱୟଙ୍କ ପରିଚୟ ଜଣା ନପଡ଼ିବାରୁ ଚିହ୍ନଟ ନିମନ୍ତେ ସତ୍ୟବାଦୀ ପୁଲିସ ତରଫରୁ ସେମାନଙ୍କ ଫଟୋ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରସାର କରାଯିବ ବୋଲି ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

ସେହିପରି, ବରଗଡ଼ ଜେଲ୍‌ରେ ଆଜି ଜଣେ ବିଚାରାଧୀନ କଏଦୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତ କଏଦୀଜଣଙ୍କ ହେଲେ, ଅତାବିରା ଥାନା ଅଞ୍ଚଳ ଜନ୍‌ହାପଡା ଗାଁର ଗିରିଧାରୀ ରୋହିଦାସ (୪୦)। ଘଟଣାକୁ ନେଇ ପୁଲିସର ଛାନଭିନ ଜାରି ରହିଛି। ସିସି କ୍ୟାମେରାରୁ ଜଣାପଡ଼ିଛି ଯେ ରାତି ପ୍ରାୟ ଗୋଟାଏ ବେଳେ ଗିରିଧାରୀ ଇନ୍‌ଭର୍ଟର୍ ତାରକୁ ଖୋଲି ଦାନ୍ତରେ ଛିଣ୍ଡାଇଥିଲେ। ତାକୁ ହାତରେ ଧରି ଝରକାର ରେଲିଂକୁ ଧରି ଦେବାରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା ଓ ସେ ତଳେ ପଡ଼ିଯାଇଥିଲେ। ଜେଲ୍ କର୍ମଚାରୀ ସଙ୍ଗେସଙ୍ଗେ ଡାକ୍ତରଙ୍କୁ ଡକାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗିରିଧାରୀ ଏକ ନାବାଳିକା ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଥିଲେ।

## ବିଜେଡି ମହିଳା କର୍ମୀଙ୍କୁ...

ପୁଅ ପହଞ୍ଚି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅନିରୁଦ୍ଧଙ୍କ ସହ ମିଶି ବର୍ଷା ରାଉତ, ବିମଳା ରାଉତ ଓ ସଞ୍ଜୁ ଜେନା ପ୍ରମୁଖ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ପରେ ଏକ କାଠଫାଳିଆରେ ଆକ୍ରମଣ କରିବାରୁ ରଶ୍ମିଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ରଶ୍ମିଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକତ୍ସା ଚାଲିଛି। ରଶ୍ମିଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ପ୍ରତିପକ୍ଷ ପକ୍ଷରୁ ପାଲଟା ଏତଲା ଦିଆଯାଇଛି। ଦୁଇଟିଯାକ ଏତଲା ଉପରେ ମାମଲା ରୁଜୁ ହୋଇଥିବା ବେଳେ କାହାରିକୁ ଗିରଫ କରାଯାଇ ନ ଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ଚୌଦ୍ୱାର ଜେଲ୍‌ରେ...

ୱାର୍ଡକୁ ଯାଇଥିଲା। ସାଙ୍ଗରେ ଏକ ମାଙ୍କଡ଼ା ପଥର ନେଇଥିଲା। କବି ଶୋଇଥିବା ଅବସ୍ଥାରେ ସେ ତା' ମୁଣ୍ଡ ଓ ମୁହଁକୁ ବାରମ୍ବାର ଛେଚି ଚାଲିଥିଲା। ପ୍ରବଳ ରକ୍ତସ୍ରାବ ହେବା ସହ କବି ଅଚେତ ହୋଇପଡ଼ିବାରୁ ଆକ୍ରମଣକାରୀ ସନ୍ତୋଷ ନିଜ ୱାର୍ଡକୁ ଚାଲିଯାଇଥିଲା। ପରେ ଜେଲ୍ କର୍ତ୍ତୃପକ୍ଷ କବିକୁ ଉଦ୍ଧାର କରି ଏସ୍‌ସିବି ମେଡିକାଲକୁ ଆଣିଥିଲେ। ସେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ସନ୍ତୋଷ ଏବଂ କବିଙ୍କ ଘର କଟକ ଗାନ୍ଧୀପଲ୍ଲୀ ବସ୍ତିରେ। ଜେଲ୍ ଯିବା ପୂର୍ବରୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ରହିଥିଲା। ସନ୍ତୋଷ ପୂର୍ବ ରାଗ ଶୁଝାଇବାକୁ ଏହି ଆକ୍ରମଣ କରିଥାଇପାରେ ବୋଲି ଚୌଦ୍ୱାର ଥାନା ପୁଲିସ କହିଛି। କିନ୍ତୁ ଜେଲ୍ କର୍ତ୍ତୃପକ୍ଷଙ୍କ ଜାଣତରେ ୨ଗୋଷ୍ଠୀ ବିବାଦ ମୁଣ୍ଡ ଟେକିଥିବା ସ୍ପଷ୍ଟ ହୋଇଛି।

ସକିଲ୍ ଭଳି କଟକର ଏକାଧିକ କୁଖ୍ୟାତ ଅପରାଧୀ ଜେଲଦଣ୍ଡ ଭୋଗୁଥିବା ବେଳେ ସେମାନେ ଗୋଷ୍ଠୀ କରି ଜେଲ୍ ଭିତରେ ଆତଙ୍କରାଜ ଚଳାଇଛନ୍ତି। ଏହି ଗୋଷ୍ଠୀରେ ଏକାଧିକ ଅପରାଧୀଙ୍କୁ ସାମିଲ୍ କରି ନିଜନିଜ ଭିତରେ ଗଣ୍ଡଗୋଳ ଭିଆଉଛନ୍ତି। ଜେଲ୍ ଭିତରେ ଅବାଧରେ ମୋବାଇଲ ବ୍ୟବହାର କରାଯାଉଛି। ସେହିଭଳି ବିଭିନ୍ନ ମାଧକଦ୍ରବ୍ୟ ଜେଲ୍ ମଧ୍ୟକୁ ନିଆଯାଉଛି। ରେଷ୍ଟୋରାଁ ଖାଦ୍ୟଠାରୁ ଆରମ୍ଭ କରି ବିଭିନ୍ନ ମନୋରଞ୍ଜନ ଜେଲ୍ ଭିତରେ କରାଯାଉଛି। ଏସବୁ ଜାଣି ଜେଲ୍ କର୍ତ୍ତୃପକ୍ଷ ଆଖି ବୁଜି ଦେଉଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଉଦାସୀନତା ପ୍ରଦର୍ଶନ କରୁଛନ୍ତି।

ଅନ୍ୟପଟେ, ବିହାର ରାଜ୍ୟର ମୁଫସିଲ ଥାନା ଅଧୀନ ଲୋହିଆ ନଗର ଅଞ୍ଚଳର ରାଜା ସାହାଣି ଓ ଗୌର ଥାନା ରାମପୁର ଗ୍ରାମର ମଧୁକାନ୍ତ କୁମାର ନାମକ ୨ଜଣ ଦୁର୍ଦ୍ଧାନ୍ତ ଅପରାଧୀ ଜେଲର ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ଏଯାବତ୍ ଉଭୟଙ୍କୁ ଠାବ କରାଯାଇପାରିନାହିଁ। ଏହି ଘଟଣାରେ ଜଣେ ଜେଲର୍‌ଙ୍କ ବଦଳି ହୋଇଥିବା ବେଳେ ୨ଜଣ ୱାର୍ଡର୍ ନିଲମ୍ବିତ ହୋଇଥିଲେ। ଚୌଦ୍ୱାର ଜେଲ୍‌ରେ ଏଭଳି ଘଟଣା ବଢ଼ି ଚାଲିଥିବା ବେଳେ ଏଥିପ୍ରତି କର୍ତ୍ତୃପକ୍ଷ ଆଦୌ ଗୁରୁତ୍ୱ ଦେଉନାହାନ୍ତି।


**AFFIDAVIT**

I, Debasish Mohanty, S/o- Bhramar Bag, Resident of Gobinda Chandra Behera Resident of At/PO: Balipatana, Pattamundai, Dist.: Kendrapara, Odisha, PIN-754215 , declared by this Affidavit No.1257/2025 Dated: 21.10.2025. That now onwards I shall be known as **DEBASISH MOHANTY** for all future Purposes.

**AFFIDAVIT**

BY virtue of an affidavit sworn before the Executive Magistrate, Panposh, Rourkela, No.A/57, dated 27/03/2025, I Deelip Kumar Sahoo, F/o Vidishaditya Shubhadarshini Sahoo of A/79, Sector -15, Rourkela, declare that I have changed the name of my daughter from "VIDISHADITYA SHUBHADARSHINEE" to VIDISHADITYA SHUBHADARSHINI SAHOO". Henceforth, she shall be known as **VIDISHADITYA SHUBHADARSHINI SAHOO** for all purposes.

**Sd/-Deelip Kumar Sahoo**

**AFFIDAVIT**

I, Bijaya Keshari Behera, S/o- Sadananda Behera, Resident of Ward No-13, Sripadganj, Baripada Town, Dist.: Mayurbhanj, Odisha Pin-757001, declared by this Affidavit No.1235/2025, Dated: 18.10.2025. That now onwards I shall be known as **BIJAY KESHARI BEHERA** for all future Purposes.

**AFFIDAVIT**

I, Shyam Sundar Mohanty, aged about 83 years, S/o- Nanda Mohanty, resident of At-East Nabara Near Matha, Ps- Singla, Dist-Baleswar, Pin- 756081, Odisha declared by this affidavit No. 2148, dtd-21/10/2025 that now onwards I shall be known as **SHYAMASUNDAR MOHANTY** for all future purposes.

**AFFIDAVIT**

I, Jamil Moulabi, aged about 45 years, S/o- Salim Mohammed, resident of Khaja Street, 2nd Lane, Berhampur, Dist- Ganjam, PIN-760001, Odisha declared by this affidavit No. 2147, dtd-21/10/2025 that now onwards I shall be known as **JAMIL AHEMMAD** for all future purposes.

**AFFIDAVIT**

By virtue of an affidavit before the Notary Public, Sukinda, Jajpur Road, Jajpur, I, Alinbindu Routray, S/o- Rajat Kumar Rout and Nirupama Rout, At-Kopanda, P.O./P.S.- Jajpur Road, Dist.- Jajpur, do hereby declare that my name has been recorded as Alinbindu Routray in my Aadhar Card, Voter ID Card, PAN Card but in my educational certificates, my name recorded as Alinbindu Routaray, S/o- Rajat Kumar Routaray and Nirupama Routaray. That both names are one and the same person.

**AFFIDAVIT**

I, Bikash Kumar Mohanty, aged about 66 years, S/o- Sapenswar Mohanty, resident of Tarang Sagar Pur, PO- Tarang Sagar Pur, PS- Mangalpur, Dist- Jajpur, PIN- 755006, Odisha declared by this affidavit No. 2145, dtd-21/10/2025 that now onwards I shall be known as **BIKASH CHANDRA MOHANTY** for all future purposes.

**AFFIDAVIT**

I 6506571H, Rank SEP Mukesh Chandra Behera of 876 AT Coy ASC(GS/MA) my father's name changed from Kartik Chandra Behera to Kartika Chandra Behera. By virtue of an affidavit sworn before Executive magistrate, Soro, Balasore, Odisha on 18.10.2025.

**ଡକ୍ୟୁମେଣ୍ଟ ହଜିଛି**

ମୁଁ ଡାକ୍ତର ରମାକାନ୍ତ ନାୟକ, ବାପା-କଣ୍ଡୁରୀ ଚରଣ ନାୟକ, ଗ୍ରାମ/ପୋଷ୍ଟ- ବଡ଼ପାରି, ଥାନା-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଜଣାଉଅଛି ଯେ, ୦୯/୧୦/୨୫ ତାରିଖ ସକାଳେ ମୁଁ ବାଣପୁର କଲେଜ ରୋଡ୍ ରୁ ମେଡିକାଲକୁ ଆସୁଥିବା ସମୟରେ କେଉଁଠି ମୋ ବ୍ୟାଗ ହଜି ଯାଇଛି। ସେହି ବ୍ୟାଗରେ ଥିବା ରାଜକିଶୋର ନାଥଙ୍କ ନାମରେ ଥିବା ମୋ ଲିଙ୍କ ମୂଳ ସେଲଡିଡ୍ ନଂ-୧୫୮୦, ତାରିଖ- ୨୫.୭.୧୯୮୩, ତା ସହିତ ମୋ ନାମରେ ଥିବା ଆରଓଆର ଖାତା ନଂ- ୧୦୧୫, ପ୍ଲଟ୍‌ନଂ- ୬୬୧ ଏବଂ ମୋ ସମ୍ପତ୍ତି ଖାତା ନଂ- ୧୨୬୨/ ୩୩୪, ପ୍ଲଟ୍ ନଂ-୬୬୧ ଏବଂ ୬୬୧/୩୬୮୩, ମୌଜା- କନ୍ଦନୁଆଗଡ, ତହସିଲ- ରଣପୁର, ଜିଲ୍ଲା-ନୟାଗଡ଼ ହଜି ଯାଇଛି। ଏନେଇ ବାଣପୁର ଥାନାରେ ଷ୍ଟେସନ୍ ଡାଏରୀ ନଂ-୦୧୫, ତାରିଖ- ୦୯/୧୦/୨୦୨୫, ସମୟ- ୮:୪୩ମି. ସମୟରେ ଅଭିଯୋଗ ହୋଇ ମାମଲା ପଞ୍ଜିକୃତ ହୋଇଛି। ମୁଁ ଡାକ୍ତର ରାମକାନ୍ତ ନାୟକ, ବାପା- କଣ୍ଡୁରୀ ଚରଣ ନାୟକ, ମୋବାଇଲ ନଂ- ୯୪୩୮୩୧୦୯୩୪, ବ୍ୟକ୍ତିଗତ ବ୍ୟବହାର ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଣପୁର ଶାଖା କୋଡ୍ ନଂ-୧୨୦୨୯ ରୁ ଋଣ ସୁବିଧା ପାଇଁ ଉକ୍ତ ସମ୍ପତ୍ତି ଉପରେ ଚାର୍ଜ ଭିଜ୍ ବନ୍ଧକ ସୃଷ୍ଟି କରିବାକୁ ଚାହୁଁଛି।

**AFFIDAVIT**

BY virtue of an affidavit sworn before the Executive Magistrate, Panposh, Rourkela, No. A/20, dated 20/03/2025, I Deelip Kumar Sahoo father of SAISHREE STHITAPRAJNA of A/79, Sector -15, Rourkela declare that I have changed the name of my son from "SAISHREE SHASHWOTA STHITAPRAJNYA" to SAISHREE STHITAPRAJNA". Henceforth, he shall be known as **SAISHREE STHITAPRAJNA** for all purposes.

**AFFIDAVIT**

I, MIR Mahemuddin, aged about 68 years, S/o- MIR Isumuddin, resident of Plot No. 90, MIR Mahalla, Jadupur, PO- Dumuduma H.B Colony, Bhubaneswar, Dist- Khurda, PIN- 751019, Odisha declared by this affidavit No. 2146, dtd-21/10/2025 that now onwards I shall be known as **MIR MAHEEMUDDIN** for all future purposes.

**ନାମ ପରିବର୍ତ୍ତନ**

ମୁଁ ଶ୍ରୀମତୀ ଅନ୍ନପୂର୍ଣ୍ଣା ସେଠୀ, ବୟସ ୪୪ବର୍ଷ, ସ୍ୱା-ଅଜୟ ସେଠୀ, ଗ୍ରାମ/ପୋ-ନାଲଗୁଣ୍ଡା, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ଏହିକି ମୋର ଭୋଟର ପରିଚୟପତ୍ର, ବ୍ୟାଙ୍କ ପାସ୍ ବହି ଓ ଆଧାର କାର୍ଡ଼ରେ ମୋର ନାମ ଅନ୍ନପୂର୍ଣ୍ଣା ସେଠୀ ଉଲ୍ଲେଖ ଥାଇ ଏଲ୍‌ଆଇସି ପଲିସି ବଣ୍ଡ ନଂ- **597931754** ରେ ମୋର ନାମ ଅନ୍ନପୂର୍ଣ୍ଣା ସେଠୀ ପରିବର୍ତ୍ତେ ପାର୍ବତୀ ସେଠୀ (ମୂଳ ସାର୍ଟିଫିକେଟ୍ ଅନୁଯାୟୀ) ବୋଲି ଉଲ୍ଲେଖ ଅଛି । ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଚାନ୍ଦବାଲିଙ୍କ ନିକଟରେ ଏଫିଡାଭିଡ୍ ନଂ**-6680**, ତା- **14/10/2025** ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ସେଠୀ, ସ୍ୱା-ଅଜୟ ସେଠୀ, ନାମରେ ପରିଚିତ ହେବି ।

**AFFIDAVIT**

I, Atulya Kumar Das, aged about 52 years, S/o- Brundaban Das, resident of Plot No. 818/5975, Jagamara, PS- Khandagiri, Bhubaneswar, Dist- Khordha, PIN- 751030, Odisha declared by this affidavit No. 2141, dtd-20/10/2025 that now onwards I shall be known as **ATULYA DAS** for all future purposes.

**AFFIDAVIT**

I, Sanjay Kumar Agrawal, aged about 47 years, S/o- Nawal Kishore Agrawal, resident of Jay Bharat Chowk, Radharani Para, Po- Balangir, Ps- Town Bolangir, Dist- Balangir, Odisha, Pin- 767001, declare by this affidavit No. 2144, dtd- 19/10/2025, that now onwards I shall be known as **SANJAY AGRAWAL** for all future purposes.

**AFFIDAVIT**

I, Mohammed Majid Usman, aged about 61 years, S/o- Mohammed Usman, resident of Mangali Street, Kotpad, Po- Kotpad, Ps- Kotpad, Dist- Koraput, Odisha, PIN- 764058 declare by this affidavit No. 2143, dtd- 19/10/2025, that now onwards I shall be known as **ABADUL MAJID** for all future purposes

**AFFIDAVIT**

I, Priyanka Priyadarshni Panda, W/o- Debasish Nanda, Resident of At/PO: Tentulipada, Sub-Dist.: Tritol, Dist.: Jagatsinghpur, Odisha, PIN- 754136, declared by this Affidavit No.: 1195/2025 Dated: 15.10.2025. That now onwards I shall be known as PRIYANKA PRIYADARSHINI PANDA for all future Purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସୂଚନା ଦିଆଯାଉଛି ଯେ ଶ୍ରୀ ନିର୍ମଳ କୁମାର ପୃଷ୍ଟି (ଏଠାରେ ପରେ ଉଲ୍ଲେଖିତ ମୋର୍ଗେଜର୍ସ/ଋଣଗ୍ରହିତା ଭାବରେ) IDFC ଫାର୍ଷ୍ଟ ବ୍ୟାଙ୍କ ଲିମିଟେଡର ଗ୍ରାହକମାନଙ୍କ ସପକ୍ଷରେ ଉପରୋକ୍ତ ସମ୍ପତ୍ତିର ଅଧିକ ବିବରଣୀ ସହିତ ବନ୍ଧକ (mortgage) ସୃଷ୍ଟି କରିଛନ୍ତି। IDFC ଫାର୍ଷ୍ଟ ବ୍ୟାଙ୍କ ଲିମିଟେଡ୍, ଜୟପୁର ଶାଖା, IDFC ଫାର୍ଷ୍ଟ ବ୍ୟାଙ୍କ ଲିମିଟେଡ୍, ପ୍ରଥମ ମହଲା, ୧୨୨/୧, ଏମ.ଜି. ରୋଡ୍, ଜୟପୁର, ପିନ-୭୬୪୦୦୧, ଜିଲ୍ଲା-କୋରାପୁଟ। ମୋର୍ଗେଜର୍ସଙ୍କ ମୂଳ ଦଲିଲ୍ ଏବଂ ଆରଓଆର୍ (ROR) ଦସ୍ତାବିଜ ଅନୁଯାୟୀ ଯଥାକ୍ରମେ ୨୪.୦୮.୧୯୮୭ ତାରିଖର ପଞ୍ଜୀକରଣ ସଂଖ୍ୟା: ୨୧୪୪/୧୯୮୭ ଏବଂ ଲିଙ୍କ୍ ଆରଓଆର୍ (ROR) ଖାତା ସଂ ୭୫/୬୨ ବାଲି ଖୋରା ଏବଂ ଖାତା ସଂ ୭୫/୮୬ରେ ଜି.ଶ୍ରୀନିବାସ ରାଓଙ୍କ ନାମରେ ଥିବା ଏବଂ ଅଗଷ୍ଟ ୨୦୨୫ରୁ ହଜିଯାଇଛି/ଭୁଲ୍ ସ୍ଥାନରେ ରଖାଯାଇଛି ଏବଂ ଏହା ଖୋଜିବା ପାଇଁ ଟ୍ରେସ୍ ହୋଇପାରୁ ନାହିଁ।

ଯଦି ଉପରୋକ୍ତ ମୂଳ ଦଲିଲ୍ ଏବଂ ଆରଓଆର୍ (ROR) ଦସ୍ତାବିଜ୍ କୌଣସି ବ୍ୟକ୍ତି, କୌଣସି ସଂସ୍ଥା କିମ୍ବା ଅନ୍ୟ କୌଣସି ବ୍ୟକ୍ତିବିଶେଷ ଦ୍ୱାରା ଏଠାରେ ଉଲ୍ଲେଖ କରାଯାଇଥିବା ଠିକଣାରେ ମିଳିଥାଏ, ତେବେ ତାହା ତୁରନ୍ତ ହସ୍ତାନ୍ତର କରିଦିଆଯିବ। ପୁନଶ୍ଚ, ବିକ୍ରୟ, ଲିଜ୍, ଲିଏନ୍, ମୋର୍ଗେଜ୍, ଚାର୍ଜ, ଏନକମ୍ବ୍ରାନ୍ସ, ଉପହାର, ଇଜ୍‌ମେଣ୍ଟ, ରକ୍ଷଣାବେକ୍ଷଣ, ଉତ୍ତରାଧିକାରୀ, ଓସିୟତନାମା ଜମା କିମ୍ବା ଅନ୍ୟ କୌଣସି ପ୍ରକାରେ ଉପରୋକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ଦାବି କିମ୍ବା ଆପତ୍ତି ଉଠାଉଥିବା କୌଣସି ବ୍ୟକ୍ତି, ବ୍ୟକ୍ତିବିଶେଷ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନ ଏହି ପ୍ରକାଶନର ୧୪ ଦିନ ମଧ୍ୟରେ ତାହାଙ୍କ ଦଖଲରେ ଥିବା ସମସ୍ତ ଡକ୍ୟୁମେଣ୍ଟ ସହିତ ତଳେ ଦସ୍ତଖତକାରୀଙ୍କୁ ଯୋଗାଯୋଗ କରିବା ଉଚିତ୍। ଉକ୍ତ ସମୟ ମଧ୍ୟରେ ସମର୍ଥନକାରୀ ଡକ୍ୟୁମେଣ୍ଟ ସହିତ ଯୋଗାଯୋଗ କରିବାରେ ବିଫଳ ହେଲେ, ସେପରି ବ୍ୟକ୍ତିଙ୍କ ସମସ୍ତ ଦାବି ପ୍ରତ୍ୟାହାର କରାଯାଇଛି ବୋଲି ବିବେଚନା କରାଯିବ କିମ୍ବା ଛାଡି ଦିଆଯାଇଛି ବୋଲି ଧରାଯିବ। ୧୪ ଦିନ ସମାପ୍ତ ହେବା ପରେ କୌଣସି ଆପତ୍ତି ସମ୍ପତ୍ତି କିମ୍ବା ଆମ ଗ୍ରାହକଙ୍କ ଉପରେ ବାଧ୍ୟତାମୂଳକ ହେବ ନାହିଁ।

ଉପରୋକ୍ତ ଉଲ୍ଲେଖିତ ସିଡ୍ୟୁଲ୍ (ସମ୍ପତ୍ତିର ବିସ୍ତୃତ ବିବରଣୀ) ଖାତା ସଂ ୭୫/୩୪୫ ପ୍ଲଟ୍ ସଂ ୪୪/୧/୭୪୭ ଏବଂ ଖାତା ସଂ ୭୫/୪୨୦ ପ୍ଲଟ୍ ସଂ ୪୪/୧/୫୭୪ ମୌଜା-ସାକାଇ, ତହସିଲ-ମାଛକୁଣ୍ଡ, ଜିଲ୍ଲା-କୋରାପୁଟ।

ସ୍ଥାନ: ଜୟପୁର, ତାରିଖ ୧୮ ଅକ୍ଟୋବର ୨୦୨୫

ନାମ ଏବଂ ଆଡଭୋକେଟ୍ ପ୍ୟାନେଲର ଠିକଣା

ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା, ମୋ.: ୯୪୩୭୨୩୪୨୬୪

ମେନ୍ ରୋଡ୍, ଜୟପୁର, କୋରାପୁଟ, ୭୬୪୦୦୧

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/79, ତା.16.10.2025ରିଖ

(1) ଟେଣ୍ଡର ସଂ. e-TenderSouthKUR-260-2025, ତା.07.10.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way)/କାଲୁପଡ଼ାଘାଟ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ଠାରୁ ବାଲୁଗାଁ ମଧ୍ୟରେ କି.ମି. 457.200 ଠାରୁ 515.00 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 125.69 ଲକ୍ଷ, EMD : ₹ 2,12,900/-

(2) ଟେଣ୍ଡର ସଂ. e-TenderSouthKUR-259-2025, ତା.07.10.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ) ପରିସୀମା ଅଧୀନରେ ଷ୍ଟିଲ ଚ୍ୟାନେଲ୍ ସ୍ଲିପର ସହିତ ଆଲାଇନମେଣ୍ଟ ରିଟେନର୍ସ ଏବଂ TOPI ନଟ୍ ଲଗାଇବା ସହ ଗର୍ଡର ବ୍ରିଜ୍‌ଗୁଡ଼ିକରେ ଟ୍ରାକ୍‌ର ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 201.18 ଲକ୍ଷ, EMD : ₹ 2,50,600/-

(3) ଟେଣ୍ଡର ସଂ. e-TenderSouthKUR-256-2025, ତା.07.10.2025ରିଖ

ବିବରଣୀ : "ଖୋର୍ଦ୍ଧା ରୋଡ୍ ମଣ୍ଡଳର ପଲାସା ଷ୍ଟେସନର ଡାଉନ୍ ଲାଇନ୍ ପାର୍ଶ୍ୱରେ ହାଇ ଲେଭେଲ ଯାତ୍ରୀ ପ୍ଲାଟଫର୍ମ ସହିତ ଏକ ଅତିରିକ୍ତ ଲାଇନର ବ୍ୟବସ୍ଥା" ସମ୍ବନ୍ଧୀୟ P.WAY ଲିଙ୍କିଂ କାର୍ଯ୍ୟ ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 113.67 ଲକ୍ଷ, EMD : ₹ 2,06,800/-

(4) ଟେଣ୍ଡର ସଂ. eTender-HqKUR-258-2025, ତା.07.10.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନର ବିଭିନ୍ନ ୟାର୍ଡଗୁଡ଼ିକରେ 7.977 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 257.90 ଲକ୍ଷ, EMD : ₹ 2,79,000/-

(5) ଟେଣ୍ଡର ସଂ. eTender-hq-kur-257-2025, ତା.08.10.2025ରିଖ

ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) / ଖୋର୍ଦ୍ଧା ରୋଡ୍ ଅଧିକାର ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ସେଟେଲମେଣ୍ଟ ଠାରେ ନୂଆ ଷ୍ଟାଫ କ୍ୱାର୍ଟର (08 ୟୁନିଟ୍ ଟାଇପ୍-II)ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 257.90 ଲକ୍ଷ, EMD : ₹ 2,95,800/-

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.10.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-700/Q/25-26





# ରାଜଧାନୀରେ କାଳୀପୂଜା


କଟକରୋଡ ବ୍ୟବସାୟୀ ସଂଘ


କଟକରୋଡ ରିଫ୍ୟୁଜି କଲୋନି


କଟକରୋଡ ସେନଗୁପ୍ତା ଫାମିଲି


ଇଷ୍ଟକୋଷ୍ଟ ରେଲୱେ



ଝରପଡ଼ା


ଲକ୍ଷ୍ମୀସାଗର ବେଙ୍ଗଲି କଲୋନି


ସହିଦ ନଗର


ସତ୍ୟନଗର


ଷ୍ଟେସନରୋଡ ବଜାର


ଭିଏସ୍ଏସ୍ ନଗର

## ବିଜେଡି ପକ୍ଷରୁ କେଦାରନାଥଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୨୧।୧୦(ସମିସ): କେଦାରନାଥ ମହାପାତ୍ର ଥିଲେ ଜଣେ ପ୍ରସିଦ୍ଧ ଗବେଷକ। ସେ ଥିଲେ ଏକଧାରାରେ ଜଣେ ଐତିହାସିକ, ସାହିତ୍ୟିକ, ଗାଣିତିକ ତଥା ଏକ ବିରଳ ସର୍ବେକ୍ଷଣବିତ୍ ବୋଲି ମଙ୍ଗଳବାର ତାଙ୍କର ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ବିନ୍ଦୁସାଗର ନିକଟରେ ଅବସ୍ଥିତ ପୂର୍ଣାବୟବ ପ୍ରତିମୂର୍ତ୍ତିସ୍ଥଳରେ ପାଳନ କରାଯାଇଛି। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ଭୋଳନାଥ ମହାପାତ୍ର, ଉମେଶ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ଗୀତା ବିଶ୍ୱାସ, ଋଷିକେଶ ବେହେରା, ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ।

## ‘ଆଳି ଇତିହାସ’ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୨୧।୧୦(ସମିସ):ଭାରତୀୟ ଜାତୀୟ କଳା ଓ ସାଂସ୍କୃତିକ ଐତିହ୍ୟ ନ୍ୟାସ(ଇନଟାକ୍) ତଥା ସାମାଜିକ ସଂଗଠନ ପ୍ରମିଳା ସେବା ସଂସ୍ଥାନ ପକ୍ଷରୁ ଏତିହାସିକ ପୁସ୍ତକ ‘ଆଳି ଇତିହାସ’ ଲୋକାର୍ପିତ ହୋଇଯାଇଛି। ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଥାକାର ଗୌରହରି ଦାସ ପୁସ୍ତକକୁ ଉନ୍ମୋଚନ କରିଥିଲେ। ପୁସ୍ତକଟିର ସମୀକ୍ଷା କରିଥିଲେ ଐତିହାସିକ ଡ. ଲଲାଟେନ୍ଦୁ ଦାସମହାପାତ୍ର। ଐତିହାସିକ ବିଶାରଦ ଅନୀଲ ଧୀର ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଇନଟ୍ୟାକ୍‌ର ଓଡ଼ିଶା ରାଜ୍ୟ ଆବାହକ ଡ. ବିଶ୍ୱଜିତ୍ ମହାନ୍ତି ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଗବେଷକ ଗୋଲକ ବିହାରୀ ସିଂହ ଲେଖକୀୟ ଅଭିବ୍ୟକ୍ତ ପ୍ରଦାନ କରିଥିଲେ। ଅନୁଷ୍ଠାନର ଭୁବନେଶ୍ୱର ଚାପ୍ଟର କର୍ମକର୍ତ୍ତା ପ୍ରଫେସର ଡ. ଆଦ୍ୟାଶା ଦାସ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅନୁଷ୍ଠାନର ଆଜୀବନ ସଦସ୍ୟ ସୁବାସ ଚନ୍ଦ୍ର ରଥ, ପ୍ରମିଳା ସେବା ସଂସ୍ଥାନର ଗୁଣଧର ସାମଲ, ଶୈଳେନ୍ଦ୍ର ଛାଟୋଇ, ଡ. ପୁଷ୍ପଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରାମକୃଷ୍ଣ ମଠରେ କାଳୀପୂଜା



ଭୁବନେଶ୍ୱର, ୨୧।୧୦(ସମିସ): ରାମକୃଷ୍ଣ ମଠରେ ମା’ କାଳୀଙ୍କ ପ୍ରତିମାରେ ଷୋଡ଼ଶ ଉପଚାରରେ ପୂଜା ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ମଠ ପ୍ରାଙ୍ଗଣକୁ ଦୀପ, ପୁଷ୍ପ ଓ ଆଲୋକରେ ସଜ୍ଜା ଯାଇଥିଲା। ରାତିର ପ୍ରଥମ ପ୍ରହରରେ ପୂଜା ଆରମ୍ଭ ହୋଇ ଭୋର ପର୍ଯ୍ୟନ୍ତ ଚାଲିଥିବା ବେଳେ ଭଦ୍ରକର କୋଠାରରେ ଥିବା ଆଶ୍ରମର ସନ୍ନ୍ୟାସୀ ସ୍ୱାମୀ ବସୁପ୍ରଦାନନ୍ଦଙ୍କ ଦ୍ୱାରା ଭକ୍ତି ଓ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ସର୍ବମଙ୍ଗଳାନନ୍ଦ ତନ୍ତ୍ରଧାରକ ହୋଇଥିବା ବେଳେ ସ୍ୱାମୀ ଶିବାଧାନାନନ୍ଦ ସହଯୋଗ କରିଥିଲେ। ଏହି ଅବସରରେ ଶିଳ୍ପୀଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ଓ ମାତୃ ସଙ୍ଗୀତ ପରିବେଷଣ ହୋଇଥିଲା। ମଠର ସନ୍ନ୍ୟାସୀ ଓ ଅନେକ ଭକ୍ତ ମା’ କାଳୀଙ୍କ ଦର୍ଶନ ନକରିଥିଲେ। ଭୋରବେଳା ପୂଜା ଓ ହୋମ ସମାପ୍ତ ହେବା ପରେ ପ୍ରସାଦ ବିତରଣ କରାଯାଇଥିଲା। ମଙ୍ଗଳବାର ମା’ କାଳୀଙ୍କ ପ୍ରତିମା ବିସର୍ଜନ ରାଯାଇଛି। ତେବେ ମଠ ତିଆରି ହେବା ଦିନରୁ ଶାନ୍ତି, ଭକ୍ତି ଓ ଆଧ୍ୟାତ୍ମିକ ତୃପ୍ତି ସହିତ ମା’ କାଳୀଙ୍କ ପୂଜା ପ୍ରତିବର୍ଷ ପାଳନ ହୋଇଆସୁଥିବା ମଠର ଅଧ୍ୟକ୍ଷ ଆତ୍ମପ୍ରଭାନନ୍ଦଜୀ କହିଛନ୍ତି।

## ଆନନ୍ଦ ମାର୍ଗ ପକ୍ଷରୁ ଆନ୍ତର୍ଜାତିକ ଧଳାବାଡ଼ି ଦିବସ

ଭୁବନେଶ୍ୱର, ୨୧।୧୦(ସମିସ): ଆନନ୍ଦ ମାର୍ଗ ଏକାଡେମୀ ଅଫ୍ ଲାଇଟ୍ ବା ଅମଲ ପକ୍ଷରୁ ଭୁବନେଶ୍ୱରରେ ଆନ୍ତର୍ଜାତିକ ହ୍ୱାଇଟ କେନ୍ ଦିବସ ପାଳନ ହୋଇଛି। ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ଅଧିକାର, ସମ୍ମାନ ଓ ସ୍ୱାଧୀନତା ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କାର୍ଯକ୍ରମର ମୁଖ୍ୟ ପ୍ରସଙ୍ଗ ରଖାଯାଇଥିଲା। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ପ୍ରାୟ ୧୫୦ରୁ ଅଧିକ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେମାନେ ରାଜମହଲ ଛକରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ନିଜ ଧଳା ବାଡ଼ିକୁ ସ୍ୱାଧୀନତା, ସ୍ୱାଭିମାନ ଓ ସାହସର ପ୍ରତୀକ ଭାବେ ବର୍ଣ୍ଣନା କରିଥଲେ। ପରେ ରାଜ୍ୟ ସଂଗ୍ରହାଳୟ ଅଡିଟୋରିୟମରେ ଏକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଟେଲି ଅଭିନେତ୍ରୀ ଅଙ୍କିତା ସ୍ୱାଇଁଙ୍କ ପରିଚାଳନାରେ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଶିକ୍ଷୟତ୍ରୀ ଆନନ୍ଦ ମଞ୍ଜରୀ, ମୁଖ୍ୟବକ୍ତା ଭାବେ ମହାରାଷ୍ଟ୍ରର ଦୃଷ୍ଟି ବାଧିତ ଇଂଜିନିୟର ଶେଖର ମଞ୍ଜୁଲକର, ସମ୍ମାନୀତ ଅତିଥି ଭାବେ ସମାଜସେବୀ କାହ୍ନୁ ଚରଣ ବେହୁରା ଯୋଗ ଦେଇଥିଲେ। ଅମଲ୍ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷା ଇନ୍ଦ୍ରାଣୀ ସଙ୍ଗାରୀ ଏବଂ କୋଷାଧ୍ୟକ୍ଷ ରାଜଶ୍ରୀ ବିଶ୍ୱାଳ ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯକ୍ରମରେ ଅଂଶ ଗ୍ରହଣ କରିଥିବା ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଅମଲ୍ ତରଫରୁ ଧଳା ବାଡ଼ି ପ୍ରଦାନ କରାଯାଇଥିଲା।



## ଭାଇଚାରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିଆରା ଦୀପାବଳି

ଭୁବନେଶ୍ୱର, ୨୧।୧୦(ସମିସ): ଆଲୋକର ପର୍ବ ଦୀପାବଳିକୁ ସବୁଠି ଧୁମଧାମ୍‌ରେ ପାଳନ କରାଯାଉଥିବାବେଳେ, କସମୋପଲିସସ୍ଥିତ ଭାଇଚାରା ଚାରିଟେବଲ ଟ୍ରଷ୍ଟ ଏକ ନିଆରା ଢଙ୍ଗରେ ଦୀପାବଳିକୁ ପାଳନ କରିଛି। କୋଲଥିଆସ୍ଥିତ ଜୀବନଜ୍ୟୋତି ଆଶ୍ରମରେ ଅନ୍ତେବାସୀଙ୍କ ସହ ସାମିଲ ହୋଇ ଏହି ଖୁସିର ଉତ୍ସବକୁ ଆଶ୍ରମ ପରିସରରେ ପିଲାମାନଙ୍କ ସହିତ ପାଳନ କରିଛନ୍ତି। ଏହି ଅବସରରେ ସଂଗଠନର ସଦସ୍ୟମାନେ ପିଲାମାନଙ୍କୁ ଖାତା, ପେନ୍, ପେନ୍‌ସିଲ, ବାଣ ସମେତ ବିସ୍କୁଟ ଏବଂ ମିଠା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଉମେଶ ଚନ୍ଦ୍ର ପ୍ରଧାନ, କୋଶାଧକ୍ଷ୍ୟ ଅଜୟ ପ୍ରଧାନ, ସୋମ୍ୟ ରଞ୍ଜନ ମିଶ୍ର, ଆଶିଷ ପଲାଇ, ସ୍ୱରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଓଇଏସ୍ ପରିବେଶ ପୁରସ୍କାର ଘୋଷିତ

ଭୁବନେଶ୍ୱର, ୨୧।୧୦(ସମିସ): ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ଆସନ୍ତା ୨୫ତାରିଖରେ ଏହାର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହେବ। ଏହି ଅବସରରେ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଓଇଏସ୍‌ର କାର୍ଯ୍ୟନିର୍ବାହୀ କମିଟି ଏହାର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗୃହୀତ ନିଷ୍ପତ୍ତିରେ ଦର୍ଶାଇଛନ୍ତି ଯେ ଓୟୁଟିଆର୍‌ର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବି ସୀତାରାମ ପାତ୍ରଙ୍କୁ ତାଙ୍କର ସାମଗ୍ରିକ ଅବଦାନ ନିମନ୍ତେ ‘ଆଜୀବନ କୃତି ପୁରସ୍କାର’ ପ୍ରଦାନ କରାଯିବ। ଭାରତ ସରକାରଙ୍କର ପାଣିପାଗ ବିଭାଗ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ତଥା ଅଧୁନା ସୋଆ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଡ. ଶରତ ଚନ୍ଦ୍ର ସାହୁଙ୍କୁ ‘ପରିବେଶ ଉତ୍କର୍ଷତା ପୁରସ୍କାର’ରେ ଏବଂ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଶିକ୍ଷା ଅଧିକାରୀ ଏବଂ ବିଜ୍ଞାନ ଲେଖକ ନିକୁଞ୍ଜ ବିହାରୀ ସାହୁ ‘ଜନପ୍ରିୟ ପରିବେଶ ଏବଂ ବିଜ୍ଞାନ ପୁରସ୍କାର’ପ୍ରଦାନ କରାଯିବ। ଏହିପରି ପ୍ରମେୟ ଖବରକାଗଜର ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ରଙ୍କୁ ‘ପରିବେଶ ସମ୍ବାଦରେ ଉତ୍କର୍ଷତା ପୁରସ୍କାର’ ଏବଂ ଜଗତସିଂହପୁରସ୍ଥ ଇନସାଫ୍ ସଂସ୍ଥାର ବୈଷୟିକ ଉପଦେଷ୍ଟା ଉତ୍କଳ ରଞ୍ଜନ ମହାନ୍ତିଙ୍କୁ ‘ପ୍ରକୃତି ସଂରକ୍ଷଣ ପୁରସ୍କାର’ ପ୍ରଦାନ କରାଯିବ। ଏଥିସହ କେତେକଙ୍କୁ ‘ଓଇଏସ୍ ଫେଲୋ’ ଉପାଧି ଏବଂ ‘ଓଇଏସ୍ ପୃଷ୍ଠପୋଷକ’ ମାନ୍ୟତା ପ୍ରଦାନ କରାଯିବ। ଏହି ଅବସରରେ ଓଇଏସ୍‌ର ପାଞ୍ଚ ଜଣ ବରିଷ୍ଠ ଆଜୀବନ ସଦସ୍ୟଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୋଲିସ ଡିଜି ଏବଂ ଓପିଏସ୍‌ସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ଯୋଗଦାନ କରିବେ। ୟୁଏନଡ଼ିପିର ଓଡ଼ିଶା କାର୍ଯ୍ୟାଳୟ ମୁଖ୍ୟ ଆଭା ମିଶ୍ର ମୁଖ୍ୟବକ୍ତା ରୂପେ ‘ପ୍ରସନ୍ନ କୁମାର ଦାଶ ସ୍ମାରକୀ ବକ୍ତୃତା’ ପ୍ରଦାନ କରିବେ। ଏନେଇ ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଏହା ଜଣାଇଛନ୍ତି।

### ଖାଉଟିଙ୍କ ଉପରେ ଦରବୃଦ୍ଧି ମାଡ଼

# କାର୍ତ୍ତିକରେ ବି ଉପରମୁହାଁ ଆମିଷ ଦର



**ପରିବା ଦର ଶୁଣି ମୁହଁ ଫେରାଉଛନ୍ତି ଗ୍ରାହକ**

ଭୁବନେଶ୍ୱର, ୨୧।୧୦(ସମିସ): କାର୍ତ୍ତିକରେ ବି ଉପରମୁହାଁ ହୋଇଛି ଆମିଷ ଦର। ସାଧାରଣତଃ ଧର୍ମର ମାସ କାର୍ତ୍ତିକ ମାସରେ ଅଧିକାଂଶ ଲୋକେ ଆମିଷ ଖାଉ ନ ଥିବାରୁ ସାଧାରଣତଃ ଆମିଷ ଦର କମିଥାଏ। ହେଲେ ବର୍ତ୍ତମାନ ଆମିଷ ଦର କମିବା ବଦଳରେ କିଲୋ ପିଛା ୨୦ରୁ ୩୦ ଟଙ୍କା ବୃଦ୍ଧି ପାଇଛି। ଅନ୍ୟପଟେ ପରିବା ଦର ମଧ୍ୟ କିଛି କମ ନାହିଁ।


ସାଧାରଣତଃ କାର୍ତ୍ତିକ ମାସ ଆରମ୍ଭରୁ ବଢ଼ିଚାଲେ ବିଭିନ୍ନ ପରିବା ଦର। ଏହି ମାସକୁ ହବିଷ୍ୟାଳିମାନେ ନିରାଡ଼ମ୍ବର ଭାବେ ପାଳନ କରୁଥିବା ବେଳେ ଧର୍ମାନୁଷ୍ଠାନ, ମଠ ମନ୍ଦିରରେ ସାଧାରଣ ଲୋକଙ୍କ ପାଇଁ ସାତ୍ତ୍ୱିକ ଖାଦ୍ୟ ପରଷା ଯାଇଥାଏ। ଏମିତିକି ଅଧିକାଂଶ ପରିବାର ମଧ୍ୟ ବିନା ପିଆଜ ରସୁଣରେ ପ୍ରସ୍ତୁତ ଖାଦ୍ୟ ଖାଇଥାନ୍ତି। ଫଳରେ ପରିବା ଉପରେ ଅଧିକ ମାଡ଼ ହେଉଥିବାରୁ ପରିବା ଦର ବୃଦ୍ଧି ପାଇଥାଏ ଏବଂ ଆମିଷର ଦର କମିଥାଏ। କିନ୍ତୁ ଚଳିତ ବର୍ଷ ଆମିଷ ଦର କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଆନ୍ଧ୍ରା ରୋହି ମାଛ କିଲୋ ପିଛା ୧୮୦ରୁ ୨୦୦ଟଙ୍କା ରହିଥିବା ବେଳେ ଖୁଚୁରା ବ୍ୟବସାୟୀମାନେ ୨୨୦ଟଙ୍କାରେ ବିକ୍ରି କରୁଛନ୍ତି। ସେହିପରି ଭାକୁର, ଚିଙ୍ଗୁଡ଼ି, ପୋହଳା ଆଦି ମାଛ ମଧ୍ୟ ଚଢ଼ା ଦରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଭୁବନେଶ୍ୱରକୁ ଆନ୍ଧ୍ରରୁ ବିଭିନ୍ନ ପ୍ରକାର ମାଛ ଆମଦାନୀ କରାଯାଉଥିବା ବେଳେ ଚିଲିକା, ବାଲେଶ୍ୱର, ଧାମରା, ପରାଦୀପ ଆଦି ସ୍ଥାନରୁ କଙ୍କଡ଼ା, ଚିଙ୍ଗୁଡ଼ି ଆମଦାନୀ ହୋଇଥାଏ। ସପ୍ତାହରେ ୨ରୁ ୩ଥର ପ୍ରାୟ ୧୦ରୁ ୨୦ଟନ୍ ଆମିଷ ଆସିଥାଏ। ଯାହା ରାଜଧାନୀକୁ ପ୍ରଚୁର ପରିମାଣରେ ଆମିଷ ଯୋଗାଇଥାଏ। ହେଲେ ପୂର୍ବପେକ୍ଷା ଏଥିପାଇଁ ଗମନାଗମନ ବାବଦକୁ ଖର୍ଚ୍ଚ ହେଉଥିବା ଟଙ୍କା ବଢ଼ିଥିବା ଜୟ ଯବାନ ମତ୍ସ୍ୟ ସଂଘ ପକ୍ଷରୁ କୁହାଯାଇଛି। ପୂର୍ବପେକ୍ଷା ଆନ୍ଧ୍ରରେ ମଧ୍ୟ ମାଛ କିଲୋ ପିଛା ୭ରୁ ୮ ଟଙ୍କା ବୃଦ୍ଧି ପାଇଛି। କାରଣ ବିଜୁଳି ବିଲ୍, ବରଫ ଦର, ମାଛ ମାନଙ୍କ ଖାଦ୍ୟରେ ଜିଏସ୍‌ଟି, ପେଟ୍ରୋଲ, ଡିଜେଲ ଆଦି ଦର ବୃଦ୍ଧି ପାଉଥିବାରୁ ଗମନାଗମନ ବାବାଦକୁ ଅଧିକ ଖର୍ଚ୍ଚ ହେଉଛି। ପ୍ରଥମେ ଡିଲର, ହୋଲେସେଲର, ରିଟେଲର ସମସ୍ତେ ନିଜ ନିଜର ଲାଭ ରଖି ଶେଷରେ ଗ୍ରାହକଙ୍କ ପାଖରେ ପହଞ୍ଚିବା ବେଳକୁ ଦର ବଢୁଛି। ତଥାପି ସମସ୍ତଙ୍କ ପାଇଁ ଗୋଟିଏ ଦର ରଖାଯାଇଛି। ଅଧିକାଂଶ ସମୟରେ ରାସ୍ତାକଡ଼ରେ ଅସ୍ଥାୟୀ (ଅଣପଞ୍ଜିକୃତ) ବ୍ୟବସାୟୀ ନିଜ ମନ ମୁତାବକ ଦର ବୃଦ୍ଧି କରୁଥିବା ସଂଘ ପକ୍ଷରୁ କୁହାଯାଇଛି। ସେହିପରି ବ୍ୟବସାୟୀମାନେ ଚିକେନ୍ ପାଇଁ ପିପିଲି ଉପରେ ନିର୍ଭର କରୁଥିବା ବେଳେ ସପ୍ତାହରେ ୨ରୁ ୩ଥର ଛୋଟ ବଡ଼ ଗାଡ଼ିରେ ଭର୍ତ୍ତି ହୋଇ କୁକୁଡ଼ା ଆସିଥାଏ। ତେଲ ଦର ବଢୁଥିବାରୁ ଟ୍ରାନ୍ସପୋର୍ଟ ଖର୍ଚ୍ଚ ଚିକେନ୍ ଦର ବୃଦ୍ଧି ପାଉଛି ବ୍ୟବସାୟୀମାନେ ମତ ଦେଇଛନ୍ତି। ପୂର୍ବ ଅପେକ୍ଷା ପ୍ରତି ଛୋଟ ଗାଡ଼ି ଭଡ଼ା ବାବଦକୁ ୫୦୦ରୁ ୭୦୦ଟଙ୍କା ଏବଂ ବଡ଼ ଗାଡ଼ି ବାବଦକୁ ୧ହଜାରୁ ୧୨ଶହ ଅଧିକ ଦେବାକୁ ପଡୁଛି। ପୂର୍ବରୁ କାର୍ତ୍ତିକ ମାସରେ ଚିକେନ୍ କିଲୋ ପିଛା ୧୪୦ରୁ ୧୫୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ତାହା ୨ଶହ ଟପିଛି ଏବଂ କେତେକ ସ୍ଥାନରେ ୨୬୦ ଟଙ୍କାରେ ବି ବିକ୍ରି ହେଉଥିବା ୟୁନିଟ୍-୪ ଚିକେନ୍ ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ତେବେ ମଟନ୍, ଅଣ୍ଡା ଦର ମଧ୍ୟ ବଢୁଥିବାରୁ ଖାଉଟିମାନେ ଏବେ ଖାଇବା ଚିନ୍ତାରେ।



# ସରକାରୀ ପ୍ରୋତ୍ସାହନରେ ଜବରଦଖଲ

## ଜମିପଟ୍ଟା ନ ଥାଇ ବି ବିଜୁଳି ଓ ପାଣି ସଂଯୋଗ

ଭୁବନେଶ୍ୱର, ୨୧।୧୦ (ସମିସ): ରାଜଧାନୀରେ ହୁ ହୁ ହୋଇ ବଢ଼ିଚାଲିଛି ଜବରଦଖଲ। ପ୍ରତ୍ୟେକଦିନ ସରକାରୀ ଜମିକୁ କବଜା କରାଯାଉଛି। ରାଜଧାନୀରେ ୫୦୦ଏକର ସରକାରୀ ଜମି ଜବରଦଖଲକୁ ଚାଲିଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ଉତ୍ତର ରଖିଥିଲେ। ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ଏବଂ ବସ୍ତି ସଂଖ୍ୟା କମାଇବାକୁ ସରକାରଙ୍କ ପକ୍ଷରୁ ସୁଲଭ ଆବାସ ଯୋଜନା ଆରମ୍ଭ କରାଯାଇ ଲୋକଙ୍କୁ ଘର ପ୍ରଦାନ କରାଗଲା। ହେଲେ ପ୍ରଶାସନିକ ଅବହେଳା ଏବଂ ଢିଲା ପଣ ବସ୍ତି କମାଇବା ଯୋଜନାକୁ ଏକ ପ୍ରକାର ପଙ୍ଗୁ କରି ଦେଉଛି। ଯେଉଁ ଲୋକେ ଅବାସ ଘର ପାଇଲେ ସେମାନେ ଏହାକୁ ଭଡା ଲଗାଇ ପୁଣି ବସ୍ତିକୁ ଚାଲିଆସୁଛନ୍ତି। ଗୋଟିଏ ପଟେ ସରକାରୀ ଅର୍ଥ ବ୍ୟୟ କରାଯାଇ ଘର ନିର୍ମାଣ ହେଲା। ଆଉ ଗୋଟିଏ ପଟେ ବସ୍ତି ଯେପରି ରହିଥିଲା ସେହିପରି ରହିଲା। ବସ୍ତି ସଂଖ୍ୟା ବଢ଼ିଲା ପଛେ କମିଲା ନାହିଁ।



ରାଜଧାନୀର ଏକାଧିକ ସ୍ଥାନରେ ଆବାସ ଯୋଜନାରେ ବସ୍ତିବାସିନ୍ଦାଙ୍କୁ ଘର ମିଳିଛି। ଚନ୍ଦ୍ରଶେଖରପୁର, ମହିଁଷିଆଖାଲ, ଧୀରୁକୁଟି ବସ୍ତି ପ୍ରଭୃତିରେ ସହରାଞ୍ଚଳ ପ୍ରଶାସନ ପକ୍ଷରୁ ଆବାସ ଘର ନିର୍ମାଣ କରାଯାଇଛି। ବସ୍ତିବାସିନ୍ଦାଙ୍କ ମଧ୍ୟରେ ଆବଣ୍ଟନ ପରେ ଏଠାରେ ବହୁଦିନ ହେବ ଲୋକେ ରହୁଛନ୍ତି। ହେଲେ ଅଧିକାଂଶ ବସ୍ତି ବାସିନ୍ଦା ଏହି ଘରକୁ ଭଡାରେ ଲଗାଇ ପୁରୁଣା ବସ୍ତି ଘରେ ଡେରା ପକାଇଛନ୍ତି। କିଛିଦିନ ତଳେ ଚନ୍ଦ୍ରଶେଖରପୁର ସ୍ଥିତ ସୁଲଭ ଗୃହରେ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ବିଏମ୍‌ସି ବିଏମ୍‌ସି ଏକ ସର୍ଭେ କରିଥିଲା। ଏହି ସମୟରେ ୪୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଆବାସ ଘରକୁ ଭଡାରେ ଲଗାଇ ସାଲିଆସାହି ବସ୍ତିରେ ରହୁଥିବା ବିଏମ୍‌ସି ଜାଣିବାକୁ ପାଇଥିଲା। ସେହିପରି ଧିରୁକୁଟି ବସ୍ତିରେ ମଧ୍ୟ ଗତ ବର୍ଷ ବିଏମ୍‌ସି ଛାପା ବେଳେ ବହୁ ସଂଖ୍ୟାରେ ହିତାଧିକାରୀ ନ ଥିଲେ ବହୁସଂଖ୍ୟାରେ ଭଡାଟିଆଙ୍କୁ ଠାବ କରାଯାଇଥିଲା। କଳ୍ପନା ଛକରେ ପଛପଟେ ଥିବା କିଛି ବସ୍ତିବାସିନ୍ଦାଙ୍କୁ ପଣ୍ଡାକୁଦିଆ ଅଞ୍ଚଳରେ ଅବାସ ଘର ପ୍ରଦାନ କରାଯାଇଛି। ହେଲେ ସେମାନେ ମଧ୍ୟରୁ ଅନେକ ଅବାସ ଘର ଭଡା ଲଗାଇ ପୁଣି ବସ୍ତିରେ ରହୁଛନ୍ତି।

ସାଧାରଣ ଲୋକେ ବିଜୁଳି କିମ୍ବା ଜଳ ସଂଯୋଗ ପାଇଁ ଆବେଦନ କଲେ ଜମିପଟ୍ଟା ଅପରିହାର୍ଯ୍ୟ। ଏହି ପ୍ରମାଣପତ୍ର ନ ହେଲେ ଆବେଦନପତ୍ର ଖାରଜ ହୋଇଯାଉଛି। ଯେତେ ଗୁହାରି କଲେ ବି ଏହି ଦୁଇ କାର୍ଯ୍ୟାଳୟର ଅଧିକାରୀ କିଛି ଶୁଣୁ ନ ଥିବା ଅଭିଯୋଗ ହେଉଛି। ହେଲେ କିଛଇ ବସ୍ତିବାସିନ୍ଦାଙ୍କ ପାଖରେ ଜମି ପଟ୍ଟା ଦୂରର କଥା ଆଧାର ବି ନ ଥିଲେ ଚଳି ଯାଉଛି। ବିନା ଜମି ପଟ୍ଟାରେ ସେମାନଙ୍କୁ ବିଜୁଳି ଏବଂ ପାଣିର କନେକ୍ସନ୍ ମିଳିଯାଉଛି। ବସ୍ତି ସହର ପାଇଁ ଏକ ବ୍ୟାଧି ଭାବେ ଉଭା ହୋଇଛି। ମୂଲ୍ୟବାନ ସରକାରୀ ଜମି ଯିବା ସହିତ ବସ୍ତି ଗୁଡ଼ିକ ଅପରାଧୀଙ୍କ ଆଡ୍ଡାରେ ପରିଣତ ହୋଇଛି। ସହରାଞ୍ଚଳ ପ୍ରଶାସନ ନିୟମିତ ଭାବେ ଯାଞ୍ଚ ନ କଲେ ଏବଂ ସରକାରୀ ଜମିକୁ ଜବରଦଖଲମୁକ୍ତ ନକଲେ ପରିସ୍ଥିତି ଅଣାୟତ୍ତ ହୋଇଯିବ ଓ ରାଜଧାନୀରେ ଆଉ ସରକାରୀ ଜମି ରହିବ ନାହିଁ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ଇଭି ଗୋଦାମରେ ଅଗ୍ନିକାଣ୍ଡ



ଭୁବନେଶ୍ୱର, ୨୧।୧୦ (ସମିସ): ନୀଳାଦ୍ରି ବିହାରସ୍ଥିତ ଏକ ଇଭି ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ଇଭି ଟୋଟୋର ବ୍ୟାଟେରୀ ଓ ଅନ୍ୟାନ୍ୟ ସାମଗ୍ରୀ ଜଳି ଯାଇଛି। ସୂଚନା ଅନୁସାରେ, ନୀଳାଦ୍ରି ବିହାର ସେକ୍ଟର ୪ ଅଞ୍ଚଳରେ ଶକ୍ତି ପ୍ରସାଦ ସାହୁଙ୍କର ଏକ ଇଭି ଗୋଦାମ ରହିଛି। ଟିଣରେ ତିଆରି ଏହି ଗୋଦାମରେ ଇଭି ଟୋଟୋ ସମେତ କିଛି ଅବ୍ୟବହୃତ ତାର ଓ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା। ମଙ୍ଗଳବାର ରାତି ପ୍ରାୟ ସାଢେ ୯ଟା ସମୟରେ ହଠାତ୍ ଗୋଦାମରେ ଥିବା ଅବ୍ୟବହୃତ ତାରରେ ନିଆଁ ଲାଗି ଯାଇଥିଲା। ହୁତୁ ହୁତୁ ହୋଇ ନିଆଁ ଜଳିବା ସହ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇ ଯାଇଥିଲା। ଖବରପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀର ୮ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ପ୍ରାୟ ଅଧଘଣ୍ଟାର ଅପରେସନ ପରେ ନିଆଁ ଲିଭି ଥିଲା। ଅଗ୍ନିକାଣ୍ଡରେ ବ୍ୟାଟେରି ଓ କିଛି ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି।

## ଦୀପାବଳି ଅଘଟଣ; ଏସ୍‌ସିବିରେ ୫୦ରୁ ଅଧିକ ଆହତ ଭର୍ତ୍ତି

କଟକ, ୨୧।୧୦(ସମିସ): ଦୀପାବଳିରେ ଘଟିଥିବା ବିଭିନ୍ନ ଅଘଟଣରେ ଆହତ ହୋଇଥିବା ୫୦ରୁ ଅଧିକ ବ୍ୟକ୍ତି ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ସନ୍ଧ୍ୟା ପରଠାରୁ ମଙ୍ଗଳବାର ରାତି ପର୍ଯ୍ୟନ୍ତ ଆହତମାନେ ମେଡିକାଲକୁ କ୍ରମାଗତ ଭାବେ ଆସୁଛନ୍ତି ବୋଲି ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଶ୍ୱଜିତ ମିଶ୍ର ସୂଚନା ଦେଇଛନ୍ତି। ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଅନେକ ଆହତଙ୍କ ହାତ ପୋଡି ହୋଇଛି। ତେବେ ଆହତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ମେଡିକାଲରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶଯ୍ୟା ସଂଖ୍ୟା ବଢ଼ାଇ ଦିଆଯାଇଥିବା ପ୍ରଫେସର ମିଶ୍ର କହିଛନ୍ତି। ପ୍ରକାଶଯୋଗ୍ୟ, ଦୀପାବଳିରେ ବାଣରେ ପୋଡି ହୋଇଥିବା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆହତମାନେ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏଥି ନିମନ୍ତେ ଆଇସିୟୁ ଗୁଡିକ ମଧ୍ୟ ପୂର୍ବରୁ ସଂରକ୍ଷିତ ରଖାଯାଇଥିଲା। ମଙ୍ଗଳବାର ଅପରାହ୍ନ ସୁଦ୍ଧା ମିଳିଥିବା ସୂଚନା ମୁତାବକ ବାଣରେ ପୋଡି ସଙ୍କଟାପନ୍ନ ହୋଇଥିବା ୯ଜଣ ଆହତଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଆଇସିୟୁ ସଙ୍କଟକୁ ନେଇ ମଧ୍ୟ ମେଡିକାଲରେ ଚାପା ଉତ୍ତେଜନା ଦେଖା ଦେଇଛି। କିଛି ରୋଗୀ ଗୁରୁତର ଥିଲେ ସୁଦ୍ଧା ତାଙ୍କୁ ବର୍ଣ୍ଣ ୱାର୍ଡର ସାଧାରଣ ଶଯ୍ୟାରେ ପକାଇ ରଖାଯାଇଛି।

## ଜାତୀୟ ପର୍ଯ୍ୟଟନ ମହୋତ୍ସବରେ 'ଇନ୍ଦ୍ରଜାଲ'



ଭୁବନେଶ୍ୱର, ୨୧।୧୦(ସମିସ): ଦୁଇଦିନ ବ୍ୟାପୀ ଜାତୀୟ ପର୍ଯ୍ୟଟନ ମହୋତ୍ସବ ଅବସରରେ ଭୁବନେଶ୍ୱରର ଯୁଧିଷ୍ଠିର ଥିଏଟର ପକ୍ଷରୁ ବ୍ରହ୍ମପୁରର ଗଞ୍ଜାମ କଳା ପରିଷଦ ପ୍ରେକ୍ଷାଗୃହରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ଇନ୍ଦ୍ରଜାଲ'। ଦୀପିକା ଦାସଙ୍କ ରଚିତ ଓ ଶକ୍ତି ମିଶ୍ରଙ୍କ ସଂଯୋଜନାରେ ମଞ୍ଚସ୍ଥ ନାଟକର ପରିକଳ୍ପନା ଏବଂ ନିର୍ଦ୍ଦେଶନା ଦେଇଥିଲେ ଦେବାନନ୍ଦ ନାୟକ ସୋନୀ। ଏଥିରେ ପ୍ରଦୀପ, ରୀତମ, ସୂର୍ଯ୍ୟ, ସନ୍ତୋଷ, ସୁକାନ୍ତ, ବବୁଲୁ, ସୁବୁଦ୍ଧି ଓ ସୌମ୍ୟା ସୁମନା ଅଭିନୟ କରିଥିଲେ। ନାଟକଟି ଯଦିଓ ଏକ ଟୁରିଷ୍ଟ ଗାଇଡର ପ୍ରେମ କାହାଣୀକୁ ନେଇ ରଚିତ ତଥାପି ଏଥିରେ ଅତି ନିଖୁଣ ଭାବରେ ଗୋପାଳପୁର ବେଳାଭୂମି ଆଖପାଖ ଗାଁ ଏବଂ ଲୋକମାନଙ୍କର ଚଳଣୀ, ଅଭ୍ୟାସ, ବିଶ୍ୱାସ ତଥା ଲୋକ କଥାକୁ ନିଖୁଣ ଭାବରେ ଦର୍ଶାଯାଇଛି।

## ମା' ଆନନ୍ଦ ଆଶ୍ରମରେ ଦୀପାବଳି

ଭୁବନେଶ୍ୱର, ୨୧।୧୦(ସମିସ): କରୁଣା, ସେବା ଓ ସମର୍ପଣର ଭାବଧାରାରେ ଗଠିତ ମୁକ୍ତା ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଶ୍ରୀ ଶ୍ରୀ ମା' ଆନନ୍ଦ ଆଶ୍ରମ ପରିସରରେ ପିଲାମାନଙ୍କ ସହିତ ଦୀପାବଳି ପାଳନ ସହିତ ଆନୁଷ୍ଠାନିକ ଭାବରେ ଫାଉଣ୍ଡେସନର ଶୁଭାରମ୍ଭ ହୋଇଛି। ପ୍ରତିଷ୍ଠାତ୍ରୀ ତଥା ପରିଚାଳନା ଟ୍ରଷ୍ଟି ବନ୍ଦନା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ଫାଉଣ୍ଡେସନର ଉପଦେଷ୍ଟା ନମ୍ରତା ଚଢ଼ା, ସମାଜସେବୀ ନିବେଦିତା ଲେଙ୍କା, ଫାଉଣ୍ଡେସନର ସହ-ପ୍ରତିଷ୍ଠାତ୍ରୀ ସଙ୍ଘମିତ୍ରା ପାଢ଼ୀ, ଉପଦେଷ୍ଟା ପ୍ରିତୀଛନ୍ଦା ଧଳ ଏବଂ ବରିଷ୍ଠ କୋର କମିଟି ସଦସ୍ୟ ଚନ୍ଦନା ତ୍ରିପାଠୀ ଓ ଲୋପାମୁଦ୍ରା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସବିତା ପଟ୍ଟନାୟକ, ସ୍ୱାତୀ ମହାନ୍ତି, ସୁପ୍ରିୟା ପଣ୍ଡା ଏବଂ ମିଲି ରଣାଙ୍କ ସହିତ ଆଶ୍ରମର କର୍ମକର୍ତ୍ତାମାନେ ଉପସ୍ଥିତ ରହି ମୁକ୍ତା ଫାଉଣ୍ଡେସନର ଆରମ୍ଭ ପାଇଁ ପ୍ରତିଷ୍ଠାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।




## ସେବା ପ୍ରତିନିଧି ପକ୍ଷରୁ ଶ୍ମଶାନ ସଫେଇ




ଭୁବନେଶ୍ୱର, ୨୧।୧୦(ସମିସ): ଚଳିତ ବର୍ଷ ଦୀପାବଳି ଅବସରରେ ମଧ୍ୟ ଶ୍ମଶାନ ସଫେଇ କରିଛନ୍ତି ସେବା ପ୍ରତିନିଧି ସଙ୍ଗଠନର କର୍ମକର୍ତ୍ତା। ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ପ୍ରଥମେ ଭୁବନେଶ୍ୱରର ସୁନ୍ଦରପଦାସ୍ଥ ଫୁଟବଲ ପଡ଼ିଆ ନିକଟରେ ଥିବା ଶ୍ମଶାନକୁ ସଫେଇ କରାଯାଇଥିଲା। ସେହିଭଳି ଅନୁଗୁଳର ଛେଳିଆପଡ଼ା ଏବଂ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିଠାରେ ଗାୟତ୍ରୀ ଶକ୍ତିପୀଠର ସନ୍ତୋଷ କୁମାର ଗନ୍ତାୟତ, ପରିବେଶବିତ ମନୋଜ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟ ହୋଇଥିଲା। ରାଜେଶ କୁମାରମିଶ୍ରଙ୍କନେତୃତ୍ୱରେ୫୦ରୁଅଧିକସଦସ୍ୟଯୋଗଦେଇଶ୍ମଶାନକୁପରିଷ୍କାରକରିଥିଲେ।

## ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଶିରିଶ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୨୧।୧୦(ସମିସ): ଅବସରପ୍ରାପ୍ତ ଜିଲ୍ଲା ଜଜ ଶିରିଶଚନ୍ଦ୍ର ମିଶ୍ରଙ୍କ ୮୨ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କର ମୃତ୍ୟୁଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ମିଶ୍ରଙ୍କ ଭୁବନେଶ୍ୱର କଳିଙ୍ଗ ବିହାରସ୍ଥିତ ବାସଭବନକୁ ବହୁ ବିଶିଷ୍ଟ ବ୍ୟକ୍ତି ଯାଇ ମରଶରୀରକୁ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର ଓଡ଼ିଶା ବିଚାର ବିଭାଗ ସେବାରେ ଯୋଗଦେଇ ବିଭିନ୍ନ ପଦପଦବୀରେ ଦକ୍ଷତାର ସହ କାର୍ଯ୍ୟ କରି କଟକ ଜିଲ୍ଲା ଏବଂ ଦୌରା ଜଜ୍ ଭାବରେ ଅବସର ନେଇଥିଲେ। ସେ ଖୋର୍ଦ୍ଧା ଜିଲ୍ଲା ଖାଉଟି ଅଦାଲତ ସଭାପତି ସହ ସିକ୍କିମ ଲୋକାୟୁକ୍ତର ଲୋକପାଳ ଭାବରେ ୫ବର୍ଷ ରହିଥିଲେ। ଅବସରପ୍ରାପ୍ତ ଜିଲ୍ଲା ଜଜ ସଂଘ ଏବଂ ଅନ୍ୟାନ୍ୟ ଅବସରପ୍ରାପ୍ତ ନ୍ୟାୟିକ ଅଧିକାରୀ, ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସମେତ ସାଂସଦ ପ୍ରଦୀପ ପାଣିଗ୍ରାହୀ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



## ସୋଆରେ ଆଇଇଇଇର ଷ୍ଟୁଡେଣ୍ଟ ବ୍ରାଞ୍ଚ ଉଦ୍‌ଘାଟିତ




ଭୁବନେଶ୍ୱର, ୨୧।୧୦(ସମିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃତ୍ତିଗତ, ବୈଷୟିକ ଏବଂ ଗବେଷଣାତ୍ମକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର୍ସ (ଆଇଇଇଇ)ର ଷ୍ଟୁଡେଣ୍ଟ ବ୍ରାଞ୍ଚ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ରେଣୁ ଶର୍ମା, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର କୋଷାଧ୍ୟକ୍ଷ ତଥା ଆଇଆଇଟି ଭୁବନେଶ୍ୱରର ଆସୋସିଏଟ ପ୍ରଫେସର ଡି.ପି ଡୋଗ୍ରା, ହରେକୃଷ୍ଣ ରଥ, ପ୍ରଫେସର ଦେବାହୁତି ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ମନୀଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସ୍ୱୟଂସିଦ୍ଧା' ପୂଜା ବିଶେଷାଙ୍କ ଲୋକାର୍ପିତ



ଭୁବନେଶ୍ୱର, ୨୧।୧୦(ସମିସ): ଦୀପାବଳି ଅବସରରେ ଚନ୍ଦ୍ରଶେଖପୁର ହାଉସିଂ ବୋର୍ଡ କଲୋନୀସ୍ଥିତ ଶିରିଡି ସାଇ ମନ୍ଦିରରେ 'ସ୍ୱୟଂସିଦ୍ଧା ଫାଉଣ୍ଡେସନ୍' ପକ୍ଷରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ସ୍ୱୟଂସିଦ୍ଧା'ର ପୂଜା ବିଶେଷାଙ୍କ ଲୋକାର୍ପିତ ହୋଇଛି। ସାଇ ବାବାଙ୍କଠାରେ ପୂଜାର୍ଚ୍ଚନା ପରେ କଥାଶିଳ୍ପୀ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର 'ସ୍ୱୟଂସିଦ୍ଧା' ପୂଜା ବିଶେଷାଙ୍କ -୨୦୨୫କୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ନମିତା ପାଇକରାୟ, ବିଶ୍ୱରଞ୍ଜନ ପାଇକରାୟ, 'ସ୍ୱୟଂସିଦ୍ଧା'ର ସମ୍ପାଦକ ଡ. ସୁଶୀଳ କୁମାର ବାଗ୍, ଲେଖିକା କ୍ଷୀରୋଦିନୀ ବେହେରା, ଅଧ୍ୟାପକ ଡ. ସତ୍ୟଜିତ ଦାସ, ସମ୍ପାଦନା ସହଯୋଗୀ ଜିତୁ ପ୍ରଧାନ, 'ସ୍ୱୟଂସିଦ୍ଧା'ର ଟ୍ରଷ୍ଟି ମଧୁସ୍ମିତା ବାଗ୍ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ପ୍ରଚ୍ଛଦପଟ ଶିଳ୍ପୀ ଉଦୟ ନାରାୟଣ ଚଇନିଙ୍କୁ ଉପାୟନ, ଉପହାର ଦେଇ ଧଳ ମହାପାତ୍ର ସମ୍ମାନିତ କରିଥିଲେ। 'ସ୍ୱୟଂସିଦ୍ଧା'ର ଏହି ସଂଖ୍ୟାରେ ଓଡ଼ିଶାର ବହୁ ପ୍ରବୀଣ, ଯୁବ ଲେଖକ, ଲେଖିକାଙ୍କ କବିତା, ଗପ, ପ୍ରବନ୍ଧ, ଶିଶୁ ସାହିତ୍ୟ, ଅନୁବାଦ, ସାକ୍ଷାତକାର ଆଦି ପ୍ରକାଶ ପାଇଛି।

# ଲାଇଟ୍ ଖଣ୍ଡେରେ ଲାଇବ୍ରେରୀ

## ଖାଲିପଡ଼ିଛି ପାଠାଗାର ଗ୍ରନ୍ଥାଗାରିକ ପଦବୀ

ଭୁବନେଶ୍ୱର, ୨୧।୧୦(ସମିସ): ବିଭିନ୍ନ ସରକାରୀ ଚାକିରି ପାଇଁ ପ୍ରସ୍ତୁତି କରିବାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଛାତ୍ରଛାତ୍ରୀ ରାଜଧାନୀକୁ ଆସୁଛନ୍ତି। ସେମାନଙ୍କ ପଢ଼ିବା ପାଇଁ ପର୍ଯ୍ୟାପ୍ତ ଲାଇବ୍ରେରୀ ନାହିଁ। ଯେତିକି ଲାଇବ୍ରେରୀ ଅଛି, ତହିଁରେ ପର୍ଯ୍ୟାପ୍ତ କର୍ମଚାରୀ ନାହାନ୍ତି। ଫଳରେ ଉପଲବ୍ଧ ଥିବା ବହିଗୁଡ଼ିକୁ ମଧ୍ୟ ଛାତ୍ରଛାତ୍ରୀମାନେ ଉପଯୋଗ କରିପାରୁ ନାହାନ୍ତି। ସରକାରୀ ଲାଇବ୍ରେରୀ ମେଧାବୀଙ୍କ ପାଇଁ ସମୁଦ୍ରକୁ ସଙ୍ଖେ ହୋଇଥିବାରୁ ଘରୋଇ ଲାଇବ୍ରେରୀ ଉପରେ ନିର୍ଭରଶୀଳ ହେଉଛନ୍ତି। କେବଳ ଲାଇଟ୍ ଖଣ୍ଡେରେ ଲାଇବ୍ରେରୀ ଖୋଲି ଘରୋଇ ସଂସ୍ଥା ମୁନାଫା କମାଉଥିବାବେଳେ ଛାତ୍ରଛାତ୍ରୀମାନେ ଆର୍ଥିକ କ୍ଷତି ସହୁଛନ୍ତି।

### ■ ସରକାରୀ ସୁବିଧା ନାହିଁ, ଘରୋଇ ମୁହାଁ ଛାତ୍ରଛାତ୍ରୀ

ରାଜ୍ୟର ପ୍ରମୁଖ ଓ ରାଜଧାନୀର ସର୍ବବୃହତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ପ୍ରାୟ ୪୦୦ ପିଲା ପଢ଼ିବା ପାଇଁ ବ୍ୟବସ୍ଥା ରହିଛି। ହେଲେ ଦୈନିକ ହାରାହାରି ୬ ଶହରୁ ଅଧିକ ପିଲା ବିଭିନ୍ନ ପରୀକ୍ଷା ପ୍ରସ୍ତୁତି କରିବାକୁ ଏଠାକୁ ଆସୁଛନ୍ତି। ବସିବା ପାଇଁ ଜାଗା ନ ଥିବାରୁ ଅନେକ ବାରଣ୍ଡା ସମେତ ବିଭିନ୍ନ ସ୍ଥାନରେ ତଳେ ବସି ପଢୁଛନ୍ତି। ଆହୁରି ଅନେକ ପିଲା ଫେରି ଯାଇ ଆଇଜି ପାର୍କ ସମେତ ବିଭିନ୍ନ ପାର୍କରେ ପଢ଼ିବାକୁ ବାଧ ହେଉଛନ୍ତି। ଲାଇବ୍ରେରୀରେ କର୍ମଚାରୀ ଅଭାବ ଛାତ୍ରଛାତ୍ରୀଙ୍କ ପଢ଼ିବାରେ ମଧ୍ୟ ପ୍ରତିବନ୍ଧକ ସାଜୁଛି। ୩୩ଟି ମଞ୍ଜୁରୀପ୍ରାପ୍ତ ପଦରେ ମାତ୍ର ୬ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ୨୭ଟି ପଦରେ କର୍ମଚାରୀ ନ ଥିବାରୁ ଲାଇବ୍ରେରୀ କାର୍ଡ କରିବା ସହ ପାଠପଢ଼ା ସୁବ୍ୟବସ୍ଥିତ କରିବାରେ ସେମାନେ ବିଫଳ ହେଉଛନ୍ତି। ଅପରପକ୍ଷରେ ଏହି ଗରନ୍ଥାଗାରରେ ଥିବା ପ୍ରାୟ ୨ଲକ୍ଷରୁ ଅଧିକ ବହି ମଧ୍ୟ ଉପଯୋଗ ହୋଇପାରୁ ନାହିଁ। ପିଲାଙ୍କୁ ବହି ଆଲର୍ଟ କରିବାକୁ ଅକ୍ଷମ ହେଉଥିବାବେଳେ ବହିଗୁଡ଼ିକର ରକ୍ଷଣାବେକ୍ଷଣ ମଧ୍ୟ କରିପାରୁ ନାହାନ୍ତି। କର୍ମଚାରୀ ଅଭାବରୁ ବହୁ ଗବେଷକ ବହି ନ ପାଇ ଫେରି ଯାଉଛନ୍ତି।



ଦୀର୍ଘ ଦିନରୁ ସରକାରୀ ଲାଇବ୍ରେରୀରେ ଗ୍ରନ୍ଥାଗାରିକ (ଲାଇବ୍ରେରୀଆନ୍) ନିଯୁକ୍ତି ଦିଆଯାଉ ନ ଥିବାରୁ ପାଠାଗାରର ହୃତଗୌରବ ହ୍ରାସ ପାଉଛି। ପର୍ଯ୍ୟାପ୍ତ ଭିତ୍ତିଭୂମି ମଧ୍ୟ ନ ଥିବାରୁ ଛାତ୍ରଛାତ୍ରୀମାନେ ଘରୋଇ ଲାଇବ୍ରେରୀ ମୁହାଁ ହେଉଛନ୍ତି। ମାସିକ ହଜାରେରୁ ୧୫ଶହ ଟଙ୍କା ପର୍ଯ୍ୟନ୍ତ ଫି' ଦେଇ ଘରୋଇ ଲାଇବ୍ରେରୀରେ ପଢୁଛନ୍ତି। କେବଳ ଲାଇଟ୍ ଖଣ୍ଡେ ଲଗାଇ ରାଜଧାନୀରେ ମାଳମାଳ ଲାଇବ୍ରେରୀ ଖୋଲିଛି। ପିଲାଙ୍କ ପାଖରେ ବିକଳ୍ପ ନ ଥିବାରୁ ଘରୋଇ ଲାଇବ୍ରେରୀରେ ପଢ଼ିବାକୁ ବାଧ ହେଉଛନ୍ତି। ଆର୍ଥିକ ବୋଝ ପଡୁଥିଲେ ମଧ୍ୟ ସେମାନଙ୍କ ପାଖରେ ଆଉ କିଛି ବିକଳ୍ପ ନାହିଁ। ଏଣୁ ସରକାର ଅଧିକ ଲାଇବ୍ରେରୀ ଖୋଲିବା ସହ ଗ୍ରନ୍ଥାଗାରିକ ପଦ ପୂରଣ କରିବାକୁ ବହୁ ଛାତ୍ରଛାତ୍ରୀ ଦାବି କରିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୮୪ • ପାଉଣ୍ଡ ୧୧୭.୩୪
- ୟୁରୋ ୧୦୨.୭୯ • ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୧,୭୦୦ (ଭୁବନେଶ୍ୱର)
- ରୁପା : ୧,୯୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୪,୪୨୬.୦୦
- ନିଫ୍ଟି ୨୫,୮୬୮.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ସବୁଦିନ ପାଇଁ ବନ୍ଦ ହୋଇଯିବ କୋଲକାତା ଷ୍ଟକ୍ ଏକ୍ସଚେଞ୍ଜ

**୧୧୭ ବର୍ଷ ପୁରୁଣା ଷ୍ଟକ୍ ଏକ୍ସଚେଞ୍ଜ** | **ବନ୍ଦ ଆବେଦନକୁ ସେବିର ମଞ୍ଜୁରୀ**




କୋଲକାତା, ୨୧।୧୦ (ଏଜେନ୍ସି): ଭାରତର ସର୍ବ ପୁରାତନ ସେୟାର ବଜାର ମଧ୍ୟରୁ ଅନ୍ୟତମ କୋଲକାତା ଷ୍ଟକ୍ ଏକ୍ସଚେଞ୍ଜ (ସିଏସଇ) ଏବେ ଶେଷ ନିଶ୍ୱାସ ନେଉଛି। ୧୯୦୮ ମସିହାରେ ସ୍ଥାପିତ ଏହି ଷ୍ଟକ୍ ଏକ୍ସଚେଞ୍ଜ ୨୦୨୫ ଦୀପାବଳି ପରେ ବୋଧ ହୁଏ ସବୁଦିନ ପାଇଁ ବନ୍ଦ ହୋଇଯିବ। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ଙ୍କ ମଞ୍ଜୁରୀ ମିଳିବା ପରେ ଏହା ନିଜ ଆଡୁ ବଜାର ସଞ୍ଚାଳନରୁ ଓହରିଯିବ। ଏକଦା ଏହି ଷ୍ଟକ୍ ଏକ୍ସଚେଞ୍ଜ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଓ କୋଲକାତାର ଆର୍ଥିକ ମେରୁଦଣ୍ଡ ଥିଲା।

କୋଲକାତା ଷ୍ଟକ୍ ଏକ୍ସଚେଞ୍ଜ ଦୀର୍ଘ ଦଶନ୍ଧି ଧରି ନିବେଶକ ଓ ଟ୍ରେଡର୍ସଙ୍କ ନିମନ୍ତେ ପ୍ରମୁଖ ପ୍ଲାଟଫର୍ମ ଥିଲା। ହେଲେ ୨୦୦୧ ମସିହାରେ ହୋଇଥିବା କେତନ ପାରେଖ ଦୁର୍ନୀତି ଷ୍ଟକଏକ୍ସଚେଞ୍ଜର ଭାଗ୍ୟ ବଦଳାଇ ଦେଇଥିଲା। କେତନ ପାରେଖ ସ୍କାମ୍ କାଳରେ ଅନେକ ବ୍ରୋକର ପେମେଣ୍ଟ ସଙ୍କଟରେ ଫଶି ଯାଇଥିଲେ। ଅନେକ ଟ୍ରେଡର ସେମାନଙ୍କ ସେଟେଲମେଟ୍ ଦାୟିତ୍ୱ ନିର୍ବାହ କରିପାରି ନ ଥିଲେ। ଏଣୁ ସିଏସଇ ଉପରେ ନିବେଶକଙ୍କ ଭରସା ତୁଟିଯାଇଥିଲା। ଏହି ସଙ୍କଟ ପରେ ସିଏସ୍ଇର ଗତିବିଧି ଲଗାତାର ହ୍ରାସ ହେବାରେ ଲାଗିଥିଲା ଓ ଟ୍ରେଡିଂ ଭଲ୍ୟୁମ ପାଖାପାଖି ଶେଷ ହୋଇଯାଇଥିଲା। ୨୦୧୩ ଏପ୍ରିଲରେ ସେବି ନିୟାମକୀୟ ଅନିୟମିତତା ଯୋଗୁ ସିଏସ୍ଇ ଟ୍ରେଡିଂ ଉପରେ ରୋକ ଲଗାଇଦେଇଥିଲେ। ଏହା ପରେ ଷ୍ଟକ୍ ଏକ୍ସଚେଞ୍ଜ ପୁଣି ସଞ୍ଚାଳନ ଆରମ୍ଭ କରିବା ପାଇଁ ସିଏସଇ ଅନେକ ଉଦ୍ୟମ କରିଥିଲା ଓ ଏଥିପାଇଁ କୋର୍ଟରେ ଅପିଲ ମଧ୍ୟ ହୋଇଥିଲା। ହେଲେ ଏଥିରୁ କୌଣସି ପରିଣାମ ମିଳି ନ ଥିଲା। କ୍ରମାଗତ ଭାବେ କ୍ଷତି ଓ ସୀମିତ ବାଣିଜ୍ୟିକ ସମ୍ଭାବନାକୁ ନଜରରେ ରଖି ସିଏସ୍ଇ ବୋର୍ଡ ଶେଷରେ ଷ୍ଟକ୍ ଏକ୍ସଚେଞ୍ଜ କାରବାରରୁ ସ୍ୱଇଚ୍ଛାରେ ବାହାରିଯିବାକୁ ନିଷ୍ପତ୍ତି ନେଇଥିଲା।

# ମହୁରତ୍ ଟ୍ରେଡିଂରେ କ୍ରାସ୍ କଲା ସୁନା, ରୁପା




ବମ୍ବେ,୨୧।୧୦(ଏଜେନ୍ସି)

ଦୀପାବଳି ଅବସରରେ ଦେଶର ଫ୍ୟୁଚର୍ସ ବଜାର, ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ଆଜି ମହୁରତ୍ ଟ୍ରେଡିଂରେ ହୋଇଥିଲା। ଏହି ସମୟରେ ସୁନା ଏବଂ ରୁପା ମୂଲ୍ୟରେ ବଡ଼ ଧରଣର ହ୍ରାସ ଘଟିଛି। ଏମିତିକି ସୁନା ମୂଲ୍ୟରେ ପ୍ରାୟ ୩% ହ୍ରାସ ଘଟିଥିବାବେଳେ ରୁପା ମୂଲ୍ୟରେ ବଡ଼ ଧରଣର ହ୍ରାସ ଘଟିଛି। ମାତ୍ର କିଛି ମିନିଟ୍ ମଧ୍ୟରେ ରୁପା ମୂଲ୍ୟ କିଲୋ ଗ୍ରାମ ପିଛା ପ୍ରାୟ ୯୫୦୦ଟଙ୍କା ହ୍ରାସ ପାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ ରୁପାରେ ନିବେଶକମାନେ ମାତ୍ରାଧିକ ପ୍ରଫିଟ୍ ବୁକିଂ କରିବା ଯୋଗୁ ଏପରି ହୋଇଛି।

- **ରୁପା ମୂଲ୍ୟରେ ୯୫୦୦ ଟଙ୍କା ହ୍ରାସ**
- **ମାତ୍ରାଧିକ ପ୍ରଫିଟ୍ ବୁକିଂ କଲେ ନିବେଶକ**

ଏହି ସମୟରେ, ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଆଲୋଚନା ଚାଲିଛି। ଏହା ବ୍ୟତୀତ, ଫେଡେରାଲ୍ ରିଜର୍ଭ ଆଗାମୀ ଦିନରେ ସୁଧ ହାର ହ୍ରାସ କରିପାରେ, ଯାହା ଫଳରେ ଆଗାମୀ ଦିନରେ ସୁନା ଏବଂ ରୁପା ଉଭୟରେ ଆହୁରି ହ୍ରାସ ଘଟିବ। ଏହା ବ୍ୟତୀତ, ଉତ୍ସବ ଋତୁରେ ଚାହିଦା ହ୍ରାସ ପାଇବାର ପ୍ରଭାବ ମଧ୍ୟ ବଜାର ଉପରେ ଦୃଶ୍ୟମାନ ହେଉଛି। ସମ୍ପ୍ରତି, ଦେଶର ସର୍ବବୃହତ ରୁପା ଉତ୍ପାଦକ ହିନ୍ଦୁସ୍ତାନ ଜିଙ୍କ ଆକଳନ କରିଛି ଯେ ବର୍ଷ ଶେଷ ସୁଦ୍ଧା ରୁପା ମୂଲ୍ୟ ପ୍ରତି ଆଉନ୍ସ ୫୪ ଡଲାରରୁ ୫୫ ଡଲାର ମଧ୍ୟରେ ରହିପାରେ।

ଦେଶର ଫ୍ୟୁଚର୍ସ ବଜାର, ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ମଙ୍ଗଳବାର ସୁନା ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖିବାକୁ ମିଳିଛି। ଆଜିର ବାଣିଜ୍ୟ ଅଧିବେଶନ ସମୟରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୩୭୨୪ ଟଙ୍କା ହ୍ରାସ ପାଇ ଦିନର ସର୍ବନିମ୍ନ ୧,୨୬,୯୦୦ ଟଙ୍କାକୁ ଖସିଆସିଛି। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଫ୍ୟୁଚର୍ସ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୫୩୯୪ ଟଙ୍କା ହ୍ରାସ ପାଇଛି। ଅପରାହ୍ନ ୨ଟା ୩୦ ରେ ସୁନା ୧୨୮୩୫୧ ଟଙ୍କାରେ କାରବାର ହେଉଥିଲା, ଯାହା ପରେ ୨୨୭୩ ଟଙ୍କା ହ୍ରାସ ପାଇଥିଲା। ବଜାର କାରବାର ଅପରାହ୍ନ ୨ଟା ୪୫ ରେ ବନ୍ଦ ହୋଇ ୧.୨୮ ଲକ୍ଷ ଟଙ୍କା ରହିଥିଲା। ମହୁରତ୍ ଟ୍ରେଡିଂରେ ସୁନା ୧୦ ଗ୍ରାମ ପିଛା ୧,୨୮,୨୦୦ ଟଙ୍କା ହ୍ରାସ ସହ କାବରାର ଆରମ୍ଭ ହୋଇଥିଲା, ଯାହା ପୂର୍ବ ଦିନର ସାଧାରଣ ଦିନରେ ୧,୩୦୬୨୪ ଟଙ୍କା ଥିଲା।

ଆଜିର କାରବାରରେ ରୂପା ମୂଲ୍ୟ ସୁନା ଅପେକ୍ଷା ଅଧିକ ହ୍ରାସ ପାଇଛି। ଦେଶର ଫ୍ୟୁଚର୍ସ ବଜାର, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (,ମ୍ସିଏକ୍ସ)ରେ, ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ୯୪୭୯ ହ୍ରାସ ପାଇ ୧୪୮୫୦୮ ଟଙ୍କା ହୋଇଛି। ଶୁକ୍ରବାର ଦିନ ରୁପା ପ୍ରତି କିଲୋଗ୍ରାମ ୧,୭୦,୪୧୫ ଟଙ୍କା ର ସର୍ବକାଳୀନ ରେକର୍ଡ କରିଥିଲା। ଏହାର ଅର୍ଥ ହେଉଛି ଯେ ସେବେଠାରୁ, ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ୨୧,୯୦୭ ଟଙ୍କା ହ୍ରାସ ପାଇଛି। ଅପରପକ୍ଷେ ଆଜି ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୧,୭୦୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍ର ମୂଲ୍ୟ ୧,୩୨,୬୩୦ ଟଙ୍କା ରହିଥିଲା। ସେହିଭଳି ରୁପା କିଲୋ ପିଛା ୧,୯୦,୦୦୦ ଟଙ୍କା ରହିଛି।

# ଓଲା ସିଇଓ ଭବିଶ ଅଗ୍ରୱାଲଙ୍କ ବିରୋଧରେ ମାମଲା

**ଇଞ୍ଜିନିୟରଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗ**



ନୂଆଦିଲ୍ଲୀ,୨୧।୧୦(ଏଜେନ୍ସି): ଓଲା ଇଲେକ୍ଟ୍ରିକ୍ର ପ୍ରତିଷ୍ଠାତା ଏବଂ ସିଇଓ ଭବିଶ ଅଗ୍ରୱାଲଙ୍କ ବିରୋଧରେ ଜଣେ କର୍ମଚାରୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ଏକ ମାମଲା ରୁଜୁ ହୋଇଛି। ବେଙ୍ଗାଲୁରୁ ପୋଲିସ ଏହି ମାମଲାରେ କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ସୁବ୍ରତ କୁମାର ଦାସଙ୍କ ନାମ ମଧ୍ୟ ଏଫଆଇଆରରେ ସାମିଲ କରିଛି। ଅକ୍ଟୋବର ୬ରେ ଦାୟର ହୋଇଥିବା ଏଫଆଇଆରରେ ଭବିଶଙ୍କ ନାମ ନ ଥିଲା, କିନ୍ତୁ ମୃତକଙ୍କ ଭାଇଙ୍କ ଅନୁରୋଧରେ ତାଙ୍କ ବିରୁଦ୍ଧରେ ବିଏନ୍ଏସ୍ର ଧାରା ୧୦୮ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଭବିଶ ଅଗ୍ରୱାଲ କିମ୍ବା କମ୍ପାନୀ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ବୟାନ ଜାରି କରାଯାଇନାହିଁ।

ସୂଚନାଯୋଗ୍ୟ ଯେ, କମ୍ପାନୀରେ କାମ କରୁଥିବା ୩୮ ବର୍ଷୀୟ କେ. ଅରବିନ୍ଦ ସେପ୍ଟେମ୍ବର ୨୮ ରେ ଆତ୍ମହତ୍ୟା କରିଥିଲେ। ସେ ୨୦୨୨ରୁ ଓଲା ଇଲେକ୍ଟ୍ରିକ୍ରେ ଜଣେ ଇଞ୍ଜିନିୟର ଭାବରେ କାର୍ଯ୍ୟ କରୁଥିଲେ। ଅରବିନ୍ଦଙ୍କ ଭାଇ ଦାବି କରିଛନ୍ତି ଯେ ତାଙ୍କ ମୃତ୍ୟୁ ପରେ ତାଙ୍କ ଭାଇଙ୍କ ଆକାଉଣ୍ଟରେ ୧୭ ଲକ୍ଷ ଟଙ୍କା ଜମା ହୋଇଥିଲା। ଅରବିନ୍ଦଙ୍କ ଭାଇ କହିଛନ୍ତି ଯେ ତାଙ୍କ ଭାଇ ଆତ୍ମହତ୍ୟା କରିବା ପୂର୍ବରୁ ୨୮ ପୃଷ୍ଠାର ଏକ ନୋଟ୍ ଲେଖିଥିଲେ, ଯେଉଁଥିରେ ଭବିଶ ଏବଂ ଅନ୍ୟ ଅଧିକାରୀମାନଙ୍କ ବିରୋଧରେ ମାନସିକ ଭାବେ ହଇରାଣ କରିବା ଏବଂ ଦରମା ପ୍ରୋତ୍ସାହନ ବନ୍ଦ କରିବା ଅଭିଯୋଗ କରାଯାଇଥିଲା। ଡିସିପି ଅନିତା ବି. ହଦ୍ଦାନ୍ନାଭର କହିଛନ୍ତି ଯେ ମାମଲାଟି ପ୍ରଥମେ ଏକ ଅପ୍ରାକୃତିକ ମୃତ୍ୟୁ ଭାବରେ ପଞ୍ଜିକୃତ ହୋଇଥିଲା, କିନ୍ତୁ ଆତ୍ମହତ୍ୟା ନୋଟ୍ ପ୍ରକାଶ ପାଇବା ପରେ ଅରବିନ୍ଦଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ମାମଲା ପୁନଃ ପଞ୍ଜିକୃତ ହୋଇଥିଲା। ଏଫଆଇଆର ଅନୁଯାୟୀ, ଅରବିନ୍ଦ ଆତ୍ମହତ୍ୟା ନୋଟରେ ଲେଖିଛନ୍ତି, "ମୁଁ ଭାବିଶ ଅଗ୍ରୱାଲଙ୍କୁ ପୋଲିସ ଦ୍ୱାରା ଦଣ୍ଡିତ କରିବାକୁ ଚାହୁଁଛି ଏବଂ ମୁଁ ନ୍ୟାୟ ଚାହୁଁଛି।"

**ଆତ୍ମହତ୍ୟା ପରେ କର୍ମଚାରୀଙ୍କ ଆକାଉଣ୍ଟରେ ୧୭ ଲକ୍ଷ ଜମା ହୋଇଛି**

ଏହା ପୂର୍ବରୁ ସେବି ଓଲା ଇଲେକ୍ଟ୍ରିକ୍ ବିରୁଦ୍ଧରେ ଇନସାଇଡର ଟ୍ରେଡିଂ ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ଏକ ରିପୋର୍ଟ ଅନୁଯାୟୀ, ଓଲା ଇଲେକ୍ଟ୍ରିକ୍ ଅକ୍ଟୋବର ଏବଂ ଡିସେମ୍ବର ୨୦୨୪ ମଧ୍ୟରେ ଇନସାଇଡର ଟ୍ରେଡିଂ ଏବଂ ସମ୍ବନ୍ଧିତ ପକ୍ଷ ଡିଲ୍ ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ କରିଥିଲା। ଓଲା ଏହି ଅଭିଯୋଗଗୁଡ଼ିକୁ ମିଥ୍ୟା ଏବଂ ଭିତ୍ତିହୀନ ବୋଲି ଅସ୍ୱୀକାର କରିଛି। ଓଲା ବିରୋଧରେ ଫେବୃଆରୀ ବିକ୍ରି ରିପୋର୍ଟ ଜାଲ କରିବା ଅଭିଯୋଗ ହେବା ପରେ ଏହି ମାମଲା ସାମ୍ନାକୁ ଆସିଛି। ଫେବୃଆରୀରେ, କମ୍ପାନୀ ୨୫୦ ହଜାର ଇଲେକ୍ଟ୍ରିକ୍ ଯାନ ବିକ୍ରି କରିଥିବା ଏବଂ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନରେ ୨୮% ବଜାର ଅଂଶ ହାସଲ କରିଥିବା ଦାବି କରିଥିଲା।

# ମହୁରତ ଟ୍ରେଡିଂ: ଉଠିଲା ବଜାର

ମୁମ୍ବାଇ,୨୧।୧୦(ଏଜେନ୍ସି): ସବୁବର୍ଷ ଭଳି ଚଳିତବର୍ଷ ମଧ୍ୟ ନିବେଶକ ମୁହୁରତ ଟ୍ରେଡିଂରେ ବଜାରରେ କାରବାର କରି ଲକ୍ଷ୍ମୀଙ୍କ ଆବାହନ କରିଛନ୍ତି। ମାତ୍ର ୧ ଘଣ୍ଟାର ଏହି ସ୍ୱତନ୍ତ୍ର ଟ୍ରେଡିଂ ସେସନରେ ସେୟାର ବଜାର ସକାରାତ୍ମକ ଭାବେ ଆରମ୍ଭ ହୋଇଛି ଓ ହାଲୁକା ବୃଦ୍ଧି ସହ ବନ୍ଦ ହୋଇଛି। ଅକ୍ଟୋବର ୨୧ ମଙ୍ଗଳବାର ସେନସେକ୍ସ ଓ ନିଫ୍ଟି ୫୨ ସପ୍ତାହର ସର୍ବୋଚ୍ଚ ସ୍ତରକୁ ଛୁଇଁଛି। ଏହି ସମୟରେ ସ୍ମଲ କ୍ୟାପ୍ ଓ ମିଡକ୍ୟାପ ସେୟାର ଉଲ୍ଲେଖନୀୟ ପ୍ରଦର୍ଶନ କରି ନିବେଶକଙ୍କ ମୁହଁରେ ହସ ଖେଳାଇ ଦେଇଛି। ମଙ୍ଗଳବାର ସେନସେକ୍ସ ୪୭୪ ପଏଣ୍ଟ ବୃଦ୍ଧି ସହିତ ୮୪,୪୨୬.୩୪ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) ୨୫ ପଏଣ୍ଟ ବୃଦ୍ଧି ସହ ୨୫,୮୬୮.୬୦ ପଏଣ୍ଟରେ କାରବାର ଶେଷ ହୋଇଛି। ଯଦିଓ ଏହା ମାମୁଲି ବୃଦ୍ଧି ତଥାପି ବର୍ଷକ କାରବାର ଲାଗି ଏକ ଶୁଭ ସଂକେତ ବୋଲି ବିବେଚନା କରାଯାଉଛି। ବଜାର ବିଶେଷଜ୍ଞଙ୍କଙ୍କ କହିବାନୁସାରେ ଯଦି ନିଫ୍ଟି ୨୬,୦୦୦ ପଏଣ୍ଟରୁ ଉପରକୁ ଯାଏ ତେବେ ଆଗାମୀ ମାସଗୁଡ଼ିକରେ ବଜାରରେ ନୂଆ ନୂଆ ରେକର୍ଡ ପ୍ରତିଷ୍ଠା ହେବ। ଆଜିର ମୁହୁରତ ଟ୍ରେଡିଂରେ ଯଦି କୌଣସି ସେଗମେଣ୍ଟ ଅଧିକ ଧ୍ୟାନ ଆକର୍ଷଣ କରିଥାଏ ତେବେ ତାହା ହେଉଛି ସ୍ମଲ କ୍ୟାପ୍ ଓ ମିଡ କ୍ୟାପ୍। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ମିଡକ୍ୟାପ ଇଣ୍ଡେକ୍ସ ୦.୨୩% ଓ ସ୍ମଲ କ୍ୟାପ୍ ଇଣ୍ଡେକ୍ସ ୦.୯୧% ଅଭିବୃଦ୍ଧି ଦେଖାଯାଇଛି।

# ସମସ୍ତଙ୍କୁ ଭିସା ପାଇଁ ଦେବାକୁ ପଡ଼ିବନି ୧ ଲକ୍ଷ ଡଲାର




ୱାଶିଂଟନ୍,୨୧।୧୦(ଏଜେନ୍ସି): ଏଚ୍ ୧-ବି ଭିସାକୁ ନେଇ ଆମେରିକାର ସିଟିଜନସିପ୍ ବା ନାଗରିକତା ଏବଂ ଇମିଗ୍ରେସନ (ପ୍ରବାସନ) ସେବା (ୟୁଏସ୍ସିଆଇଏସ୍) ନୂଆ ନିର୍ଦ୍ଦେଶାବଳୀ ଜାରି କରିଛି। ଯେଉଁଥିରେ ଏହା ସ୍ପଷ୍ଟ ହୋଇଛି ଯେ, ହଜାର ହଜାର ଭାରତୀୟ ପ୍ରୋଫେସନାଲ ଏବଂ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଲାଗୁ କରାଯାଇଥିବା ଏଚ୍ ୧-ବି ଭିସା ପାଇଁ ୧ ଲକ୍ଷ ଡଲାର ଫି' ଏବେ ସମସ୍ତଙ୍କୁ ଦେବାକୁ ପଡିବନାହିଁ। ଅର୍ଥାତ୍ ଏଚ୍ ୧-ବି ଭିସାର ସବୁ ଆବେଦକଙ୍କୁ ଦେବାକୁ ପଡ଼ିବନି ଏଚ୍୧-ବି ଭିସା ପାଇଁ ୧ ଲକ୍ଷ ଡଲାର। ୟୁଏସ୍ସିଆଇଏସ୍ର ନୂଆ ନିର୍ଦ୍ଦେଶାବଳୀରେ କାହାକୁ ଏହି ଫି' ଦେବାକୁ ପଡ଼ିବ।

**ଟ୍ରମ୍ପ ପ୍ରଶାସନର ନୂଆ ନିର୍ଦ୍ଦେଶାବଳୀ**

ୟୁଏସ୍ସିଆଇଏସ୍ ଅନୁଯାୟୀ, ଏହି ଶୁଳ୍କ ୨୦୨୫ ସେପ୍ଟେମ୍ବର ୨୧ କିମ୍ବା ଏହା ପରେ ଦାଖଲ ହୋଇଥିବା ନୂଆ ଏଚ୍୧-ବି ଆବେଦନ ପାଇଁ ପ୍ରଯୁଜ୍ୟ ହେବ। ଏହାସହିତ, ବୈଧ ଏଚ୍୧-ବି ଭିସା ନ ଥାଇ ଆମେରିକା ବାହାରେ ଥିବା କର୍ମଚାରୀମାନଙ୍କ ପାଇଁ ମଧ୍ୟ ଲାଗୁ ହେବ। ସେହିଭଳି ଏହି ଭିସା ଶୁଳ୍କ କନସୁଲାର କିମ୍ବା ପୋର୍ଟ-ଅଫ୍-ଏଣ୍ଟ୍ରି ବିଜ୍ଞପ୍ତି ଆବେଦନ ପାଇଁ ପ୍ରଯୁଜ୍ୟ ହେବ। ୟୁଏସ୍ସିଆଇଏସ୍ ସ୍ପଷ୍ଟ କରିଛି ଯେ, କିଛି ବର୍ଗ ଶୁଳ୍କରୁ ମୁକ୍ତ ରହିବେ। ସେମାନେ ହେଲେ, ଯେଉଁମାନଙ୍କର ପୂର୍ବରୁ ଏକ ବୈଧ ଏଚ୍ ୧-ବି ଭିସା ରହିଛି। ଏହାଛଡା ୨୦୨୫ ସେପ୍ଟେମ୍ବର ୨୧ ପୂର୍ବରୁ ଦାଖଲ ହୋଇଥିବା ଆବେଦନ। ଆମେରିକାରେ ନିଜ ସ୍ଥିତିର ପରିବର୍ତ୍ତନ, ସଂଶୋଧନ କିମ୍ବା ବିସ୍ତାର ପାଇଁ ଅନୁମୋଦିତ ଆବେଦନ ଆଦି ପରିସ୍ଥିତିରେ ଏହି ନିୟମ ଲାଗୁ ହେବ ନାହିଁ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିଡ୍ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪, ଜିଲ୍ଲା: ସମ୍ବଲପୁର, ଓଡ଼ିଶା

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା୨୯.୧୦.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ଋଣ ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମ୍ରେ) |
|---|---|---|---|
| **ଆମ୍ବଗାଁ ଶାଖା (୪୫୫୬୦), ୦୨୬ଆରଓୟୁ, ଆମ୍ବଗାଁ ଶାଖା, ଡି-୬୩, ୧ମ ମହଲା, କୋଏଲ ନଗର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ - ୭୬୯୦୧୪, ମୋ: ୬୨୮୭୩୮୧୮୩୬** | | | |
| ୧. | **ସୁନିଲ ନାୟକ,** ଏଚ୍ ନଂ.: ପିଡିଏମ୍ ୬୬, ଜଗଦା, ଝରିପାନି, ରାଉରକେଲା ୪୨, ଜିଲ୍ଲା: ସୁନ୍ଦରଗଡ - ୭୬୯୦୪୨ / ୪୫୫୬୦୬୬୩୦୦୦୦୦୭୫ | ଟ.୧,୦୧,୩୭୩/- + ସେବାବଦ ସୁଧ | ୨୦.୦୦ |
| **ଡୁଙ୍ଗୁରିପାଲି ଶାଖା (୨୮୭୧୧), ସା/ପୋ: ଡୁଙ୍ଗୁରିପାଲି, ଜିଲ୍ଲା: ସୁବର୍ଣ୍ଣପୁର, ଓଡ଼ିଶା - ୭୬୭୦୨୩, ମୋ: ୯୮୬୧୦୧୮୧୪୦** | | | |
| ୧. | **ପ୍ରତାପ କେଶରୀ ବାରିକ,** ପିତା: ଗିରିଜା ପ୍ରସାଦ ବାରିକ, ସା: ଗଧପାଲି, ପୋ: ଡମମୁରା, ଡୁଙ୍ଗୁରିପାଲି, ସୋନପୁର, ଓଡ଼ିଶା - ୭୬୭୦୨୩ / ୨୮୭୧୧୬୫୪୦୦୦୦୦୭୧ | ଟ.୧,୪୫,୧୩୮/- + ସେବାବଦ ସୁଧ | ୩୬.୫୦ |
| **ସୁନ୍ଦରଗଡ ଶାଖା (୨୮୭୧୧), ମେଘ ମହ୍ଲାର ବିଲ୍ଡିଂ, ହସ୍ପିଟାଲ ରୋଡ, (ମିସନ୍ ରୋଡ), ସୁନ୍ଦରଗଡ - ୭୭୦୦୦୧, ମୋ ନଂ.: ୬୩୯୬୭୦୦୪୩୯/୭୦୬୪୩୧୦୬୬୬** | | | |
| ୧. | **ରେବତୀ ବେହେରା,** ସା: ଗାଇଲୋ, ପୋ: ରଣପୁର, ଥାନା: ଜଳସର, ସୁନ୍ଦରଗଡ, ଓଡ଼ିଶା - ୭୭୦୦୧୪ / ୭୧୭୮୦୬୫୪୦୦୦୦୧୨୯ | ଟ.୧୨,୧୭୮/- + ସେବାବଦ ସୁଧ | ୨.୫୦ |
| ୨. | **ମହମ୍ମଦ ୱାସିମ୍,** ଡେଙ୍ଗିଭାଡ, ରାଜଗାଙ୍ଗପୁର, ଓଡ଼ିଶା - ୭୭୦୦୦୧ / ୭୧୭୮୦୬୫୪୦୦୦୦୦୬୫ | ଟ.୧୧,୩୦୭/- + ସେବାବଦ ସୁଧ | ୨.୫୦ |
| **ଝାରସୁଗୁଡ଼ା ଶାଖା (୩୫୪୦୦), ସରବାହାଲ ମେନ୍ ରୋଡ, ଇନ୍କମ୍ ଟ୍ୟାକ୍ସ ଅଫିସ୍ ନିକଟ, ବିଶାଲ ମେଗା ମାର୍ଟ ବିପରୀତ, ଜିଲ୍ଲା: ଝାରସୁଗୁଡା, ପିନ୍ - ୭୬୮୨୦୧, ମୋ: ୯୫୮୪୨୧୦୭୧୮** | | | |
| ୧. | **ସୁନିତା ପ୍ରଜାପତି,** ସ୍ୱାମୀ: କୈଳାସ ପ୍ରଜାପତି, ମାଳିପଡା, ୱାର୍ଡ ନଂ.: ୪, ଜିଲ୍ଲା: ଝାରସୁଗୁଡା- ୭୬୮୨୦୧ / ୩୫୪୦୦୬୫୪୦୦୦୦୧୬୯ | ଟ.୧,୦୯,୪୭୨/- + ସେବାବଦ ସୁଧ | ୨୨.୭୦ |
| ୨. | **ଉଜାଗର ସେଠ୍,** ପିତା: ଶ୍ରୀ ବିଛନ ସେଠ୍, ସା/ପୋ.: ସାହସପୁର, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡା-୭୬୮୨୧୫ / ୩୫୪୦୦୬୫୪୦୦୦୦୧୧୮ | ଟ.୭,୩୦୭.୬୦ + ସେବାବଦ ସୁଧ | ୧.୯୭ |
| ୩. | **ଆରତୀ ନାୟକ,** ପିତା: ୰ ଉଗ୍ରେସେନ ନାଏକ, ସା: ଖୋଣ୍ଡାମାଳ, ପୋ: ସୁତୁଙ୍ଗ, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡା - ୭୬୮୨୧୫ / ୩୫୪୦୦୬୫୪୦୦୦୦୧୨୧ | ଟ.୭,୭୭୪.୩୦ + ସେବାବଦ ସୁଧ | ୨.୨୫ |
| **ଆଇଜି ମାର୍କେଟ ଶାଖା (୫୫୧), ଡେଲି ମାର୍କେଟ, ମେନ୍ ରୋଡ, ବୁର୍ଲା, ଓଡ଼ିଶା - ୭୬୮୦୧୭, ମୋ: ୭୦୧୮୫୦୭୩୪୨** | | | |
| ୧. | **ମାନା ଛତ୍ରିଆ,** ପିତା: ବିଶ୍ୱନାଥ ଛତ୍ରିଆ, ଦୀନଦୟାଲ ନଗର, ଢ଼ିପପଡା, ବୁର୍ଲା - ୭୬୮୦୧୭ / ୦୦୫୫୧୬୫୪୦୦୦୧୨୬୭ | ଟ.୩୫,୯୩୭/- + ସେବାବଦ ସୁଧ | ୯.୦୦ |
| ୨. | **ରଞ୍ଜିତ ସିଂହ,** ପିତା: ସୁରେନ୍ଦରଜିତ ସିଂହ, ସା: କଣ୍ଡାକ୍ଟରସ କଲୋନୀ, ବୁର୍ଲା, ପୋ/ଥାନା: ବୁର୍ଲା - ୭୬୮୦୧୭ / ୦୦୫୫୧୬୫୪୦୦୦୧୦୨୬ | ଟ.୨୪,୯୨୪.୧୦ + ସେବାବଦ ସୁଧ | ୫.୫୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୧,୦୦୦/-** ଅମାନତ ଆକାରରେ ଜମା ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଚୂଡାନ୍ତ ହୋଇଥିବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

**ସ୍ଥାନ: ସମ୍ବଲପୁର, ତାରିଖ: ୨୧.୧୦.୨୦୨୫** | **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**


# ଟାଟା ଟ୍ରଷ୍ଟରେ ବିବାଦ ମଧ୍ୟରେ ଶ୍ରୀନିବାସନ୍ ଆଜୀବନ ଟ୍ରଷ୍ଟି ନିଯୁକ୍ତ



ନୂଆଦିଲ୍ଲୀ,୨୧।୧୦(ଏଜେନ୍ସି):ଶ୍ରୀ ଟାଟା ଟ୍ରଷ୍ଟରେ ତୀବ୍ର ବିବାଦ ମଧ୍ୟରେ ଶେଷରେ ଭେନୁ ଶ୍ରୀନିବାସନ୍ଙ୍କୁ ଆଜୀବନ ଟ୍ରଷ୍ଟି ଭାବରେ ପୁନଃନିଯୁକ୍ତ କରାଯାଇଛି। ସାର୍ ଦୋରାବଜୀ ଟାଟା ଟ୍ରଷ୍ଟ (ଏସ୍ଡିଟିଟି) ଏବଂ ସାର୍ ରତନ ଟାଟା ଟ୍ରଷ୍ଟ (ଏଆର୍ଟିଟି)ର ଟ୍ରଷ୍ଟିମାନେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନେଇଛନ୍ତି। ଶ୍ରୀନିବାସନଙ୍କ କାର୍ଯ୍ୟକାଳ ଅକ୍ଟୋବର ୨୩ ରେ ଶେଷ ହେବାକୁ ଯାଉଛି। ଟାଟା ଗ୍ରୁପ ସହ ଜଡିତ ସଂଗଠନଗୁଡ଼ିକ ମଧ୍ୟରେ ତୀବ୍ର ଅନ୍ତର୍ଦ୍ୱନ୍ଦ୍ୱ ସମୟରେ ଏହି ନିଷ୍ପତ୍ତି ଆସିଛି, ଯେଉଁଥିରେ ଗ୍ରୁପ ବିଭାଜିତ ହୋଇଥିବା ଦେଖାଯାଉଛି। ଗୋଟିଏ ପକ୍ଷ ନୋଏଲ ଟାଟାଙ୍କୁ ସମର୍ଥନ କରୁଛି ଏବଂ ଅନ୍ୟ ଏକ ଗ୍ରୁପ ପୂର୍ବତନ ଅଧ୍ୟକ୍ଷ ରତନ ଟାଟାଙ୍କୁ ଅନୁସରଣ କରୁଛି। ଶ୍ରୀନିବାସନଙ୍କୁ ଜୀବନବ୍ୟାପୀ ନିଯୁକ୍ତିର ଅର୍ଥ ହେଉଛି ତାଙ୍କର କାର୍ଯ୍ୟକାଳ କେବେ ବି ଶେଷ ହେବ ନାହିଁ। ଚଳିତବର୍ଷ ଜାନୁଆରୀରେ ନୋଏଲ ଟାଟାଙ୍କୁ ଆଜୀବନ ଟ୍ରଷ୍ଟି ଏବଂ ଅଧ୍ୟକ୍ଷ ନିଯୁକ୍ତି ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏସ୍ଡିଟିଟି ଏବଂ ଏସ୍ଆର୍ଟିଟି ଟାଟା ସନ୍ସରେ ମିଳିତ ୫୨% ଅଂଶଧନ ରଖିଛନ୍ତି। ଭେନୁଙ୍କ ପୁନଃନିଯୁକ୍ତି ୨୦୨୪ ଅକ୍ଟୋବର ୧୭ ରେ ଟ୍ରଷ୍ଟଗୁଡ଼ିକ ଦ୍ୱାରା ଗୃହୀତ ଏକ ସର୍ବସମ୍ମତି ପ୍ରସ୍ତାବ ପରେ ହୋଇଛି, ଯେଉଁଥିରେ କୁହାଯାଇଥିଲା ଯେ ଟ୍ରଷ୍ଟିଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ, ସେହି ଟ୍ରଷ୍ଟିଙ୍କୁ ସମ୍ପୃକ୍ତ ଟ୍ରଷ୍ଟ ଦ୍ୱାରା ଆଜୀବନ ପାଇଁ ପୁନଃନିଯୁକ୍ତ କରାଯିବ। ସମାନ ବ୍ୟବସ୍ଥା ଅନୁଯାୟୀ ଆଗାମୀ କିଛି ଦିନ ପାଇଁ ଅନ୍ୟ ଜଣେ ଟ୍ରଷ୍ଟି, ମେହଲି ମିସ୍ତ୍ରୀଙ୍କ ପୁନଃନିଯୁକ୍ତି ମଧ୍ୟ ସ୍ଥିର କରାଯାଇଛି।

# ଭାରତକୁ ଟ୍ରମ୍ପଙ୍କ ଡବଲ ଟାରିଫ୍ ଧମକ

ନୂଆଦିଲ୍ଲୀ,୨୧।୧୦(ଏଜେନ୍ସି)



ଭାରତକୁ ପୁଣି ଲାଗିବ ଟାରିଫ୍ ଝଟ୍କା। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ଭାରତକୁ ଡବଲ ଟାରିଫ୍ର ଧମକ ଦେଇଛନ୍ତି। ବିଶେଷ କରି ଯଦି ଭାରତ ଯଦି ରୁଷଠାରୁ ତେଲ କିଣିବା ବନ୍ଦ ନ କରେ ତେବେ ଲାଗୁ ହେବ ଡବଲ ଟାରିଫ୍। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ବ୍ୟକ୍ତିଗତ ଭାବରେ ରୁଷଠାରୁ ତେଲ କିଣା ବନ୍ଦ କରିବା ନେଇ ଆଶ୍ୱାସନା ଦେଇଥିବା ଏବେ ଟ୍ରମ୍ପ୍ କହିଛନ୍ତି।

**■ ରୁଷଠାରୁ ତେଲ କିଣିବା ବନ୍ଦ କର**

ଏୟାର ଫୋର୍ସ ୱାନରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା କରି ଟ୍ରମ୍ପ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦି ମୋତେ କହିଛନ୍ତି ଭାରତ ରୁଷିଆରୁ ତେଲ କିଣିବ ନାହିଁ। କିନ୍ତୁ ଯଦି ସେମାନେ ଏପରି ଜାରି ରଖନ୍ତି, ତେବେ ସେମାନଙ୍କୁ ଭାରୀ ଶୁଳ୍କ ଦେବାକୁ ପଡିବ। ଯେତେବେଳେ ଟ୍ରମ୍ପଙ୍କୁ ଭାରତ ସରକାରଙ୍କ ପ୍ରତିକ୍ରିୟା ବିଷୟରେ ପଚରାଗଲା। ତେବେ ସେ କହିଥିଲେ ଯେ, ମୋତେ ଏ ବିଷୟରେ ଜଣାନାହିଁ। କିନ୍ତୁ ଯଦି ସେମାନେ ଏହା କରୁଛନ୍ତି ତେବେ ସେମାନେ ଭାରୀ ଶୁଳ୍କ ଦେବାକୁ ବାଧ୍ୟ ହେବେ। ବୁଧବାର ଦିନ ଓଭାଲ ଅଫିସରେ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ଘୋଷଣା ପରେ ଏହି ବିବୃତ୍ତି ଆସିଛି ଯେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଭାରତ ରୁଷରୁ ତେଲ କିଣିବା ବନ୍ଦ କରିବ। ଭାରତର ପ୍ରାୟ ଏକ ତୃତୀୟାଂଶ ତେଲ ରୁଷରୁ ଆସିଥାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ପ୍ରଶାସନ ଏହି କ୍ରୟଗୁଡ଼ିକୁ ୟୁକ୍ରେନ ଯୁଦ୍ଧ ପାଇଁ ମସ୍କୋର ଆର୍ଥିକ ସହାୟତା ଭାବରେ ଦେଖେ। ତଥାପି, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ଟ୍ରମ୍ପଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ, ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ସେ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ କୌଣସି ସମ୍ପ୍ରତିକ ଆଲୋଚନା ବିଷୟରେ ଅଜ୍ଞ। ଭାରତ ଓ ଆମେରିକା ମଧ୍ୟରେ ଶକ୍ତି ସହଯୋଗ ଉପରେ ଆଲୋଚନା ଚାଲିଛି। କିନ୍ତୁ ସେ ଟ୍ରମ୍ପଙ୍କ ଦାବିକୁ ନିଶ୍ଚିତ କରିନାହାଁନ୍ତି ଯେ ନୂଆଦିଲ୍ଲୀ ଋଷ ତେଲ କିଣିବା ବନ୍ଦ କରିବାକୁ ରାଜି ହୋଇଛି। ସେ ଆହୁରି କହିଛନ୍ତି, ଆମେରିକା ସହିତ ଶକ୍ତି ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ପାଇଁ ନିରନ୍ତର ଆଲୋଚନା ଚାଲିଛି। ଟ୍ରମ୍ପଙ୍କ ଚେତାବନୀ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଆମେରିକାରୁ ଭାରୀ ଆମଦାନୀ ଶୁଳ୍କର ସମ୍ମୁଖୀନ ହେଉଛି। ଚଳିତ ବର୍ଷ ଆରମ୍ଭରେ, ସେ ବୟନଶିଳ୍ପ ଏବଂ ଔଷଧ ସମେତ ଅନେକ ପ୍ରମୁଖ ରପ୍ତାନି ଉପରେ ଆମଦାନୀ ଶୁଳ୍କକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ଟ୍ରମ୍ପ୍ କହିଛନ୍ତି ଯେ ଯଦି ଭାରତ ରୁଷୀୟ ଅଶୋଧିତ ତୈଳ ଆମଦାନୀ ଜାରି ରଖେ। ତେବେ ଏହି ଶୁଳ୍କ ବଜାୟ ରହିବ କିମ୍ବା ଆହୁରି ବଢ଼ିପାରେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୭୫- ଆର୍ଜେଣ୍ଟିନାରେ ପ୍ରଥମ ଟେଲିଗ୍ରାଫିକ୍ କନେକ୍ସନ୍ ଆରମ୍ଭ ହେଲା।
- ୧୮୮୩- ନ୍ୟୁୟର୍କରେ ଅପେରା ହାଉସ୍‌ର ଉଦ୍‌ଘାଟନ।
- ୧୯୦୦- ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଅଶଫାକ୍ ଅଲୀ ଖାଁଙ୍କ ଜନ୍ମ।
- ୨୦୦୮ -ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରଯାନ-୧ର ସଫଳ ଉତ୍‌କ୍ଷେପଣ।
- ୨୦୧୬- ଭାରତ କବାଡ଼ି ବିଶ୍ୱକପ୍ ଜିତିଲା।

## ବଦଳିବ ‘ଏସ୍‌ଏସ୍‌ଏମ୍‌ବି୨୯’ ଫିଲ୍ମର ନାଁ ‘ବାରଣାସୀ’କୁ ନେଇ ଚର୍ଚ୍ଚା



ଏସ୍. ଏସ୍ ରାଜମୌଲି କେବଳ ତେଲୁଗୁ ଇଣ୍ଡଷ୍ଟ୍ରୀ ନୁହଁନ୍ତି ସାରା ବିଶ୍ୱରେ ଜଣେ ଆଗଧାଡ଼ିର ନିର୍ଦ୍ଦେଶକ ଭାବେ ଜଣାଯାନ୍ତି। ‘ବାହୁବଳି’ ଫିଲ୍ମ ମାଧ୍ୟମରେ ସେ ତେଲୁଗୁ ଫିଲ୍ମକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ ପାରିଥିଲେ। ଏବେ ସେ ମହେଶ ବାବୁଙ୍କୁ ନେଇ ଏକ ଫିଲ୍ମ ନିର୍ମାଣ କରୁଛନ୍ତି। ଫିଲ୍ମର ଟାଇଟଲ ରହିଛି ‘ ଏସ୍‌ଏସ୍‌ଏମ୍‌ବି୨୯’। ଏହା ହଲିଉଡ୍ ଫିଲ୍ମ ‘ଅବତାର’ ଭଳି ନିର୍ମାଣ କରାଯିବ ବୋଲି ଚର୍ଚ୍ଚା ହେଉଛି। ଏବେ ଏହାର ସୁଟିଂ ଚାଲିଛି। ଫିଲ୍ମର ଟାଇଟଲ୍ ‘ବାରଣାସୀ’ ରଖାଯାଇପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ଫିଲ୍ମର କାହାଣୀ ଏହି ସହର ଉପରେ ହିଁ ଗଢ଼ିଉଠିଛି। ପ୍ରଥମେ ସେ ଏହାକୁ ବାରଣାସୀରେ ସୁଟ୍ କରିବାକୁ ଚାହୁଁଥିଲେ। ବାରଣାସୀରେ ଭିଡ଼ ରହୁଥିବାରୁ ସେ ଏହି ସହର ଭଳି ସେଟ୍ ହାଇଦ୍ରାବାଦସ୍ଥିତ ରାମୋଜୀ ଫିଲ୍ମ ସିଟିରେ ନିର୍ମାଣ କରିଛନ୍ତି। ଏଥିପାଇଁ ସେ ୫୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଫିଲ୍ମର ନୂଆ ଟାଇଟଲ୍ ନଭେମ୍ବରରେ ଘୋଷଣା କରାଯାଇପାରେ ବୋଲି ଜଣାପଡ଼ିଛି। ଏଥିରେ ମହେଶଙ୍କ ଚରିତ୍ର ହିନ୍ଦୁ ପୁରାଣରୁ ପ୍ରେରିତ ହେବ। ଏହି ଫିଲ୍ମକୁ ରାଜମୌଲି ୨୦୨୭ ରେ ପରଦାକୁ ଆଣିବା ପାଇଁ ଯୋଜନା କରିଛନ୍ତି। ଏଥିରେ ମହେଶ ବାବୁଙ୍କ ବିପକ୍ଷରେ ପ୍ରିୟଙ୍କା ଚୋପ୍ରା ନଜର ଆସିବେ।





## ପିଲାଙ୍କ ନାଁ ରଖିବା ପାଇଁ ୨୬ ଲକ୍ଷ

ପିଲାଙ୍କ ନାମକରଣ ପ୍ରତ୍ୟେକ ବାପାମାଆଙ୍କ ଲାଗି ଖୁବ୍ ଗୁରୁତ୍ୱ ବହନ କରେ। ତେଣୁ ପିଲାଟିର ନାଁ ରଖିବା ଉପରେ ବହୁତ ବିଚାର ବିମର୍ଶ କରାଯାଏ। ଏପରିକି ଅନେକଙ୍କ ପରାମର୍ଶ ବି ଲୋଡ଼ା ଯାଏ। ହେଲେ ଏବେ ପିଲାଙ୍କ ନାଁ ରଖିବା ପାଇଁ ବାପାମାଆମାନେ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି। ଏହାକୁ ନେଇ ନେମିଂ କନସଲଣ୍ଟାଣ୍ଟି ବ୍ୟବସାୟ ବି ଦେଖିବାକୁ ମିଳିଛି। ଆମେରିକାର ସାନ୍‌ଫ୍ରାନସିସ୍କୋରେ ରହୁଥିବା ଟେଲର ଏ. ହମ୍ପ୍ରି ପିଲାଙ୍କ ନାମକରଣକୁ ନେଇ ବ୍ୟବସାୟ ଆରମ୍ଭ କରିଛନ୍ତି। ପିଲାଙ୍କ ନାଁ ରଖିବା ପାଇଁ ସେ ୨୬ ଲକ୍ଷ ଟଙ୍କା ନିଅନ୍ତି। ତାଙ୍କ ମତରେ ନାମ କେବଳ ଏକ ଶବ୍ଦ ନୁହେଁ, ଏହା ଜଣକର ପରିଚୟ, ସଂସ୍କୃତି ଏବଂ ବ୍ରାଣ୍ଡିଂର ଅଂଶ। ସେହିପରି ଟେଲର ଅନେକ ସେଲିବ୍ରିଟିଙ୍କ ପିଲାଙ୍କ ନାମକରଣ ଦାୟିତ୍ୱ ମଧ୍ୟ ହାତକୁ ନେଇଛନ୍ତି। ସେ ତାଙ୍କ ନେମିଂ କନସଲଟିଂ ବ୍ୟବସାୟରୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଏକ ଦଶକ ପୂର୍ବରୁ ସେ ତାଙ୍କର ଏହି ଯାତ୍ରା ଆରମ୍ଭ କରିଥିଲେ। ପିଲାଟି ବେଳୁ ତାଙ୍କର ନାଁକୁ ନେଇ ସଉକ ଥିଲା। ତେଣୁ ସେ ତାଙ୍କର ଏହି ଇଚ୍ଛା ଅନଲାଇନ୍‌ରେ ସେୟାର୍ କରିବା ଆରମ୍ଭ କଲେ। ଧୀରେ ଧୀରେ ତାଙ୍କର ପୋଷ୍ଟଗୁଡ଼ିକ ଭାଇରାଲ ହେବାରେ ଲାଗିଲା। ଏହାସହ ତାଙ୍କର ଇନଷ୍ଟାଗ୍ରାମ୍ ଏବଂ ଟିକ୍‌ଟକ୍‌ରେ ଲକ୍ଷେରୁ ଅଧିକ ଅନୁଗାମୀ ହେଲେ। ଏବେ ସୁଦ୍ଧା ସେ ୫୦୦ ପିଲାଙ୍କର ନାଁ ବାଛି ସାରିଲେଣି। ଅବଶ୍ୟ ଏ ଲାଗି ସେ ଅଲଗା ଅଲଗା ପ୍ୟାକେଜ୍ ଲୋକଙ୍କୁ ପ୍ରଦାନ କରନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ୨୦୦ ଟଙ୍କା ନେଇ ବାପାମାଆଙ୍କୁ ଇ-ମେଲ୍ ମାଧ୍ୟମରେ କିଛି ନାମର ତାଲିକା ପଠାନ୍ତି। ଏହାବାଦ୍ ତାଙ୍କର ଏକ୍ସକ୍ଲୁସିଭ୍ ପ୍ୟାକେଜ୍ ୨୬ ଲକ୍ଷର ହୋଇଥାଏ। ଏଥିରେ ଜିନୋଲୋଜିକାଲ ରିସର୍ଚ୍ଚ, ଫ୍ୟାମିଲି ହିଷ୍ଟ୍ରି ସହିତ ବେବି ନେମ୍ ବ୍ରାଣ୍ଡିଂ ଭଳି ସେବା ବି ଉପଲବ୍ଧ ଅଛି। ସେହିପରି ଅନେକ ସମୟରେ ସେ ଅଭିଭାବକଙ୍କର କାଉନସିଲର ଏବଂ ମିଡିଏଟରର କାମ ମଧ୍ୟ କରୁଥିବା କହିଛନ୍ତି। ଅବଶ୍ୟ ତାଙ୍କୁ ଏନେଇ ଅନଲାଇନ୍‌ରେ ବି ମଝିରେ ମଝିରେ ଟ୍ରୋଲ କରାଯାଏ। ଏପରିକି ଲୋକେ ତାଙ୍କ କାମକୁ ନେଇ ମଜାକ୍ ଉଡ଼ାଉ ଥିବାବେଳେ ସେ କିନ୍ତୁ ନିଜ କାମକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବନ୍ତି। କାରଣ ଜଣକ ନାଁ ହିଁ ଜୀବନ ତମାମର ପରିଚୟକୁ ବହନ କରିଥାଏ। ତେବେ ସେ ଏହାକୁ ପେଶା ଭାବି ଆଗକୁ ବଢୁଛନ୍ତି। ଯଦ୍ୱାରା ତାଙ୍କର ଏହି ଲଗଜୁରି ବ୍ୟବସାୟ ଲଗାତାର ଆଗକୁ ବଢ଼ିଚାଲିଛି।

## ଏଆଇ ପ୍ରେମରେ ଆମେରିକୀୟ ମହିଳା

ଏମ୍‌ଆଇଟି (ମାସାଚୁସେଟସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି) ର ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଏଆଇକୁ ବ୍ୟବହାର କରୁଥିବା ଲୋକଙ୍କ ମଧ୍ୟରେ ପ୍ରତି ପାଞ୍ଚ ଜଣ ମହିଳା ବିଶ୍ୱାସ କରନ୍ତି ମଣିଷ ଓ ଏଆଇ ମଧ୍ୟରେ ସତରେ ଭଲପାଇବା ହୋଇପାରେ। ସେହିପରି ହଜାରେ ଆମେରିକୀୟ ମହିଳାଙ୍କ ମଧ୍ୟରୁ ତିନି ପ୍ରତିଶତ କହିଛନ୍ତି, ସେମାନେ ପୂର୍ବରୁ ହିଁ ନିଜ ଚାଟ୍‌ବଟ୍‌କୁ ରୋମାଣ୍ଟିକ୍ ପାର୍ଟନର ଭଳି ବ୍ୟବହାର କରନ୍ତି। ସର୍ଭେ ଅନୁସାରେ, ତିନି ଜଣକ ମଧ୍ୟରେ ଜଣେ ଏଆଇ ବ୍ୟବହାରକାରୀ ନିଜ ଚାଟ୍‌ବଟ୍ ସହିତ ବ୍ୟକ୍ତିଗତ ଗୋପନୀୟତା ସେୟାର୍ କରିଥିବା କହିଛନ୍ତି। ସେହିପରି ପାଞ୍ଚଜଣରୁ ଜଣେ ନିଜ ଚାଟବଟ୍‌ର ସ୍ୱତନ୍ତ୍ର ନାଁ ରଖିଛନ୍ତି । ସେହିଭଳି ଅଧିକାଂଶ ମହିଳା ପ୍ରତି ସପ୍ତାହରେ ୩ରୁ ୫ ଘଣ୍ଟା ଏଆଇ ସହିତ କଥାବାର୍ତ୍ତା କରିବାରେ ସମୟ ଅତିବାହିତ କରନ୍ତି। ବିଶେଷଜ୍ଞଙ୍କ ଅନୁସାରେ, ଆଜିର ସମୟରେ ଏଆଇ ପ୍ରତି କ୍ଷେତ୍ରରେ ହଇଚଇ ସୃଷ୍ଟି କରିଛି। ଏହା ଯୋଗୁଁ କିଛି କ୍ଷେତ୍ରରେ ଲୋକଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଛି ଏବଂ କାମ ମଧ୍ୟ କିଛି ପରିମାଣରେ ସଫଳ ସାବ୍ୟସ୍ତ ହୋଇଛି। ସେହିପରି ଆଉ କିଛି ଚାକିରି ଉପରେ ବିପଦ ମଧ୍ୟ ସୃଷ୍ଟି ହୋଇଛି। ଗବେଷଣାରୁ ସାମ୍ନାକୁ ଆସିଛି ଯେ, ଆମେରିକାରେ ପ୍ରତି ପାଞ୍ଚ ମହିଳାଙ୍କର ଚାଟବଟ୍ ସହିତ ରୋମାଣ୍ଟିକ୍ ସମ୍ପର୍କ ରହିଛି। ସେହିଭଳି ପାଖାପାଖି ୧୯ ପ୍ରତିଶତ ଆମେରିକୀୟ ମହିଳା ରୋମାଣ୍ଟିକ୍ ସମ୍ପର୍କ ଲାଗି ଚାଟ୍‌ବଟ୍‌ର ବ୍ୟବହାର କରୁଥିବା ଜଣାପଡ଼ିଛି। ଅବଶ୍ୟ ଏହା ପଛରେ ଅନେକ କାରଣ ରହିଛି। ସେମାନେ ଏଆଇ ଚାଟ୍‌ବଟ୍ ସହିତ କଥାବାର୍ତ୍ତା କରିବାରେ ଭୟ କିମ୍ବା ଲଜ୍ଜ୍ୟାବୋଧ ଅନୁଭବ କରନ୍ତି ନାହିଁ। ମହିଳାମାନେ ନିଜର ଗୋପନୀୟତା ଓ ଭାବନାକୁ ସହଜରେ ଏଆଇ ସହିତ ସେୟାର୍ କରିଥାନ୍ତି। ଏହାବାଦ୍ ବ୍ୟସ୍ତବହୁଳ ଜୀବନ ଓ ଏକାକୀତ୍ୱ ଯୋଗୁଁ ଲୋକେ ଏଭଳି ସାଥୀର ସନ୍ଧାନ କରୁଛନ୍ତି, ଯିଏ ସେମାନଙ୍କୁ ସବୁବେଳେ ଶୁଣିପାରୁଥିବେ ଏବଂ ଉତ୍ତର ରଖିବାକୁ ସକ୍ଷମ ହେଉଥିବେ। ଅନେକ ଲୋକ ଏଆଇକୁ ବିଶ୍ୱାସଯୋଗ୍ୟ ସାଥୀ ବୋଲି ଭାବନ୍ତି। କିଛି ଏଆଇ କେବଳ ଚାଟ୍ ନ କରି ଖେଳ ସଙ୍ଗୀତ ଏବଂ ରୋମାଣ୍ଟିକ୍ କଥାବାର୍ତ୍ତା ମାଧ୍ୟମରେ ସମ୍ପର୍କ ବୃଦ୍ଧି କରିଥାଏ।



## ସମ୍ଭାବନା



## କମଫର୍ଟ ଜୋନ୍‌ରୁ ବାହାରିବା କଷ୍ଟ


**ଅନେକ ଜଣ କମଫର୍ଟ ଜୋନ୍‌ରେ ରହି କାମ କରିବାକୁ ଚାହାନ୍ତି। ଏଭଳି ଲୋକଙ୍କୁ ଲାଗେ କମଫର୍ଟ ଜୋନ୍‌ରେ ରହିଲେ ହିଁ କାମ କରି ହେବ। ହେଲେ ବାସ୍ତବରେ ସଫଳତା କମଫର୍ଟ ଜୋନ୍‌ରୁ ବାହାରିଲେ ମିଳେ। ତେବେ ଅସଲରେ କମଫର୍ଟ ଜୋନ୍‌ରୁ ବାହାରିବା ସେତେଟା ସହଜ ନୁହେଁ।**



କୌଣସି ବ୍ୟକ୍ତିଙ୍କ ଅଭ୍ୟାସ ଓ ରୁଟିନ୍ ଦ୍ୱାରା ତିଆରି ଏକ ସୀମା କମଫର୍ଟ ଜୋନ୍‌କୁ ବୁଝାଏ। ଏହା ହେଉଛି ସେହି ସ୍ଥିତି, ଯେଉଁ ସୀମା ଭିତରେ ରହି ଜଣେ ନିଜକୁ ସୁରକ୍ଷିତ, ସହଜ ଓ ସ୍ଥିର ଅନୁଭବ କରେ। ମସ୍ତିଷ୍କକୁ ସ୍ଥିରତା ପସନ୍ଦ। କୌଣସି ନୂଆ ପରିସ୍ଥିତିରେ ଫସିବା କିମ୍ବା ନୂଆ ଆହ୍ୱାନକୁ ସାମ୍ନା କରିବାକୁ ପସନ୍ଦ ନ ଥାଏ। କମଫର୍ଟ ଜୋନ୍ ହେଉଛି ତାହା, ଯେଉଁଥିରେ କୌଣସି ଭୟ କିମ୍ବା ସମସ୍ୟା ନ ଥାଏ। ତେବେ ଯେତେବେଳେ ଜଣେ କମଫର୍ଟ ଜୋନ୍‌ରୁ ବାହାରିବାକୁ ଚେଷ୍ଟା କରେ କିମ୍ବା କିଛି ନୂଆ କରିବାକୁ ଚିନ୍ତା କରେ, ସେତେବେଳେ ମସ୍ତିଷ୍କ ଫାଇଟ୍ କିମ୍ବା ଫ୍ଲାଇଟ୍‌ର ପ୍ରତିକ୍ରିୟା ଦେଇଥାଏ। ଫଳରେ କମଫର୍ଟ ଜୋନ୍‌ରୁ ବାହାରିବା କଷ୍ଟକର ହୋଇ ପଡ଼େ। ମସ୍ତିଷ୍କ କମଫର୍ଟ ଜୋନ୍‌ରୁ ବାହାରିବା ପରେ ଯାହା ସବୁ ସାମ୍ନା କରେ , ସେସବୁ ପ୍ରତି ଭୟ ସୃଷ୍ଟି ହେବା ଆରମ୍ଭ କରେ। ଏହି ଭୟ ହିଁ ବିଫଳତାର କାରଣ ହୁଏ। ଫଳରେ ଜଣେ ନିଜର କମଫର୍ଟ ଜୋନ୍‌ରେ ସେମିତି ଫଶି ରହେ। ତେବେ ଉନ୍ନତି ବା ଅଗ୍ରଗତି ସବୁବେଳେ କମଫର୍ଟ ଜୋନ୍‌ରୁ ବାହାରିବା ପରେ ହିଁ ମିଳିଥାଏ। ଭୟ ବା ବିପଦକୁ ସାମ୍ନା କରିବାର ସାହସ ରହିଲେ ହିଁ କମଫର୍ଟ ଜୋନ୍‌ରୁ ବାହାରି ହେବ। ଭୟ ଉପରେ ସଫଳତା ହାସଲ କଲେ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଏହାସହ ସଫଳତା ଧୀରେ ଧୀରେ ମିଳେ। କମଫର୍ଟ ଜୋନ୍‌ରୁ ବାହାରିବା ପାଇଁ ଛୋଟ ଛୋଟ ଆହ୍ୱାନକୁ ସ୍ୱୀକାର କରିବା ଦରକାର। ବିଫଳତାରେ ଭୟଭୀତ ହେବା ପରିବର୍ତ୍ତେ ସେଥିରୁ ଶିଖିବା ଆବଶ୍ୟକ। ନିଜକୁ ସଫଳ ଲୋକଙ୍କ ସହ ସାମିଲ କଲେ କମଫର୍ଟ ଜୋନ୍‌ରୁ ବାହାରିବା ଏକପ୍ରକାର ସହଜ ହୁଏ।

## ସମୟରେ ଘରକୁ ଫେରନ୍ତୁ

**ଅଫିସ୍‌କୁ ଠିକ୍ ସମୟରେ ଆସି ଉଚିତ ସମୟରେ ଘରକୁ ଯିବା ଦରକାର। ଅଧିକାଂଶ କ୍ଷେତ୍ରରେ ଦେଖାଯାଏ, ସମୟ ପୂରା ହେବା ପରେ ବି ଘଣ୍ଟା ଘଣ୍ଟା ଧରି ଅଫିସ୍‌ରେ ବସିବାକୁ ପଡ଼େ। ହେଲେ ଅଫିସ୍‌ରୁ ଠିକ୍ ସମୟରେ ଘରକୁ ଯିବାର ଅନେକ କାରଣ ଅଛି।**



- ଜଣେ ଯେଭଳି ଅଫିସ୍ ସମୟରେ ଆସନ୍ତି। ଠିକ୍ ସେମିତି ଅଫିସ୍ ସମୟରେ ଛାଡ଼ିବା ଦରକାର। କାମ କେବେ ବି ଶେଷ ହେବ ନାହିଁ, ସେମିତି ଲାଗି ରହିବ। ତେଣୁ ସମୟରେ କାମ ପୂରା କରି ଅଫିସ୍‌ରୁ ଯିବାକୁ ଚେଷ୍ଟା କରିବା ଭଲ।
- ଅଫିସ୍ କେବଳ ଜୀବନ ନୁହେଁ; ମାନସିକ ଶାନ୍ତି ଜୀବନ ପାଇଁ ଖୁବ୍ ଜରୁରି। ତେଣୁ ଏହାକୁ ମଧ୍ୟ ସମୟ ଦେବା ଦରକାର। ସମୟରେ ଅଫିସ୍‌ରୁ ଘରକୁ ବାହାରିଲେ, ଏ ଲାଗି ବି ସମୟ ଦେଇପାରିବେ।
- ଅଫିସ୍‌ରୁ ଠିକ୍ ସମୟରେ ବାହାରିଲେ ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କୁ ସମୟ ଦେବାର ସୁଯୋଗ ମିଳେ।
- ସେହିପରି କେବଳ ଅଫିସ୍‌କୁ ସମ୍ପୂର୍ଣ୍ଣ ସମୟ ନ ଦେଇ ନିଜକୁ ସମୟ ଦେବା ଉଚିତ। ଏହା ହେଲେ କାମରେ ବି ମନ ଲାଗେ।
- କାମ ଯେତିକି ଜରୁରି ନିଜର ଖୁସି ମଧ୍ୟ ସେତିକି ଜରୁରି। ତେଣୁ ଅଫିସ୍ ସମୟରୁ ବାହାରିଲେ ନିଜର ଅନ୍ୟ କାମ ପାଇଁ ସମୟ ବାହାର କରିପାରିବେ। ଏହା ଦ୍ୱାରା ଶାନ୍ତି ଅନୁଭବ କରିବେ।

## ଉପଯୋଗୀ ଏଆଇ ଟୁଲ୍

**ଏଆଇ ଯୁଗରେ ଚାଟ୍‌ଜିପିଟି ଏବଂ ଜେମିନିର ଚାହିଦା ବେଶି। ହେଲେ ଏହା ବ୍ୟତୀତ କିଛି ଟୁଲ୍ ଏଭଳି ଅଛି, ଯାହାର ଲୋକପ୍ରିୟତା ନ ଥିଲେ ବି ଖୁବ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ବିଶେଷ କଥା ହେଉଛି, ଏହି ଟୁଲ୍‌ରେ ଗୀତ ତିଆରି କରିବା, ଥ୍ରୀଡି ମଡେଲ ଆଦି କାମରେ ସାହାଯ୍ୟ କରେ।**



**ସୁନୋ:** ଏହି ଟୁଲ୍ ମାଧ୍ୟମରେ ନିଜ ପସନ୍ଦର ଗୀତ ନିଜେ ତିଆରି କରିପାରିବେ। ଏହି ଟୁଲ୍ ଟେକ୍ସଟ୍‌ରୁ ଗୀତ ତିଆରି କରିଥାଏ। ଏହି ଟୁଲ୍ ଉଭୟ ବୋଲ୍ ଏବଂ ଟ୍ୟୁନ୍ ସାମିଲ କରିପାରେ। ଏହାକୁ ଅଲଗା ଅଲଗା ଷ୍ଟାଇଲ ଏବଂ ଜନର୍‌ରେ ଏଡିଟ୍ ତଥା ସେୟାର୍ କରାଯାଇପାରିବ। ଏହି ଏଆଇ ଟୁଲ୍‌କୁ ମେଟା ଏବଂ ଟିକ୍‌ଟକ୍‌ର ପୂର୍ବତନ କର୍ମଚାରୀ ମିଶି ତିଆରି କରିଛନ୍ତି।

**ଲିଓନାର୍ଡୋ ଏଆଇ:** ଲିଓନାର୍ଡୋ ଏଆଇ ଟୁଲ୍ ଚିତ୍ରକୁ ସୁନ୍ଦର ଭାବେ ତିଆରି କରିବାରେ ସାହାଯ୍ୟ କରେ। ଏହାକୁ ଉପଯୋଗ କରି ଆନିମେସନ, ଫଟୋ ଏବଂ ଥ୍ରୀଡି ମଡେଲ ସହଜରେ ତିଆରି କରିପାରିବେ। ଏଥିରେ ଫଟୋ ବଡ଼ କରିବା ଏବଂ ବ୍ୟାକଗ୍ରାଉଣ୍ଡ ଦୂର କରିବା ଭଳି ଅନେକ ଫିଚର୍ ମିଳିଥାଏ। ଏହାର ଉପଯୋଗରେ ଅସୀମିତ ଫଟୋ ତିଆରି କରିବା ସମ୍ଭବ।

**ବ୍ଲାକ୍‌ବକ୍ସ ଏଆଇ:** ବିଶେଷକରି ସଫ୍ଟୱେର ଡେଭଲପରଙ୍କ କାମକୁ ସୁପରଫାଷ୍ଟ କରିବା ପାଇଁ ଏହି ଟୁଲ୍ ତିଆରି କରାଯାଇଛି। ଏହି ଟୁଲ୍ ପୋଗ୍ରାମିଂର କଠିନ ସମସ୍ୟା ଏବଂ କୋଡିଂ କାମକୁ ଶୀଘ୍ର କରିପାରିବ। ଏହି ଏଆଇ ଟୁଲ କୋଡିଂ ଏବଂ ଟେଷ୍ଟିଂକୁ ସହଜ କରିଥାଏ। ଏହାବାଦ୍ ଏଥିରେ ଚାଟ୍‌ବଟ୍ ଏବଂ ରିସର୍ଚ୍ଚ ଆସିଷ୍ଟାଣ୍ଟ ଫିଚର ସାମିଲ ଅଛି।

**ଇଲେଭେନ ଲ୍ୟାବ୍:** ଏହା ଟେକ୍ସଟକୁ କଥା କହୁଥିବା ସ୍ୱରରେ ପରିବର୍ତ୍ତନ କରିବା। ଉଭୟ ପୁରୁଷ ଓ ମହିଳାଙ୍କର ଅନେକ ପ୍ରକାର ସ୍ୱରକୁ ସହଜରେ ତିଆରି ଏହି ଟୁଲ୍ ତିଆରି କରିପାରେ। ତେବେ ଏହି ଟୁଲ୍ ମାଧ୍ୟମରେ କୌଣସି ସ୍ୱରର ନକଲ କରିବାର ଉତ୍ତମ ଫିଚର ରହିଛି।

**ଜାନିଟର ଏଆଇ:** ନିଜ ମନପସନ୍ଦର ଏଆଇ ଚରିତ୍ରକୁ ଏହି ଟୁଲ୍ ମାଧ୍ୟମରେ ତିଆରି କରିପାରିବେ। କୌଣସି ଫିଲ୍ମ ତାରକାଙ୍କ ଏଆଇ ଚରିତ୍ରକୁ ଜାନିଟର ଏଆଇକୁ ବ୍ୟବହାର କରି ତିଆରି କରିପାରିବେ। ଏହା ତଥ୍ୟ ମୁତାବିକ ନିଜେ ସ୍ଥିର କରି ନିଏ ଯେ, ଚରିତ୍ର କିଭଳି କଥା କହିବ ଏବଂ ସେ କେଉଁ ଶୈଳୀ ଓ ସ୍ୱରରେ କଥା କହିବ।

## ବିନା ନମ୍ବରରେ ଚାଟିଂ





ଏବେ ସୁଦ୍ଧା ହ୍ୱାଟ୍ସଆପ୍‌ରେ କାହାରି ସହିତ କଥା ହେବା ପାଇଁ ମୋବାଇଲ ନମ୍ବର ଜରୁରି ହୋଇଥାଏ। ହେଲେ ଖୁବ୍‌ଶୀଘ୍ର ହ୍ୱାଟ୍ସଆପ୍‌ର ଏକ ନୂଆ ଫିଚର୍ ଆସିବାକୁ ଯାଉଛି। ଯେଉଁଥିରେ ବ୍ୟବହାରକାରୀ ୟୁଜରନେମ୍ ମାଧ୍ୟମରେ ପରସ୍ପର ସହିତ ଯୋଡ଼ି ହୋଇପାରିବ। ଫଳରେ ଏଥିରେ ମୋବାଇଲ ନମ୍ବର ସେୟାର୍ କରିବାକୁ ପଡ଼ିବ ନାହିଁ। ଏହା ଦ୍ୱାରା ଗୋପନୀୟିତା ସୁରକ୍ଷିତ ରହିବ। ତେବେ ୟୁଜରନେମ ପକାଇ ଚାଟ୍ କରିବା ଆଦୌ ସହଜ ପ୍ରକ୍ରିୟା ନୁହେଁ। ଅନ୍ୟପଟେ ହ୍ୱାଟ୍ସଆପ୍ ଏହା ସହିତ ଚାରି ଅଙ୍କ ବିଶିଷ୍ଟ ୟୁଜରନେମ୍ ଟେଷ୍ଟ କରୁଛି। ଅର୍ଥାତ୍ ବ୍ୟବହାରକାରୀ ନିଜ ୟୁଜର ନେମ୍ ସହିତ ଏହି ଚାରି ଅଙ୍କ କୋଡ୍ କାହାକୁ ଦେଇପାରିବେ। ତେବେ ଏବେ ଏହି ସୁବିଧା ହ୍ୱାଟ୍ସଆପ୍ ବେଟା ପୋଗ୍ରାମର କିଛି ବ୍ୟବହାରକାରୀଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଧୀରେ ଧୀରେ ଏହି ଫିଚର ସମସ୍ତଙ୍କ ପାଇଁ ଉପଲବ୍ଧ ହେବ।

■ ଏସିଆନ ୟୁଥ୍ ଗେମ୍ସ

## ପାକିସ୍ତାନକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ବାହାରିନରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସର ତୃତୀୟ ସଂସ୍କରଣରେ ଭାରତୀୟ ବାଳକ କବାଡ଼ି ଦଳ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ହ୍ୟାଟ୍ରିକ ବିଜୟ ହାସଲ କରିଛି। ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୫୫ ପଏଣ୍ଟ (୮୧-୨୬)ରେ ଶୋଚନୀୟ ଭାବେ ପାକିସ୍ତାନକୁ ମାତ୍ ଦେଇଥିଲା। ଏଥିପୂର୍ବରୁ ଭାରତ ୮୯-୧୬ରେ ଶ୍ରୀଲଙ୍କାକୁ ଓ ୮୩-୧୯ ସ୍କୋରରେ ବାଂଲାଦେଶକୁ ହରାଇଥିଲା। ସେହିଭଳି ଭାରତୀୟ ବାଳିକା ଦଳ ମଧ୍ୟ କ୍ରମାଗତ ୪ର୍ଥ ବିଜୟ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଛି। ମଙ୍ଗଳବାର ଇରାନକୁ ୨୬-୫୯ ପଏଣ୍ଟରେ ଭାରତ ପରାସ୍ତ କରିଥିଲା। ବାଳକ ବିଭାଗରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପୂର୍ବରୁ ହାଇଡ୍ରାମା ଦେଖିବାକୁ ମିଳିଥିଲା। କ୍ରିକେଟ୍ ଓ ହକି ପରେ ଏବେ କବାଡ଼ିରେ ମଧ୍ୟ ଭାରତୀୟ ଖେଳାଳି ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇବାକୁ ମନା କରିଦେଇଥିଲେ। ଟସ୍ ପଡ଼ିବା ସମୟରେ ଭାରତୀୟ ଦଳର ଅଧିନାୟକ ଇଶାନ୍ତ ରାଠୀ ପ୍ରତିପକ୍ଷ ପାକିସ୍ତାନ ଅଧିନାୟକଙ୍କ ସହ ହାତ ନ ମିଶାଇବା ଚର୍ଚ୍ଚାର ବିଷୟ ରହିଥିଲା।

## ସମସ୍ତ ଫର୍ମାଟରୁ ଅବସର ନେଲେ ଜାମ୍ମୁ କ୍ରିକେଟର୍ ପରଭେଜ ରସୁଲ



ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ଜାମ୍ମୁ କାଶ୍ମୀରର ପ୍ରଥମ କ୍ରିକେଟର ଭାବେ ଭାରତୀୟ ଦଳରୁ ଖେଳିବାର ସୁଯୋଗ ଲାଭ କରିଥିବା ପରଭେଜ ରସୁଲ ସମସ୍ତ ପ୍ରକାର ଫର୍ମାଟରୁ ଅବସର ନେଇଛନ୍ତି। ୩୬ ବର୍ଷୀୟ ରସୁଲ ଅବସର ନେଇ ଭାରତୀୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ବିସିସିଆଇକୁ ଜଣାଇଛନ୍ତି। ଏହି ଅଫ୍-ସ୍ପିନ ଅଲରାଉଣ୍ଡର ଭାରତ ପକ୍ଷରୁ ଗୋଟିଏ ଲେଖାଏ ଦିନିକିଆ ଓ ଟି-୨୦ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ୨୦୧୪ରେ ବାଂଲାଦେଶ ବିପକ୍ଷ ଦିନିକିଆ ଖେଳି ରସୁଲ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଥାପିଥିଲେ। ଜାମ୍ମୁର ପ୍ରଥମ ଖେଳାଳି ଭାବେ ସେ ଭାରତୀୟ ଦଳରୁ ଖେଳି ରେକର୍ଡ କରିଥିଲେ। ସେହିଭଳି ସେ ତାଙ୍କର ଏକମାତ୍ର ଟି-୨୦ ମ୍ୟାଚଟି ୨୦୧୭ରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ସେ ମାତ୍ର ୩ଟି ୱିକେଟ ନେଇଥିଲେ। ତେବେ ସେ ବେଶ ସକ୍ରିୟ ଥିଲେ। ୯୫ଟି ପ୍ରଥମଶ୍ରେଣୀ ଓ ୧୬୪ଟି ଲିଷ୍ଟ-ଏ ମ୍ୟାଚ୍ ଖେଳି ରସୁଲ ଯଥାକ୍ରମେ ୩୫୨ ଓ ୨୨୧ଟି ୱିକେଟ୍ ନେଇଛନ୍ତି। ସେ ମଧ୍ୟ ଆଇପିଏଲ୍‌ରେ ୩ଟି ମ୍ୟାଚ ଖେଳିବାର ସୁଯୋଗ ପାଇଥିଲେ।

■ ଆନ୍ତଃସ୍କୁଲ ଫୁଟ୍‌ବଲ

## ତ୍ରିଜଲଙ୍କ ୧୦ ଗୋଲ୍: ଫାଇନାଲରେ ଓଡିଏମ୍




ଭୁବନେଶ୍ୱର, ୨୧।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ଫୁଟ୍‌ବଲ ଏକାଡେମୀ ଖେଳ ପଡ଼ିଆରେ ଚାଲିଥିବା ଆନ୍ତଃସ୍କୁଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୟୁନିଲାଇଟ୍ କପ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଗୁରୁବାର କିସ୍ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ମଧ୍ୟରେ ଫାଇନାଲ ମ୍ୟାଚ୍ ଫ୍ଲଡଲାଇଟ୍‌ରେ ଖେଳାଯିବ। ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ୧୨-୧ ଗୋଲ୍‌ର ବୃହତ୍ ବ୍ୟବଧାନରେ ୟୁନିଟ୍-୧ ହାଇସ୍କୁଲକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ବିଜୟୀ ଦଳ ପକ୍ଷରୁ ତ୍ରିଜଲ କିସ୍କୁ ଏକାକୀ ୧୦ଟି ଗୋଲ୍ ଦେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ପ୍ରସନ୍ନ ଦାସ, ମଧୁସୂଦନ ଦାସ, ଆୟୋଜକ କ୍ଲବର ସଭାପତି ନବରଞ୍ଜନ ପଟ୍ଟନାୟକ ଅତିଥିଭାବେ ଉପସ୍ଥିତ ରହି ତ୍ରିଜଲଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର କଟକର ବିଡ଼ାନାସୀ, ରେଭେନ୍‌ସା, ଭୁବନେଶ୍ୱରର ଦୁଇଟି ଦଳକୁ ନେଇ ଭେଟେରାନ ମ୍ୟାଚ୍ ଖେଳାଯିବ ବୋଲି ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ସୂଚନା ଦେଇଛନ୍ତି।

ଏସିଆ କପ୍ ଟ୍ରଫି ବିବାଦ

# ନକଭୀଙ୍କ ବିରୋଧରେ ଆଇସିସି ଯିବ ବିସିସିଆଇ

ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି)





ଏସିଆ କପ୍ ଟ୍ରଫି ବିବାଦରେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ। ଏସିଆ କ୍ରିକେଟ୍ ପରିଷଦ (ଏସିସି)ର ଅଧ୍ୟକ୍ଷ ମୋହସୀନ ନକଭୀଙ୍କଠାରୁ କୌଣସି ଉତ୍ତର ନ ପାଇବା ପରେ ବିସିସିଆଇ ପରବର୍ତ୍ତୀ ଆଇସିସି ବୈଠକରେ ଏହି ମାମଲାରେ ଅନ୍ତର୍ଜାତୀୟ ବୋର୍ଡର ହସ୍ତକ୍ଷେପ ଲୋଡ଼ିପାରେ। ବିସିସିଆଇ ଗତ ସପ୍ତାହରେ ଏକ ଚିଠି ପଠାଇ ଭାରତୀୟ ଦଳକୁ ଏସିଆ କପ୍ ଟ୍ରଫି ପ୍ରଦାନ କରିବାକୁ ଅନୁରୋଧ କରିଥିଲା। କିନ୍ତୁ ନକଭୀ କୌଣସି ଉତ୍ତର ଦେଇ ନ ଥିଲେ। ଏହି ଘଟଣାରେ ବିସିସିଆଇ ସ୍ପଷ୍ଟ କରିଛି ଭାରତୀୟ ଦଳକୁ ଟ୍ରଫି ପ୍ରଦାନ କରାଯିବା ଉଚିତ୍। ନଚେତ ଆଗାମୀ ଆଇସିସି ବୈଠକରେ ଏ ପ୍ରସଙ୍ଗ ଉଠାଇବ। ଏସିଆ କପ୍ ଟ୍ରଫି ବର୍ତ୍ତମାନ ଦୁବାଇରେ ରହିଛି। ଯେଉଁଠାରେ ଏସିସି କାର୍ଯ୍ୟାଳୟରେ ଏହାକୁ ରଖାଯାଇଛି। ଏସମ୍ପର୍କରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଗଣମାଧ୍ୟମକୁ କହିଛନ୍ତି, ଭାରତୀୟ ବୋର୍ଡ ଆଇନ ମଧ୍ୟରେ ରହି ଆବଶ୍ୟକ ପଦକ୍ଷେପ ନେଉଛି। ଅନ୍ୟପକ୍ଷରେ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ନକଭି ନଭେମ୍ବର ୧୦ରେ ଦୁବାଇରେ ଏକ କାର୍ଯ୍ୟକ୍ରମ ପ୍ରସ୍ତାବ ଦେଇଛନ୍ତି। ଯେଉଁଥିରେ ସେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଏସିଆ କପ୍ ଟ୍ରଫି ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଏସିଆ କପ୍ ଫାଇନାଲରେ ଭାରତୀୟ ଦଳ ପାକିସ୍ତାନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। କିନ୍ତୁ ଦୁଇଦେଶ ମଧ୍ୟରେ ରାଜନୈତିକ ବିବାଦ ଲାଗି ରହିଥିବାରୁ ଏସିସିର ଅଧ୍ୟକ୍ଷ ରହିଥିବା ପାକିସ୍ତାନ ଗୃହମନ୍ତ୍ରୀ ନକଭିଙ୍କ ହାତରୁ ଟ୍ରଫି ନେବାକୁ ଭାରତୀୟ ଖେଳାଳି ମନା କରିଦେଇଥିଲେ। ପୁରସ୍କାର ଉତ୍ସବରେ ନକଭି ପାଖାପାଖି ୧ ଘଣ୍ଟା ଷ୍ଟେଜ ଉପରେ ଅପେକ୍ଷା କରି ରହିଲେ ମଧ୍ୟ ଭାରତୀୟ ଖେଳାଳି ଟ୍ରଫି ନେବାକୁ ତାଙ୍କ ନିକଟକୁ ଯାଇ ନ ଥିଲେ। ଶେଷରେ ନକଭି ଟ୍ରଫି ନେଇ ପଳାଇଥିଲେ। ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ଏସିସି ବୈଠକରେ ବିସିସିଆଇ ଯୁଗ୍ମ ସମ୍ପାଦକ ରାଜୀବ ଶୁକ୍ଲା ଏହି ଟ୍ରଫି ବିବାଦ ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। 'ଟ୍ରଫିଟି ଏସିଆ କ୍ରିକେଟ୍ ପରିଷଦର ସମ୍ପତ୍ତି। ତେଣୁ ନକଭି ଏହାକୁ ବ୍ୟକ୍ତିଗତ ଭାବରେ ପଡ଼ିଆରୁ ନେବାର କୌଣସି ଅଧିକାର ନାହିଁ' ବୋଲି ରାଜୀବ କହିଥିଲେ।

## କୁରାନଙ୍କ ଶତକ; ବଡ଼ ଅଗ୍ରଣୀ ଅଭିମୁଖେ ଜିମ୍ବାୱେ

ହରାରେ, ୨୧।୧୦ (ଏଜେନ୍ସି): ଏଠାରେ ଆଫଗାନିସ୍ତାନ ବିପକ୍ଷରେ ଚାଲିଥିବା ଏକମାତ୍ର ଟେଷ୍ଟରେ ଘରୋଇ ଜିମ୍ବାୱେ ବୃହତ୍ ଅଗ୍ରଣୀ ଅଭିମୁଖେ ଅଗ୍ରସର ହୋଇଛି। ଏହି ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ପ୍ରଥମ ଇନିଂସରେ ମାତ୍ର ୧୨୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ମଧ୍ୟଗତିର ବୋଲର ବ୍ରାଡ୍ ଇଭାନ୍ସ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଜିମ୍ବାୱେ ମଙ୍ଗଳବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୮ ୱିକେଟ୍‌ରେ ୩୧୭ ରନ ସଂଗ୍ରହ କରିଛି। ଓପନର୍ ବେନ୍ କୁରାନ ଦମ୍‌ଦାର ଶତକୀୟ ପାଳି ଖେଳି ଜିମ୍ବାୱେକୁ ବୃହତ୍ ଅଗ୍ରଣୀ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଇଂଲଣ୍ଡ କ୍ରିକେଟର୍ ସାମ୍ କୁରାନଙ୍କ ଭାଇ ବେନ୍ ୨୫୬ ବଲ୍ ଖେଳି ୧୫ ଚୌକା ସହାୟତାରେ ସର୍ବାଧିକ ୧୨୧ ରନ କରିଥିଲେ। ଆଫଗାନିସ୍ତାନର ଜିଆଉର୍ ରହମନ ଶରିଫିଙ୍କୁ ସର୍ବାଧିକ ୫ଟି ୱିକେଟ୍ ମିଳିଥିଲା। ଦୁଇ ୱିକେଟ୍ ବଳକା ଥାଇ ଜିମ୍ବାୱେ ୧୯୦ ରନରେ ଅଗ୍ରଣୀ ହାସଲ କରିଛି।

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## ବିଜୟ ସହ ଶୀର୍ଷରେ ଦ.ଆଫ୍ରିକା



ଲୌରା ଓଲଭର୍ଡ

କଲମ୍ବୋ,୨୧।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଡିଏଲ୍ ପଦ୍ଧତିରେ ୧୫୦ ରନର ବୃହତ୍ ବ୍ୟବଧାନରେ ପାକିସ୍ତାନକୁ ପରାସ୍ତ କରିଛି। ବର୍ଷା ଯୋଗୁ ଏହି ମ୍ୟାଚକୁ ୪୦ ଓଭରବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୯ ୱିକେଟ୍ ହରାଇ ୩୧୨ ରନ କରିଥିଲା। ଓପନର୍ ଲୌରା ଓଲଭର୍ଡ ୮୨ ବଲରେ ୯୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାରିଜାନ କାପ୍ପ ୬୮, ସୁନେ ଲସ୍ ୬୧, ନାଦିନେ ଡି କ୍ଲାର୍କ ୪୧ ରନ କରିଥିଲେ। ବୋଲିଂରେ ପାକିସ୍ତାନର ସାଦିରା ଇକବାଲ ଓ ନଶ୍ରା ସାନ୍ଧୁ ୩ଟି ଲେଖାଏ ୱିକେଟ ନେଇଥିଲେ।

ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ପାକିସ୍ତାନ ଇନିଂସରେ ମଧ୍ୟ ବର୍ଷା ଏକାଧିକଥର ବାଧା ସୃଷ୍ଟି କରିଥିଲା। ଫଳରେ ଡିଏଲ୍ ପଦ୍ଧତିରେ ପାକିସ୍ତାନ ସାମ୍ନାରେ ୨୦ ଓଭରରେ ୨୩୪ ରନର ପୁନଃଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରିଥିବା ପାକିସ୍ତାନ ୨୦ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୮୩ ରନ କରିପାରିଥିଲା। ବିଜୟୀ ଦକ୍ଷିଣ ଆଫ୍ରିକାର କାପ୍ପଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା। ଏଥିସହ ଦକ୍ଷିଣ ଆଫ୍ରିକା ୬ଷ୍ଠ ମ୍ୟାଚରୁ ୫ମ ବିଜୟ ସହ ୧୦ ପଏଣ୍ଟ ସହ ପଏଣ୍ଟ ଶୀର୍ଷକୁ ଉଠିଛି। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ (୯ ପଏଣ୍ଟ) ଓ ଇଂଲଣ୍ଡ (୯ ପଏଣ୍ଟ) ସହ ଦକ୍ଷିଣ ଆଫ୍ରିକା ପୂର୍ବରୁ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛି। ଅପରପକ୍ଷରେ ପାକିସ୍ତାନ ୬ଷ୍ଠ ମ୍ୟାଚରୁ ୪ର୍ଥ ପରାଜୟ ଓ ୨ଟି ବାତିଲ ସହ ମାତ୍ର ୨ ପଏଣ୍ଟ ପାଇ ଆଠଦଳୀୟ ଟେବଲ୍ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ପାକିସ୍ତାନ ଏହାର ଶେଷ ମ୍ୟାଚରେ ଅକ୍ଟୋବର ୨୫ରେ ଶ୍ରୀଲଙ୍କାକୁ ଭେଟିବ। ଚଳିତ ବିଶ୍ୱକପ୍‌ରେ ସମସ୍ତ ଦଳ ଅତିକମ୍‌ରେ ଗୋଟିଏ ମ୍ୟାଚ୍ ଜିତିସାରିଛନ୍ତି। କିନ୍ତୁ ଏକମାତ୍ର ଦଳ ଭାବେ ପାକିସ୍ତାନ ବର୍ତ୍ତମାନ ସୁଦ୍ଧା ବିଜୟ ସ୍ୱାଦ ଚାଖିପାରିନାହିଁ। ବୁଧବାର ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଇନ୍ଦୋରରେ ମ୍ୟାଚ୍ ଖେଳାଯିବ।

ଦକ୍ଷିଣ ଆଫ୍ରିକା-ଏ ବିପକ୍ଷ ସିରିଜ

## ପନ୍ତଙ୍କୁ ଭାରତ-ଏ ଦଳର ନେତୃତ୍ୱ

**ମୁମ୍ବାଇ, ୨୧।୧୦ (ଏଜେନ୍ସି):** ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ମଧ୍ୟରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଚାରିଦିବସୀୟ ଟେଷ୍ଟ ମ୍ୟାଚ୍ ଚଳିତ ମାସ ୩୦ରୁ ବେଙ୍ଗାଲୁରୁରେ ଆରମ୍ଭ ହେବ। ଏଥିଲାଗି ଘରୋଇ ଭାରତ-ଏ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ଅଭିଜ୍ଞ ୱିକେଟ୍‌କିପର ଋଷଭ ପନ୍ତଙ୍କୁ ଏହି ଦୁଇଟି ମ୍ୟାଚ୍ ଲାଗି ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଫଳରେ ଦୀର୍ଘ ମାସ ଧରି ଆହତ ସମସ୍ୟା ଦେଇ ଗତି କରୁଥିବା ପନ୍ତ ଅଧିନାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅପରପକ୍ଷରେ ଅନ୍ୟତମ ଯୁବ ବାମହାତୀ ବ୍ୟାଟର୍ ସାଇ ସୂଦର୍ଶନଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ତେବେ ମୁମ୍ବାଇ ୱିକେଟ୍‌ରକ୍ଷକ ସର୍ଫରାଜ ଖାନଙ୍କୁ ଏହି ସିରିଜର କୌଣସି ମ୍ୟାଚରେ ସୁଯୋଗ ମିଳିନାହିଁ। ରଜତ ପାଟିଦାର ଓ ଆୟୂଷ ବଦୋନୀ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ଏହି ସିରିଜର ୨ୟ ମ୍ୟାଚ୍ ନଭେମ୍ବର ୬ରୁ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ, ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଖେଳୁଥିବାବେଳେ ପନ୍ତ ଆହତ ହୋଇ କ୍ରିକେଟରୁ ଦୂରେଇ ରହିଥିଲେ।

**ପ୍ରଥମ ଚାରିଦିବସୀୟ ମ୍ୟାଚ୍ ଲାଗି ଭାରତ-ଏ ଦଳ**: ଋଷଭ ପନ୍ତ, (ଅଧିନାୟକ), ସାଇ ସୂଦର୍ଶନ (ଉପ-ଅଧିନାୟକ), ଆୟୂଷ ମହାତ୍ରେ, ଏନ୍. ଜଗଦୀଶନ (ୱିକେଟ୍‌କିପର), ଦେବଦତ୍ତ ପାଡିକଲ, ରଜତ ପାଟିଦାର, ହର୍ଷ ଦୁବେ, ତନୁଷ କୋଟିଆନ, ମାନବ ସୂତାର, ଅଂଶୁଲ କାମ୍ବୋଜ, ଯଶ ଠାକୁର, ଆୟୂଷ ବଦୋନୀ, ସାରାଂଶ ଜୈନ

**ଦ୍ୱିତୀୟ ଚାରିଦିବସୀୟ ମ୍ୟାଚ୍ ଲାଗି ଭାରତ-ଏ ଦଳ**: ଋଷଭ ପନ୍ତ (ଅଧିନାୟକ), ସାଇ ସୂଦର୍ଶନ (ଉପଅଧିନାୟକ), ଲୋକେଶ ରାହୁଲ, ଧ୍ରୁବ ଜୁରେଲ, ଦେବଦତ୍ତ ପାଡିକଲ, ଋତୁରାଜ ଗାଏକ୍ୱାଡ, ହର୍ଷ ଦୁବେ, ତନୁଷ କୋଟିଆନ, ମାନବ ସୂତାର, ଖଲିଲ ଅହମ୍ମଦ, ଗୁରନୁର୍ ବ୍ରାର୍, ଅଭିମନ୍ୟୁ ଈଶ୍ୱରନ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଆକାଶଦୀପ।

## ଦୃଷ୍ଟିବାଧିତ ଫୁଟ୍‌ବଲ ତାଲିମ ଶିବିର ଉଦ୍‌ଯାପିତ




ଭୁବନେଶ୍ୱର, ୨୧।୧୦ (ସମିସ): ସାମାଜିକ ଅନୁଷ୍ଠାନ ବୁଲ୍ସଆଇ ପକ୍ଷରୁ ଜଟଣୀସ୍ଥିତ ଆଇଆଇସି କମ୍ପ୍ଲେକ୍ସରେ ଚାଲିଥିବା ରାଜ୍ୟସ୍ତରୀୟ ଦୃଷ୍ଟିବାଧିକ ଫୁଟ୍‌ବଲ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ତିନିଦିନିଆ ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ଦୃଷ୍ଟିବାଧିତ ବିଦ୍ୟାଳୟର ଖେଳ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଜାତୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଦଳର ସହ-ପ୍ରଶିକ୍ଷକ ନରେଶ ସିଂ ନୟାଲ ଏଥିରେ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଡେପୁଟୀ ସେକ୍ରେଟାରୀ ସନ୍ୟାସୀ କୁମାର ବେହେରା ଯୋଗଦେଇ ବୁଲ୍ସଆଇର ଏହି କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ। ସେହିଭଳି ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଆଇଆଇସିର ଅଧ୍ୟକ୍ଷ ତ୍ରିନାଥ ପାଢ଼ୀ, ବିକେ ପିଙ୍କି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥିଭାବେ ଭାରତ ସରକାରଙ୍କ ଭିନ୍ନକ୍ଷମ ବିଭାଗର ମୁଖ୍ୟ ଆୟୁକ୍ତ ପ୍ରବୀଣ କୁମାର, ରାଜ୍ୟର ବ୍ରତତୀ ହରିଚନ୍ଦନ ଯୋଗଦେଇଥିଲେ। ରାଜ୍ୟର କୋଣ ଅନୁକୋଣରୁ ଦୃଷ୍ଟିବାଧିତ ଖେଳାଳିମାନଙ୍କୁ ଆଣି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ବୁଲ୍ସଆଇର ମୁଖ୍ୟ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ତ୍ରିଲୋଚନ ବେଉରା କହିଛନ୍ତି।

ଏକଦିବସୀୟ କ୍ରିକେଟ୍ ଇତିହାସରେ ପ୍ରଥମ

# ସମ୍ପୂର୍ଣ୍ଣ ୫୦ ଓଭର ସ୍ପିନ ବୋଲିଂ କଲା ୱେଷ୍ଟଇଣ୍ଡିଜ



ଢାକା, ୨୧।୧୦ (ଏଜେନ୍ସି)

ଏକଦିବସୀୟ କ୍ରିକେଟ୍‌ର ୫୪ ବର୍ଷ ଇତିହାସରେ ମଙ୍ଗଳବାର ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ଶେର୍ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ଘରୋଇ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ଏକଦିବସୀୟ ସିରିଜର ଦ୍ୱିତୀୟ ମୁକାବିଲାରେ ୱେଷ୍ଟଇଣ୍ଡିଜ ସମ୍ପୂର୍ଣ୍ଣ ୫୦ ଓଭର ସ୍ପିନ ବୋଲିଂ କରିଥିଲା। ଯାହାକି ଦିନିକିଆ କ୍ରିକେଟ୍ ଇତିହାସରେ ପ୍ରଥମ ଘଟଣା ଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୭ ୱିକେଟ୍ ହରାଇ ୨୧୩ ରନ କରିଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ ୫ଜଣ ବୋଲର ଅକିଲା ହୋସେନ, ରୋଷ୍ଟନ ଚେଜ, ଗୁଦାକେଶ ମୋତି, ଖାରି ପିଏରେ ଓ ଆଲିକ ଅଥାନଜେ ୧୦ ଓଭର ଲେଖାଏ ବୋଲିଂ କରିଥିଲେ। ଏହି ସମସ୍ତ ୫ଜଣ ସ୍ପିନ ବୋଲର ରହିଥିଲେ। ସେମାନଙ୍କ ମଧ୍ୟରୁ ଅଥାନଜେ ଜଣେ ଓପନିଂ ବ୍ୟାଟର୍ ହୋଇଥିବାବେଳେ ସେ ପାର୍ଟଟାଇମ ଅଫ୍-ସ୍ପିନ ବୋଲିଂ କରିଥାନ୍ତି। ମ୍ୟାଚରେ ସେ ୧୦ ଓଭର ବୋଲିଂ କରି ୩ ମେଡେନ ସହ ୧୪ ରନ ବ୍ୟୟରେ ୨ଟି ୱିକେଟ୍ ନେଇ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଏପରିକି ୱେଷ୍ଟଇଣ୍ଡିଜର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଜଷ୍ଟିନ ଗ୍ରେଭେସ ଜଣେ ଦ୍ରୁତ ବୋଲର ହୋଇଥିଲେ ମଧ୍ୟ ଅଧିନାୟକ ସାଇ ହୋପ୍ ତାଙ୍କୁ ବୋଲିଂ ନ ଦେଇ ଅଥାନଜେଙ୍କୁ ପ୍ରାଥମିକତା ଦେଇଥିଲେ। ଯେହେତୁ ଏହି ପିଚ୍ ସ୍ପିନ ବୋଲରଙ୍କୁ ବହୁତ ସହାୟତା କରୁଥିଲା ତେଣୁ ହୋପ୍ ତାଙ୍କର ସ୍ପିନରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ୫୦ ଓଭର ବୋଲିଂ କରାଇବା ନେଇ ଯୋଜନା କରିଥିଲେ।

### ସୁପର୍ ଓଭରରେ ଜିତିଲା ୱେଷ୍ଟଇଣ୍ଡିଜ

ଏହି ମ୍ୟାଚରେ ବାଂଲାଦେଶ ପ୍ରଦତ୍ତ ୨୧୪ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ୫୦ ଓଭର ଖେଳିଥିଲେ ମଧ୍ୟ ୯ ୱିକେଟ୍ ହରାଇ ସମାନ ୨୧୩ ରନ କରିଥିଲା। ଫଳରେ ମ୍ୟାଚ୍ ଟାଇ ରହିଥିଲା। ସାଇ ହୋପ୍ ୫୩ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ୱେଷ୍ଟଇଣ୍ଡିଜକୁ ଜିତାଇପାରି ନ ଥିଲେ। ଏହାପରେ ସୁପର୍ ଓଭର ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୬ଟି ବଲ୍ ଖେଳି ଗୋଟିଏ ୱିକେଟ୍ ହରାଇ ୧୦ ରନ କରିଥିଲା। ଜବାବରେ ୧୧ ରନକୁ ପିଛା କରିଥିବା ବାଂଲାଦେଶ ଗୋଟିଏ ୱିକେଟ ହରାଇ ୯ ରନ କରିବାକୁ ସମର୍ଥ ହୋଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ୭୪ ରନରେ ହାରିଥିବା ୱେଷ୍ଟଇଣ୍ଡିଜ ଏଥିସହ ସିରିଜକୁ ୧-୧ରେ ବରାବରସ୍ଥିତିକୁ ଆଣିଛି। ନିର୍ଣ୍ଣାୟକ ୩ୟ ଦିନିକିଆ ଗୁରୁବାର ଖେଳାଯିବ। ଏହି ମ୍ୟାଚରେ ସ୍ପିନରମାନେ ମୋଟ୍ ୯୨ ଓଭର ବୋଲିଂ କରିଥିଲେ। ଯାହାକି ଅନ୍ୟ ଏକ ବିଶ୍ୱରେକର୍ଡ।

**ଏକଦିବସୀୟରେ ସ୍ପିନରଙ୍କ ଦ୍ୱାରା ସର୍ବାଧିକ ଓଭର ବୋଲିଂ**

| ଓଭର | ଦଳ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ୫୦ | ୱେଷ୍ଟଇଣ୍ଡିଜ | ବାଂଲାଦେଶ | ୨୦୨୫ |
| ୪୪ | ଶ୍ରୀଲଙ୍କା | ୱେଷ୍ଟଇଣ୍ଡିଜ | ୧୯୯୬ |
| ୪୪ | ଶ୍ରୀଲଙ୍କା | ନ୍ୟୁଜିଲାଣ୍ଡ | ୧୯୯୮ |
| ୪୪ | ଶ୍ରୀଲଙ୍କା | ଅଷ୍ଟ୍ରେଲିଆ | ୨୦୦୪ |
| ୪୩ | ଶ୍ରୀଲଙ୍କା | ୱେଷ୍ଟଇଣ୍ଡିଜ | ୧୯୯୫ |

ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

## ଅୟଙ୍କୁ ତ୍ରିମୁକୁଟ, ଲକ୍ଷ୍ମୀପ୍ରିୟାଙ୍କୁ ଦ୍ୱିମୁକୁଟ



**ଭୁବନେଶ୍ୱର, ୨୧।୧୦ (ସମିସ):** ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ୧୧ ଓ ୧୩ ରୁ କମ ବୟସ ବର୍ଗ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଅଛି। ତିନି ଦିନବ୍ୟାପୀ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମ ଅନୁଷ୍ଠିତ ହୋଇଥିବା ଏହି ଚାମ୍ପିଅନସିପର ୧୩ ବର୍ଷରୁ କମ ବୟସ ବର୍ଗରେ ସମ୍ବଲପୁରର ଅୟଙ୍କ ସାହୁ ତ୍ରିମୁକୁଟ ହାସଲ କରିଛନ୍ତି। ଅୟଙ୍କ ସିଙ୍ଗଲ ଫାଇନାଲରେ ୨୧-୧୮, ୨୧-୧୯ ସିଧାସଳଖ ଗେମ୍‌ରେ ଖୋର୍ଦ୍ଧାର ଫସୁଲ ସେଠୀଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ଡବଲସରେ ବାଲେଶ୍ୱରର ଏ. ଦାସଙ୍କୁ ସାଥୀକରି ଅନୁରୂପ ସାହୁ ଓ ଫସୁଲଙ୍କୁ ୨୧-୧୬, ୨୪-୧୪ ରେ ପରାସ୍ତ କରିଥିଲେ। ସେହିପରି ମିକ୍ସଡ ଡବଲସରେ ଏଲିନା ରାଜଙ୍କୁ ସାଥି କରି ଅୟଙ୍କ ୨୧-୧୮, ୨୧-୧୭ରେ ଋତୁରାଜ ପୁଟେଲ ଓ ରିସିକା ଦାସଙ୍କୁ ହରାଇ ତୃତୀୟ ଟ୍ରଫି ଜିତିଥିଲେ। ୧୩ ବର୍ଷରୁ କମ ବାଳିକା ବିଭାଗ ରେ ଜଗତସିଂହପୁରର ଲକ୍ଷ୍ମୀପ୍ରିୟା ଗୋଛାୟତ ଦ୍ୱିମୁକୁଟ ଲାଭ କରିଛନ୍ତି। ଲକ୍ଷ୍ମୀପ୍ରିୟା ସିଙ୍ଗଲ୍ସ ଓ ବାଳିକା ଡବଲ୍ସ ରେ ଚାମ୍ପିଅନ ହୋଇଥିଲ। ଖୋର୍ଦ୍ଧାର ସମର ମହାନ୍ତି ପ୍ରତିଯୋଗୀତାରେ ଦ୍ୱିମୁକୁଟ ଲାଭ କରିଛନ୍ତି। ସିଙ୍ଗଲରେ ସମର ୨୧-୧୪, ୨୧-୧୩ ଗେମେର ନିଜ ଜିଲ୍ଲାର ସାଇ ଆଶିଷଙ୍କୁ ଓ ଡବଲସରେ ମାଷ୍ଟର ଇଭାନଙ୍କୁ ସାଥି କରି ୨୧-୧୭, ୨୧-୧୧ ସାଇ ଆଶିଷ ଓ ବିହାଳ ସାମନ୍ତ ରାୟ ଯୋଡ଼ିଙ୍କୁ ହରାଇଥିଲେ। ବାଳିକା ବିଭାଗରେ ସମ୍ବଲପୁରର ଆରନି ବେହେରା ଚାମ୍ପିଅନ ହୋଇଛନ୍ତି। ବାଳିକା ଡବଲ୍ସରେ ଖୋର୍ଦ୍ଧା-କଟକ ଯୋଡି ସାଇପ୍ରିୟା ଓ ବଂଶୀକା ମଲ୍ଲିକ ଖୋର୍ଦ୍ଧା ଯୋଡି ଅନାୟା ସାମନ୍ତରାୟ ଓ ବୁଦ୍ଧନା ସୋନମ ଯୋଡିଙ୍କୁ ହରାଇ ଚାମ୍ପିଅନ ଆଖ୍ୟା ଲାଭ କରିଛନ୍ତି। ଆୟୋଜନ କମିଟି ସମ୍ପାଦକ ଅଜିତ ମହାନ୍ତି ଓ ଦୀପକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହେଇଥିବା ଉଦଯାପନୀ ସଭାରେ ଓସବା ଯୁଗ୍ମସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଓ ମୁଖ୍ୟ ରେଫରୀ ବିଜୟ ବାଗ କୃତି ଖେଳାଳିଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାର ସୁପରିଚାଳନା ପାଇଁ ଅଫିସିଆଲ ପର୍ଯ୍ୟବେକ୍ଷକ ଲକ୍ଷପତି ନନ୍ଦ ଓ ସୁବାସ ଚନ୍ଦ୍ର ସାହୁ, ଟୁର୍ଣ୍ଣାମେଣ୍ଟ ସଂଯୋଜକ ଭାବେ ତାରାକାନ୍ତ ଦାସ,ଅବଦୁଲ ହାକିମ ଓ ଜୟ ପ୍ରକାଶ ଜେନା, ପ୍ରତ୍ୟୁଷ ସାମନ୍ତରାୟ ଓ ଓସବା ଉପସଭାପତି ପ୍ରଦୀପ ପଟ୍ଟନାୟକ ନିଯୁକ୍ତ ହୋଇଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ

EXECUTIVE EDITOR: SAMARENDU DAS